ନିତିଦିନ

NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20

8 PAGES ● ₹ 6/-

www.nitidin.com

twitter.com/nitidintoday

facebook.com/nitidintoday

SATURDAY
23 MAY 2026

ଶନିବାର
୨୩ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 364 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୬୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

କ୍ରିମିଲେୟାରଙ୍କୁ ସଂରକ୍ଷଣ କାହିଁକି: ସୁପ୍ରିମ୍‌କୋର୍ଟ

ସଂରକ୍ଷଣ ବ୍ୟବସ୍ଥାରେ ସନ୍ତୁଳନ ଜରୁରୀ

ନୂଆଦିଲ୍ଲୀ, ୨୨।୫/ଏଜେନ୍ସି:

ଶୁକ୍ରବାର ସୁପ୍ରିମକୋର୍ଟ ସରକାରୀ ନିଯୁକ୍ତି କ୍ଷେତ୍ରରେ କ୍ରିମିଲେୟାର (ଆର୍ଥିକ/ସାମାଜିକ ସ୍ୱଚ୍ଛଳ ସଂରକ୍ଷିତ ବର୍ଗ) ପ୍ରାର୍ଥୀମାନେ ସଂରକ୍ଷଣ (ଆରକ୍ଷଣ) ସୁବିଧା ନେବା ଉପରେ ଚିନ୍ତା ପ୍ରକଟ କରିଛନ୍ତି । କୋର୍ଟ ପ୍ରଶ୍ନ କରିଛନ୍ତି, ଯଦି ପିତାମାତା ଉଭୟ ଆଇଏଏସ୍ ଅଫିସର, ତେବେ ସେମାନଙ୍କ ପିଲାମାନଙ୍କୁ ସଂରକ୍ଷଣ କାହିଁକି ମିଳିବା ଉଚିତ୍ ? ଖଣ୍ଡପୀଠଙ୍କ କହିବାନୁସାରେ ଶିକ୍ଷା ଏବଂ ଆର୍ଥିକ ସଶକ୍ତୀକରଣ ସହିତ ସାମାଜିକ ଗତିଶୀଳତା ମଧ୍ୟ ଆସିଥାଏ । ଏଭଳି ସ୍ଥିତିରେ, ଯଦି ସମ୍ପନ୍ନ ବର୍ଗର ପିଲାମାନଙ୍କ ପାଇଁ ପୁଣି ଥରେ ସଂରକ୍ଷଣ ଦାବି କରାଯାଏ, ତେବେ ଆମେ କେବେବି ଏହି ଚକ୍ରରୁ ବାହାରି ପାରିବା ନାହିଁ । ଜଷ୍ଟିସ୍ ବି.ଭି. ନାଗରନ୍ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ବେଞ୍ଚ କର୍ଣ୍ଣାଟକ ହାଇକୋର୍ଟଙ୍କ ଏକ ସେବା ସମ୍ବନ୍ଧୀୟ ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି କରିବା ସମୟରେ ଏହି ଟିପ୍ପଣୀ ଦେଇଛନ୍ତି । ଆବେଦନକାରୀଙ୍କ ପିତାମାତା ଉଭୟ ରାଜ୍ୟ ସରକାରଙ୍କ ଅଧୀନସ୍ଥ କର୍ମଚାରୀ ହୋଇଥିବାରୁ, ସେମାନଙ୍କୁ କ୍ରିମିଲେୟାର ଆଧାରରେ ସଂରକ୍ଷଣ ପରିସରରୁ ବାହାରେ ରଖାଯାଇଥିଲା, ଯାହାକୁ ନେଇ ଏହି ମାମଲା କୋର୍ଟକୁ ଯାଇଥିଲା ।

ରିପୋର୍ଟ ଅନୁସାରେ ଜଣେ ନିଯୁକ୍ତି ଆଶାୟୀ କର୍ଣ୍ଣାଟକର କୁରୁବା ସମ୍ପ୍ରଦାୟର ହୋଇଥିବା ବେଳେ ତାଙ୍କ ବାପା ମା' ଉଭୟ ସରକାରୀ ଚାକିରି କରିଛନ୍ତି । ଅନ୍ୟପକ୍ଷେ ରାଜ୍ୟ ସରକାର ଏହି କୁରୁବା ସମ୍ପ୍ରଦାୟକୁ ପଛୁଆ ବର୍ଗ ଅଧୀନରେ ରଖିଥିବାରୁ ଏହି ସଂରକ୍ଷିତ କୋଟା ଅଧୀନରେ ଏହି ନିଯୁକ୍ତି ଆଶାୟୀଙ୍କର 'କର୍ଣ୍ଣାଟକ ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ୍'ରେ 'ସହକାରୀ ଇଞ୍ଜିନିୟର' ପଦବୀରେ ଚୟନ ହୋଇଥିଲା । କିନ୍ତୁ 'ଜିଲ୍ଲା ଜାତି ଏବଂ ଆୟ ସତ୍ୟାପନ ସମିତି' ତାଙ୍କୁ 'ଜାତି ପ୍ରମାଣପତ୍ର'ଦେବାକୁ ମନା କରିଦେଇଥିଲେ ଏବଂ କହିଥିଲେ ଯେ ସେ 'କ୍ରିମିଲେୟାର' ପରିସରଭୁକ୍ତ ଅଟନ୍ତି । ପ୍ରାର୍ଥୀଙ୍କ ପରିବାରର ବାର୍ଷିକ ଆୟ ପ୍ରାୟ ୧୯.୪୮ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ଅଧିକାରୀମାନେ ଜାଣିବାକୁ ପାଇଥିଲେ ଯେ ତାଙ୍କ ପିତାମାତା ଉଭୟ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ସମୁଦାୟ ଆୟ, 'କ୍ରିମିଲେୟାର' ପାଇଁ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଅଟେ । ନିୟମ ଅନୁଯାୟୀ, ଓବିସି ସଂରକ୍ଷଣରେ 'କ୍ରିମିଲେୟାର'ର ସାମ୍ପ୍ରତିକ ବାର୍ଷିକ ଆୟ ସୀମା ୮ ଲକ୍ଷ ଟଙ୍କା ରହିଛି । ଅର୍ଥାତ୍ ଯଦି କୌଣସି ଓବିସି ପରିବାରର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ସାଧାରଣତଃ ସେମାନଙ୍କ ▶▶ ୫

ରାଜ୍ୟରେ ଘନ ଘନ ବିଜୁଳି କାଟ୍: ପ୍ରତିକ୍ରିୟା ରଖିଲେ ଶକ୍ତିମନ୍ତ୍ରୀ

'ଓଭରଲୋଡ୍ ସହ ଟ୍ରାନ୍ସଫର୍ମର ବର୍ଣ୍ଣ୍ ଆଉଟ୍ ହେଉଛି'

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍:

ରାଜ୍ୟରେ ସମ୍ପ୍ରତି ଗ୍ରୀଷ୍ମପ୍ରବାହ ଅତ୍ୟନ୍ତ ବିପଦଜନକ ସ୍ଥିତିରେ ଥିଲା ବେଳେ ଘନଘନ ବିଦ୍ୟୁତ୍ କାଟ ସାଧାରଣ ଧନଜୀବନକୁ ଗୁରୁତର ପ୍ରଭାବିତ କରିଛି । ତେବେ ଏନେଇ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଏବେ ଯେଉଁପରି ହିଟ୍‌ୱେଭ୍ ଚାଲିଛି, ସେସବୁକୁ ରୋକିବା ତାହା କାହାରି ହାତରେ ନାହିଁ । ତାପମାତ୍ରା ପିକ୍ ସମୟରେ ଥିବା ବେଳେ ବିଜୁଳିର ଅଧିକ ଡିମାଣ୍ଡ୍ ରହୁଛି, ଅଧିକ ଏସି/କୁଲର ଆଦି ବ୍ୟବହାର ହେଉଛି । ଫଳରେ ଓଭରଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣ୍ ଆଉଟ୍ (ଜଳିଯିବା) ହେଉଛି । ତଥାପି ଶୀଘ୍ର ରିଷ୍ଟୋର୍ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ । ଲୋକେ ଯେପରି ନିରନ୍ତର ବିଜୁଳି ପାଇପାରିବେ ଆମେ ଚେଷ୍ଟା କରୁଛୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ବିଷୟରେ ଚେତାବନୀ ଦେଇଛନ୍ତି ଯେ, ଗ୍ରୀଷ୍ମ ଋତୁରେ କୌଣସି ପ୍ରକାରର ଅବହେଳା କିମ୍ବା ବେପରୁଆ ବିଦ୍ୟୁତ କାଟକୁ ବରଦାସ୍ତ କରାଯିବ ନାହିଁ ଏବଂ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଓଡ଼ିଶାରେ ଚଳିତ ଗ୍ରୀଷ୍ମ ଋତୁରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସେ ଏହି କମ୍ପାନୀଗୁଡ଼ିକ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ପ୍ରଚଣ୍ଡ ଗ୍ରୀଷ୍ମ ▶▶ ୫

ପାୱାର କମ୍ପାନୀଙ୍କ ଉପରେ ଲାଗୁ ହେଲା ଏସ୍ମା

ସଂସ୍ଥାରେ ୬ ମାସ ପାଇଁ ହୋଇପାରିବନି ଧର୍ମଘଟ

ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ଓ ତେଲ ସଙ୍କଟଜନିତ ଚାପ ମଧ୍ୟରେ ଓଡ଼ିଶା ସରକାର ଶକ୍ତିକ୍ଷେତ୍ର ସହ ଜଡ଼ିତ ସମସ୍ତ କମ୍ପାନୀଙ୍କ ଉପରେ ଏସ୍ମା ଲାଗୁ କରିଛନ୍ତି । ଏସବୁ ସଂସ୍ଥାରେ ଆଗାମୀ ୬ ମାସ ପାଇଁ କୌଣସି ପ୍ରକାର ଧର୍ମଘଟକୁ ନିଷିଦ୍ଧ କରିଛନ୍ତି । ଗ୍ରିଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି, ଓପିଜିସି, ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଭଳି ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପରେ ଏହି ଆଦେଶ ଲାଗୁ କରାଯାଇଛି । ଏଥିସହ ରାଜ୍ୟର ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ସଂସ୍ଥାମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ ହେବ ।

ସାମ୍ପ୍ରତିକ ସ୍ଥିତାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ଇନ୍ଧନ ଖର୍ଚ୍ଚ'କୁ ସଂକୁଚିତ କରିବା ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଶକ୍ତିକ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକ ପାଇଁ ଏହି ନୂଆ ନିର୍ଦ୍ଦେଶ ଦିଆଯାଇଛି । ଗୃହ ବିଭାଗର ବିଶେଷ ଶାଖା ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ଅତ୍ୟାବଶ୍ୟକ ସେବା (ପରିଚାଳନା) ଆଇନ ୧୯୮୮ ବଳରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି । ସରକାରଙ୍କ ଏହି ନିର୍ଦ୍ଦେଶ ଫଳରେ ଏହି ସଂସ୍ଥାଗୁଡ଼ିକର କର୍ମଚାରୀ, ଇଞ୍ଜିନିୟର ଓ ଅନ୍ୟ ସଂପୃକ୍ତ ସେବାକର୍ମୀମାନେ ଏଣିକି ଧର୍ମଘଟ କିମ୍ବା କାମ ବନ୍ଦ ▶▶ ୫

ମୁଖ୍ୟମନ୍ତ୍ରୀଙ୍କ ଆଉ ଏକ ବଡ଼ ନିଷ୍ପତ୍ତି

ଚାରିକୁ କମିଲା କାରକେଡ୍ ଗାଡ଼ି ସଂଖ୍ୟା

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍ :

ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗଗୁଡ଼ିକ ନିମନ୍ତେ ଆଠ ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିବାର ଚବିଶ ଘଣ୍ଟାନପୁରୁଣୁ ନିଜ କାରକେଡ୍ ଗାଡ଼ି ସଂଖ୍ୟା ଚାରିକୁ ଖସାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବା ପରେ ଶ୍ରୀ ମାଝୀ ନିଜ କାରକେଡ୍‌ରେ ମୋଟ୍ ୧୨ ଗାଡ଼ି ବ୍ୟବହାର କରୁଥିଲେ । ଏଥିରେ ନିଜ ବୁଲେଟ୍ ପ୍ରୁଫ୍ ଚାରିଚକିଆ ଯାନ ସହ ପାଇଲଟ୍, ଆମ୍ବୁଲାନ୍ସ,ଦମକଳ ଗାଡ଼ି ଅନ୍ତର୍ଭୁକ୍ତ ଥିଲା । ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ୍‌ର ଗାଡ଼ିସଂଖ୍ୟା ଅଧା କରିଥିଲେ । ଅର୍ଥାତ ୬ଟି ଗାଡ଼ି କାରକେଡ୍‌ରେ ବ୍ୟବହାର ହେଉଥିଲା । ଗତକାଲି ଅର୍ଥାତ ଗୁରୁବାର ପୁଣି ମୁଖ୍ୟମନ୍ତ୍ରୀ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କୁ ମଧ୍ୟ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ ବ୍ୟବହାର କରିବାକୁ ସେ ନିବେଦନ କରିଛନ୍ତି । ସେଥିପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନିଜ କାରକେଡ୍ ଗାଡ଼ି ସଂଖ୍ୟାକୁ ୪ଟି ହ୍ରାସ କରିଛନ୍ତି ।

ଉଲ୍ଲେଖନୀୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ନିଜ ବ୍ୟକ୍ତିଗତ ସୁରକ୍ଷାକୁ କାଣ୍ଟଛାଣ୍ଟ କରିଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପାଇଁ ଯାଉଥିବା ଗାଡ଼ିଗୁଡ଼ିକୁ କମ୍ କରି ଅଧା କରାଯାଇଛି । ▶▶ ୫

ରାଜା ସ୍ୱାଇଁଙ୍କ ଗାଡ଼ି ଉପରେ ଆକ୍ରମଣ

● ଘଟଣାକୁ ତୀବ୍ର ନିନ୍ଦା କଲା ବିଜେଡି ● ବିଜେପିର ସ୍ପଷ୍ଟୀକରଣ

ତିଗିରିଆ, ୨୨।୫/ଏନ୍ଏନ୍ଏସ୍:



ବିଧାୟକ ରଣେନ୍ଦ୍ର ପ୍ରତାପ (ରାଜା) ସ୍ୱାଇଁଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ତିଗିରିଆ ବ୍ଲକ୍ ଛକରେ ବିଧାୟକ ଶ୍ରୀ ସ୍ୱାଇଁଙ୍କ ଗାଡି ଉପରକୁ କିଛି ଯୁବକ ପାଣି ବୋତଲ ଓ ଅଣ୍ଡା ମାଡ଼ କରିଛନ୍ତି । ଏପରିକି ବିଭିନ୍ନ ପ୍ରକାର ନାରାବାଜି କରିବା ସହ ଠେଙ୍ଗାବାଡି ଧରି ମଧ୍ୟ ଗୋଡ଼ାଇଥିବା ଜଣାପଡିଛି । ବିଧାୟକ ଶ୍ରୀ ସ୍ୱାଇଁ ପଞ୍ଚାୟତ ସମିତି ବୈଠକକୁ ଯିବା ବେଳେ ପାଞ୍ଚଗାଁ ହନୁମାନ ମନ୍ଦିର ଛକରେ ତାଙ୍କୁ ଏପ୍ରକାର ବିରୋଧାଭାସର ସମ୍ମୁଖୀନ ହେବାକୁ ପଡିଛି । ସ୍ଥିତି ଏପରି ହୋଇଥିଲା ଯେ, ବିଧାୟକଙ୍କୁ ଏବଂ ତାଙ୍କ ଗାଡିକୁ ସୁରକ୍ଷା ଦେବାକୁ ପୁଲିସ୍ ଟିମ୍‌କୁ ଆସିବାକୁ ପଡିଥିଲା । ପୁଲିସ୍ ସୁରକ୍ଷା ବଳୟ ମଧ୍ୟରେ ବିଧାୟକଙ୍କୁ ବ୍ଲକ ପରିସରକୁ ନେଇଥିଲା । ଯାହାଫଳରେ ଏକ ବଡ଼ ଧରଣର ଅପ୍ରୀତିକର ପରିସ୍ଥିତି ଟଳିଯାଇଛି ବୋଲି କୁହାଯାଇପାରେ । ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଏବେ ବିଜେଡି ଏବଂ ବିଜେପି ମଧ୍ୟରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ତୀବ୍ର ହୋଇଛି । ତେବେ ପରେ ଯଦିଓ ଶ୍ରୀ ସ୍ୱାଇଁ ବ୍ଲକ୍ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିଲେ ସେ କିନ୍ତୁ ଏଠାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆସିବାକୁ ଅନୁମତି ଦେଇନଥିଲେ ।

ବିଜୁ ଜନତା ଦଳ (ବିଜେଡି) ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି । ଏହା ସ୍ଥାନୀୟ ବିଜେପି ନେତୃତ୍ୱରେ ହୋଇଥିବା ଏକ 'ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର' ▶▶ ୫

ଜୁନ୍ ୨୮କୁ ଘୁଞ୍ଚିଲା ଓଟିଇଟି

କଟକ,୨୨।୫/ଏନ୍ଏନ୍ଏସ୍:

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର । ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଏହି ପରୀକ୍ଷା ଜୁନ୍ ୨୧ ତାରିଖରେ ହେବାର ଥିଲା, ମାତ୍ର ଏବେ ଏହାକୁ ଘୁଞ୍ଚାଇ ଦିଆଯାଇଛି । ଆସନ୍ତା ଜୁନ୍ ୨୮ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା ଅନୁଯାୟୀ, ଜୁନ୍ ୨୮ ତାରିଖରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ । ପ୍ରଥମ ପେପର ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସଞ୍ଜ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ ।

ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ଜୁନ୍ ୧୭ ତାରିଖରୁ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ । ବୋର୍ଡର ଅଫିସିଆଲ୍ ୱେବସାଇଟ୍ www.bseodisha.nic.inରେ ଏହି ଆଡମିଟ୍ କାର୍ଡ ଉପଲବ୍ଧ ହେବ । ପରୀକ୍ଷାର୍ଥୀମାନେ ୱେବସାଇଟ୍‌କୁ ଯାଇ ନିଜର ଲଗ୍‌ଇନ୍ ଆଇଡି ବ୍ୟବହାର କରି ଏହାକୁ ସହଜରେ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

ଶିମିଳିପାଳରେ ପୁଣି କଳା ମହାବଳ ବାଘ ଶିକାର

ବାଘଛାଲ ଡିଲ୍ ବେଳେ ମାଡ଼ିବସିଲା ବନବିଭାଗ, ୩ ଗିରଫ

ଶିମିଳିପାଳ, ୨୨।୫/ଏନ୍ଏନ୍ଏସ୍:

ଶିମିଳିପାଳ ଅଭୟାରଣ୍ୟରେ ପୁଣିଥରେ ଏକ ବିରଳ କଳା ମହାବଳ ବାଘକୁ ଶିକାର କରାଯାଇଥିବା ସମ୍ପର୍କରେ ସୂଚନା ମିଳିଛି । ତେବେ ଅଭିଯୁକ୍ତମାନେ ବାଘଛାଲ (ଚମଡା)କୁ ବିକ୍ରି ପାଇଁ ଦ୍ୱିତୀୟ ପକ୍ଷ ସହ ଡିଲ୍ କରୁଥିବା ବେଳେ ବନବିଭାଗ ଏମାନଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ବାଘ ଛାଲ ସହ ୩ ବାଇକ୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଏହି ଘଟଣାରେ ଅଧିକ ସୂଚନା ପାଇବା ପାଇଁ ଶିମିଳିପାଳ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି ।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉପ-ନିର୍ଦ୍ଦେଶକ ସୁମିତ କରଙ୍କ ସୂଚନା ଅନୁଯାୟୀ, ଖୁଣ୍ଟା ଥାନା ଅନ୍ତର୍ଗତ ବାସିପିଠା-ଭୂପତ ରୋଡ୍ ନିକଟରେ ଏହି ସ୍ମଗଲରମାନେ ବାଘ ଚମଡ଼ା ବିକ୍ରି ପାଇଁ ଗ୍ରାହକଙ୍କ ସହ ଡିଲ୍ କରୁଥିବା ବେଳେ ବନ ବିଭାଗ ଟିମ୍ ସେମାନଙ୍କୁ କାବୁ କରିଥିଲା । ଅନ୍ୟପକ୍ଷେ ଜବତ ହୋଇଥିବା ଚମଡ଼ାଟି ପ୍ରାୟ ୨ ବର୍ଷର ଏକ କଳା ବାଘ ଛୁଆର ବୋଲି ଅନୁମାନ କରାଯାଉଛି । ଚମଡ଼ାର ନମୁନାକୁ ଅଧିକ ପରୀକ୍ଷା ପାଇଁ ଲ୍ୟାବ୍‌କୁ ▶▶ ୫

ଅଟୋକୁ ଧକ୍କାଦେଲା ଦ୍ରୁତଗାମୀ ବସ୍

୨ ନାବାଳିକାଙ୍କ ସମେତ ୬ ମୃତ

ବ୍ରହ୍ମପୁର,ପୁରୁଷୋତ୍ତମପୁର, ୨୨।୫/ଏନ୍ଏନ୍ଏସ୍:

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଲଡକାପଲ୍ଲୀ ଅଞ୍ଚଳରେ ଆଜି ପୂର୍ବାହ୍ନରେ ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ସମସ୍ତ ମୃତକମାନେ ଚିକିଟି ବ୍ଲକ୍‌ର କେ ନୂଆଗାଁ ଥାନା ଅଧୀନ ଏରେଣ୍ଡା ଗ୍ରାମର ସ୍ଥାୟୀ ବାସିନ୍ଦା ବୋଲି ଚିହ୍ନଟ ହୋଇଛନ୍ତି । ମୃତକଙ୍କ ମଧ୍ୟରେ କିରଣ ବେହେରା (୧୦), ସନି ବେହେରା (୧୨), ନୀଳା ବେହେରା (୫୦), ନାରସୁ ବେହେରା(୪୩), ରତନୀ ବେହେରା(୪୦), ମଲ୍ଲି ବେହେରା(୭୫) ରହିଛନ୍ତି । ଗୁରୁତରଙ୍କ ମଧ୍ୟରେ ଅଳକା ବେହେରା(୧୭), କନକ ବେହେରା(୬୦), ଭାଗ୍ୟ ବେହେରା(୫୫), ଝିଲି ବେହେରା (୪୦), ଗୀତାଞ୍ଜଳି ବେହେରା ଓ ଅଟୋ ଡ୍ରାଇଭର ବାବୁ ପ୍ରଧାନ ରହିଛନ୍ତି । ପ୍ରାୟ ୧୨ ଶ୍ରଦ୍ଧାଳୁ ଏକ ଅଟୋ ଯୋଗେ ପୋଲସରା ଥାନା ଅଧୀନ ମା' ସିଂହାସନୀ ପୀଠ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ପୁରୁଷୋତ୍ତମପୁର ଥାନା ଅଧିନ ଲଡକାପଲ୍ଲୀ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ।

ଶୋକବ୍ୟକ୍ତ ସହ ଆର୍ଥିକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏକ ଯାତ୍ରୀବୋଝେଇ ବସ୍ ଭାରସାମ୍ୟ ହରାଇବାରୁ ପଛପଟୁ ଆସି ଅଟୋଟିକୁ ଜୋରଦାର ଧକ୍କା ଦେଇଥିଲା । ଧକ୍କା ହେବା ପରେ ବସ୍‌ଟି ଅଟୋକୁ ଅନେକ ▶▶ ୫

'ଅଗ୍ନି-୧'ର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨୨।୫/ଏନ୍ଏନ୍ଏସ୍:

ଭାରତୀୟ ସାମରିକ ଶକ୍ତିର ସାମର୍ଥ୍ୟକୁ ଆହୁରି ସୁଦୃଢ଼ କରି ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୧'ର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସାମରିକ ପ୍ରତିରକ୍ଷା ବାହିନୀ ▶▶ ୫

୧୦ ରାଜ୍ୟରେ ଖାଲିପଡ଼ିବ ୨୪ ରାଜ୍ୟସଭା ଆସନ

ଜୁନ୍ ୧ରେ ବିଜ୍ଞପ୍ତି, ୧୮ରେ ମତଦାନ

ନୂଆଦିଲ୍ଲୀ, ୨୨।୫/ଏଜେନ୍ସି: ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି । ଜୁନ୍-ଜୁଲାଇରେ ଖାଲି ହେଉଥିବା ଏହି ୨୪ଟି ରାଜ୍ୟସଭା ଆସନ ପାଇଁ ଭୋଟ୍ ଜୁନ୍ ୧୮ ତାରିଖରେ ଅନୁଷ୍ଠିତ ହେବ ଏବଂ ଫଳାଫଳ ମଧ୍ୟ ଏହି ଦିନ ହିଁ ଘୋଷଣା କରାଯିବ । ଶୁକ୍ରବାର ନିର୍ବାଚନ କମିଶନ ଏହି ମର୍ମରେ ନିର୍ବାଚନ ତାରିଖ ଘୋଷଣା କରିବା ସହ କହିଛନ୍ତି ଯେ ଆଗକୁ ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ଖାଲିହେବାକୁ ଯାଉଛି । ସୁତରାଂ ଏସବୁ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ କରାଯିବ । ତେବେ ନିର୍ବାଚନ କମିଶନଙ୍କ ଘୋଷଣା ପରେ, ଏସବୁ ରାଜ୍ୟରେ ରାଜନୈତିକ କାର୍ଯ୍ୟକଳାପ ତୀବ୍ର ହୋଇଛି ।

ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, କର୍ଣ୍ଣାଟକ, ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମ ଆଦି ଅନ୍ତର୍ଭୁକ୍ତ । ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ସର୍ବାଧିକ ୪ଟି ଆସନରେ ନିର୍ବାଚନ ହେବ । ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ପ୍ରତ୍ୟେକରେ ତିନୋଟି ଆସନ, ଝାଡ଼ଖଣ୍ଡର ଦୁଇଟି ଆସନ ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମର ପ୍ରତ୍ୟେକରେ ଗୋଟିଏ ଆସନ ପାଇଁ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ । ମହାରାଷ୍ଟ୍ର ଏବଂ ତାମିଲନାଡୁରୁ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ମଧ୍ୟ ଜୁନ୍ ୧୮ ତାରିଖରେ ଅନୁଷ୍ଠିତ ହେବ ।

ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ ଜୁନ୍ ୨୧ରୁ ଜୁଲାଇ ୧୯ ମଧ୍ୟରେ ୧୦ ଟି ରାଜ୍ୟର ବର୍ତ୍ତମାନର ସାଂସଦମାନେ ରାଜ୍ୟସଭାରୁ ଭିନ୍ନ ଭିନ୍ନ ତାରିଖରେ ଅବସର ନେଉଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ, ଦିଗବିଜୟ ସିଂହ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗୌଡାଙ୍କ ଭଳି ପ୍ରମୁଖ ନେତା ରାଜ୍ୟସଭାରୁ ଅବସର ନେବେ । ▶▶ ୫

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପ ମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ । ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି । ସମସ୍ତଙ୍କ ସହଯୋଗରେ ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି । ଆଜି ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚଳିତ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁରୀ ଜିଲ୍ଲା ପୋଲିସ, ଦଇତାପତି ନିଯୋଗ ଏବଂ ଅନ୍ୟ ସଂପୃକ୍ତ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଏଥିରେ ▶▶ ୫

ଓଡ଼ିଶାରେ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ

ଭୁବନେଶ୍ୱର,୨୨/୫, ଏନ୍‌ଏନ୍‌ଏସ୍ : ଓଡିଶାରେ ଅନୁଷ୍ଠିତ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ । ଏଥିରେ ଓଡ଼ିଶା ସହିତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡର ପ୍ରତିନିଧିମାନେ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଏହିସବୁ ରାଜ୍ୟଗୁଡ଼ିକର ସମନ୍ୱିତ ଭୂମିକା, ଓଡ଼ିଶାର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସିଆଇଆଇ, ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଅନୀଲ ସିଂ ଏବଂ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାରେ ଆଗାମୀ ସିଆଇଆଇ ପୂର୍ବାଞ୍ଚଳ ପରିଷଦର ସମ୍ମିଳନୀ ଆୟୋଜନ ସଂପର୍କରେ ଆଲୋଚନା କରିଛନ୍ତି ।

ମେଡିକାଲ କର୍ମଚାରୀ ସଂଘ ବିବାଦ

ସଭାପତି ରଣେନ୍ଦ୍ରଙ୍କ ନିର୍ବାଚନକୁ 'ଗଳାବାଟ' କହିଲେ ସାଧାରଣ ସମ୍ପାଦକ

କଟକ,୨୨।୫/ଏନ୍‌ଏନ୍‌ଏସ୍: ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ନିର୍ବାଚନକୁ ନେଇ ଏବେ ବିବାଦ ଦେଖାଯାଇଛି । ଗତ ୧୭ ତାରିଖରେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସଂଘର ସଭାପତି ନିର୍ବାଚିତ ହୋଇଥିଲା ବେଳେ ସଂଘରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ଘଟଣାକୁ ନେଇ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଶ୍ରମ ବିଭାଗ ପକ୍ଷରୁ ଚିଠି ନଂ.୨୪- ୨୨-୦୫- ୧୯୪୬ରିଖରେ ସଂଘ ପଞ୍ଜିକରଣ ହୋଇଥିବା ବେଳେ ଅର୍ଥ ନେଣଦେଣର ପ୍ରତିବର୍ଷ ରିଟର୍ଣ୍ଣ ଫାଇଲ କରାଯାଉଛି । ତେବେ ସଂଘର ନୂତନ ସଭାପତି ଗଳାବାଟ ଦେଇ ନିର୍ବାଚିତ ହୋଇଛନ୍ତି ବୋଲି ସେ କହିଛନ୍ତି । ଗତ ୧୭ ତାରିଖ ରାଜ୍ୟର ୨୬ଟି ଜିଲ୍ଲା ଓ ୬ଟି ମେଡିକାଲ କଲେଜ ଓ ହସ୍ପିଟାଲ, ରାଜଧାନୀର ମୁଖ୍ୟ ଚିକିତ୍ସାଳୟ, ଆରଜିଏର୍ ରାଉରକେଲା, ଏସ୍‌ସିବି ମେଡିକାଲ୍ କର୍ମଚାରୀ ସଂଘର ସଦସ୍ୟ ସର୍ବମୋଟ ୨ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଏହି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସଂଘର ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ଓ ଏସସିବି ଶାଖା ସଂଘର ନିର୍ବାଚନରେ ଭାଗ ନେଇଥିଲେ । ଏହି ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ଆଠଗଡ ବିଧାୟକ ଶ୍ରୀ ସାଇଁ ନିର୍ବାଚିତ ହୋଇଥିଲେ । କିନ୍ତୁ ପୂର୍ଣ୍ଣଚନ୍ଦ୍ର ରାଉତ ସଂଘର ନୂତନ ସଭାପତି ତଥା ଆଠଗଡ଼ ବିଧାୟକ ଶ୍ରୀ ସ୍ୱାଇଁଙ୍କ ନାମ ଧରି ସେ ଗଳାବାଟ ଦେଇ ନିର୍ବାଚିତ ହୋଇଛନ୍ତି । ଶ୍ରୀ ରାଉତଙ୍କ ନାମରେ ଏକ ଏଫ୍‌ଆଇଆର୍ କରାଯିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଉପ-ସଭାପତି ସାକିର ଖାନ, ଉପ-ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ସଚିତ୍ର ପ୍ରଧାନ, କୈଳାସ ଜେନା, ନରେନ୍ଦ୍ର ଟୋପାକ, ସାଙ୍ଗଠନିକ ସମ୍ପାଦକ ବିଜୟ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ନାୟକ, ସଭ୍ୟ ପ୍ରଦୀପ କୁମାର ସାହୁ, ସୁବ୍ରତ ନାୟକ, ନରେନ୍ଦ୍ର ନାୟକ, ବି. ଲକ୍ଷ୍ମୀ, ଉର୍ମିଳା ଜେନା, ପମି ପୃଷ୍ଟି, ହରେକୃଷ୍ଣ ଘଡ଼ାଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସଙ୍ଗଠନ ସୁଦୃଢ଼ ପାଇଁ କଂଗ୍ରେସ୍‌ର ସମନ୍ୱୟ କମିଟି

କଟକ,୨୨।୫/ଏନ୍‌ଏନ୍‌ଏସ୍: କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ଏକ ସାଂଗଠନିକ ବୈଠକ ଆଜି ପୂର୍ବାହ୍ନରେ ଓଏମ୍‌ପି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ନଗର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶାନ୍ତାୟନ ମିଶ୍ରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ବାରବାଟୀ -କଟକ, ଚୌଦ୍ୱାର - କଟକ ଓ କଟକ ସଦରରେ ଥିବା ୱାର୍ଡଗୁଡ଼ିକୁ ନେଇ ୩ଟି ମଧ୍ୟବର୍ତ୍ତୀକାଳୀନ ସମନ୍ୱୟ କମିଟି ଗଠନ କରାଯାଇଛି । କମିଟିରେ ସମସ୍ତ ୫୯ଟି ୱାର୍ଡର ବିଭିନ୍ନ ଦକ୍ଷ ସଂଗଠକମାନଙ୍କୁ ସ୍ଥାନିତ କରାଯାଇଥିବା ବେଳେ ସମସ୍ତ ନିର୍ବାଚିତ କଂଗ୍ରେସ କର୍ପୋରେଟର୍, କଟକ ନଗରରୁ ପ୍ରଦେଶ କଂଗ୍ରେସ କମିଟିରେ ସ୍ଥାନୀତ ହୋଇଥିବା କର୍ମକର୍ତ୍ତା, ସମସ୍ତ ପ୍ରକୋଷ୍ଠ ଓ ସାମ୍ମୁଖ୍ୟର କର୍ମକର୍ତ୍ତା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବରେ ରହିଛନ୍ତି । ଏହି କମିଟି କଂଗ୍ରେସ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ସହ ଦଳରେ ଯୋଗ୍ୟ ଯୁବ ପ୍ରତିଭାମାନଙ୍କୁ ସାମିଲ କରିବା ଓ ୱାର୍ଡଗୁଡ଼ିକୁ ଗସ୍ତ କରି ସେଠାରେ କମିଟି ଓ ବ୍ଲକ୍ କମିଟିଗୁଡ଼ିକ ଗଠନ ସମ୍ପର୍କରେ ସର୍ବସମ୍ମତ ପ୍ରସ୍ତାବଗୁଡ଼ିକୁ ନଗର ସଭାପତିଙ୍କ ଆଲୋଚନାକ୍ରମେ ଗଠନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ନଗର ଜିଲ୍ଲା କଂଗ୍ରେସର ସଭାପତି ମତବ୍ୟକ୍ତ କରିଛନ୍ତି । ଆସନ୍ତା ଜୁନ୍ ସୁଦ୍ଧା କଟକ ନଗର ଜିଲ୍ଲା କଂଗ୍ରେସର ନୂତନ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ବୈଠକରେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, ବିଶ୍ୱନାଥ ଶତପଥୀ, ଅଶୋକ ସ୍ୱାଇଁ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ଉତ୍ତମ ବେହେରା, ପ୍ରଦୀପ ପ୍ରଧାନ, ନିର୍ମଳ ସ୍ୱାଇଁ, ଜଗନ୍ନାଥ ସାହୁ, ହରିଶଙ୍କର ରାଉତ ଓ ସୁକାନ୍ତ ସାହାଣୀ, ବରଦା ସାହୁ, ମାନସ ନାୟକ, ରାଜେଶ ସ୍ୱାଇଁ, ପ୍ରଶାନ୍ତ ବେହେରା, ତୃପ୍ତି ଦାସ, ହିମାଂଶୁ ରାଉତ, ପ୍ରଶାନ୍ତ ଭୋଇ, ବିପନ ପଶାୟତ, ଜ୍ଞାନେସୁ ନାୟକ ଓ ଦିବ୍ୟରଞ୍ଜନ ପ୍ରଧାନ, ନିରଞ୍ଜନ ଦାସ, ଦିଲ୍ଲୀପ ଦଳାଇ, ଶେଖ୍ ଜାଫର, ରାଜ ଶିଖନ ସ୍ୱାଇଁ, ଉମାକାନ୍ତ ସାହୁ, ପ୍ରଦୀପ ସାହୁ, ସୌମେନ୍ଦ୍ର ମହାନ୍ତି, ରଜନୀ ବସ୍ତିଆ, ସନ୍ତୋଷ ବିଶ୍ୱାଳ, ଲିପୁଲ ରାଉତ, ଦୀପକ ସାହୁ, ଅଜୟ ଦାସ, ଆଲୋକ ମହାନ୍ତି, କାଳନ୍ଦୀ ବେଉରା, ସହଦେବ ବେହେରା ଓ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଜନଭାଗୀଦାରୀ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ

କଟକ,୨୨।୫/ଏନ୍‌ଏନ୍‌ଏସ୍: ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ - ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଅଭିଯାନ ଅନ୍ତର୍ଗତ ଆଜି କଟକ ଜିଲ୍ଲାର ଆଠଗଡ ବ୍ଲକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ । ଗ୍ରାମର ରାସ୍ତାଘାଟ, ସାର୍ବଜନୀନ ସ୍ଥାନ ଓ ପରିବେଶ ପରିଷ୍କାର ରଖିବା ସହ ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା । ସେହିପରି ବାରଙ୍ଗ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜନଶୁଣାଣି, ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହା ସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଂଟନ କରାଯାଇଥିଲା । ଜନ ଶୁଣାଣିରେ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ହସ୍ତଗତ ହୋଇଥିଲା । ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଗ୍ରାମାଂଚଳରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପହଁଚାଇବା ଜନଭାଗୀଦାରୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ ପାଇଁ ଜ୍ଞାନ ଭାରତମ୍ ମିଶନ୍‌ର ସର୍ଭେ ଆରମ୍ଭ

କଟକ,୨୨।୫/ଏନ୍‌ଏନ୍‌ଏସ୍: କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଚାଲୁଥିବା 'ଜ୍ଞାନ ଭାରତମ୍ ମିଶନ୍' ମାଧ୍ୟମରେ ଓଡ଼ିଶା ସହ ସାରା ଦେଶରେ ଗଚ୍ଛିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସର୍ଭେ ଓ ଦସ୍ତାବିଜକରଣ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ଏହି ମିଶନ୍‌ର ଲକ୍ଷ୍ୟ ହେଉଛି ଭାରତର ପୁରାତନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ କରିବା ସହ ଡିଜିଟାଲ ମାଧ୍ୟମରେ ଏହାକୁ ସୁରକ୍ଷିତ ରଖିବା । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପୁରାତନ ଅନୁଷ୍ଠାନ, ମଠ, ମନ୍ଦିର, ପୁସ୍ତକାଳୟ, କାର୍ଯ୍ୟାଳୟ, ଅଭିଲେଖାଗାର ଓ ବ୍ୟକ୍ତିଗତ ସ୍ତରରେ ସଂରକ୍ଷିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ 'ଜ୍ଞାନ ଭାରତମ୍ ମିଶନ୍' ପକ୍ଷରୁ ପ୍ରଦତ୍ତ ଆପ୍ ମାଧ୍ୟମରେ ପଞ୍ଜିକରଣ କରାଯିବ । ମିଶନ୍ ଅଧୀନରେ ଉକ୍ତ ପାଣ୍ଡୁଲିପି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ କେବଳ ଡିଜିଟାଇଜେସନ୍ କରାଯିବ । ମୂଳ ପାଣ୍ଡୁଲିପି, ତାଳପତ୍ର ପୋଥି ଓ ଗ୍ରନ୍ଥଗୁଡ଼ିକ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ହିଁ ସୁରକ୍ଷିତ ଭାବେ ରହିବ ବୋଲି ସୂଚନା ଦିଆଯାଇଛି । ଏହା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ଅଭିବୃଦ୍ଧି ହେବା ସହ ଭବିଷ୍ୟତ ପିଢ଼ୀ ପାଇଁ ଏହି ଅମୂଲ୍ୟ ଐତିହ୍ୟକୁ ଡିଜିଟାଲ ରୂପରେ ସୁରକ୍ଷିତ କରାଯିବ । ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ନିକଟରେ ପାଣ୍ଡୁଲିପି, ତାଳପତ୍ର ପୋଥି କିମ୍ବା ପ୍ରାଚୀନ ଗ୍ରନ୍ଥ ରହିଛି, ସେମାନଙ୍କୁ କଟକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପଞ୍ଜୀକରଣ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

ସିଏମ୍‌ସିର ୪୦ତମ କାଉନ୍‌ସିଲ୍ ବୈଠକ

ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ବ୍ୟବସ୍ଥା ନେଇ ଆଲୋଚନା

କଟକ,୨୨।୫/ଏନ୍‌ଏନ୍‌ଏସ୍: କଟକ ମହାନଗର ନିଗମ ସିଏମ୍‌ସିର ୪୦ତମ କାଉନ୍‌ସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସହରର ସମସ୍ତ କର୍ପୋରେଟର୍, ସିଏମସିର ବରିଷ୍ଠ ଅଧିକାରୀମାନେ ଓ ନିଗମ ଅଧୀନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ସହରର ବନ୍ୟା ନିୟନ୍ତ୍ରଣ, ଜଳ ନିଷ୍କାସନ ବ୍ୟବସ୍ଥା ଓ ଡିଜାଷ୍ଟର ମ୍ୟାନେଜମେଣ୍ଟ ପାଇଁ କିପରି ପୂର୍ବ ପ୍ରସ୍ତୁତି ନିଆଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା । ସେହିପରି ସହରରେ ନାଗରିକ ଶୃଙ୍ଖଳା ଓ ପରିଚ୍ଛନ୍ନତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲକ୍ଷ୍ୟରେ ସିଏମ୍‌ସି ପକ୍ଷରୁ ପ୍ରସ୍ତାବ ଉଠିଥିଲା । ସହରରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଅଳିଆ ଆର୍ବଜନା ପକାଇବା, ରାସ୍ତା ଉପରେ ବାଲି ଓ ନିର୍ମାଣ ସାମଗ୍ରୀ ରଖିବା, ରାସ୍ତାରେ ଗାଡ଼ି ପାର୍କିଂ କରିବା ଇତ୍ୟାଦି ଘଟଣାରେ ଫାଇନ୍ ପରିମାଣ ବୃଦ୍ଧି କରାଯିବ ନେଇ ଆଲୋଚନା ହୋଇଥିଲା । ବୈଠକ ସମୟରେ ବିଭିନ୍ନ କର୍ପୋରେଟର୍ ନିଜ ନିଜ ୱାର୍ଡର ସମସ୍ୟା ଉଠାଇଥିବା ବେଳେ ବିଶେଷ କରି ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି, ଏନଫୋସମେଣ୍ଟ ଟିମ୍‌ର ଅବହେଳା, ଫାଇନ୍ ରସିଦ୍‌ରେ ଅନିୟମିତତା ଓ ଠକେଇ ଅଭିଯୋଗ ନେଇ ତୀବ୍ର ଆଲୋଚନା ହୋଇଥିଲା । ଅନ୍ୟପଟେ ସହରରେ ଘନଘନ ବିଦ୍ୟୁତ କାଟକୁ ନେଇ ସିଏମ୍‌ସି ମେୟର ସୁବାସ ସିଂ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଟିପିସିଓଡିଏଲ୍ ଅଧିକାରୀଙ୍କ କାର୍ଯ୍ୟପ୍ରଣାଳୀ ଉପରେ ଉତ୍ତେଜନା ପ୍ରକାଶ କରି ସହରବାସୀଙ୍କ ସମସ୍ୟାକୁ ଗୁରୁତର ସହ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

୨୫ରେ ସକାଳୁଆ ଜନ ଅଭିଯୋଗ ଶୁଣାଣି

କଟକ,୨୨।୫/ଏନ୍‌ଏନ୍‌ଏସ୍: ଆସନ୍ତା ୨୫ ତାରିଖ ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୭ଟାଠାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ଅନ୍ତର୍ଜାତୀୟ ଜୈବବିବିଧତା ଦିବସ

ସ୍ଥାନୀୟ ପଦକ୍ଷେପରୁ ବିଶ୍ୱସ୍ତରୀୟ ପ୍ରଭାବ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନର ଷ୍ଟେଟ୍ କନଭେନ୍‌ସନ୍ ସେଣ୍ଟରରେ ରାଜ୍ୟସ୍ତରୀୟ 'ଆନ୍ତର୍ଜାତୀୟ ଜୈବବିବିଧତା ଦିବସ' ଉତ୍ସାହ ଓ ଆଡ଼ମ୍ବର ସହ ପାଳନ କରାଯାଇଛି । ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା 'ସ୍ଥାନୀୟ ପଦକ୍ଷେପର ବିଶ୍ୱସ୍ତରୀୟ ପ୍ରଭାବ' । ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

ନିଜ ଅଭିଭାଷଣରେ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଥିଲେ ଯେ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ । ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତରକନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍ଲେ କଚ୍ଛପ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟ ଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ 'ଲୋକକେନ୍ଦ୍ରିକ ସଂରକ୍ଷଣ ମଡେଲ୍' ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ଅବସରରେ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜୈବବିବିଧତା ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ 'ଜୈବବିବିଧତାର ରକ୍ଷକ' ଏବଂ ୨ ଜଣଙ୍କୁ 'ଜୈବବିବିଧତାର ବିଜେତା' ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ 'ଓଡ଼ିଶାର ଆଦ୍ରଭୂମିରେ ବିଦେଶୀ ପ୍ରଜାତିର ଜୀବଙ୍କ ପ୍ରଭାବ ଉପରେ ସମୀକ୍ଷା', 'ଗନ୍ଧମାର୍ଦ୍ଦନର କାହାଣୀ', ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ (୨୦୨୫-୨୬) ଏବଂ ବୋର୍ଡର ମୁଖପତ୍ର 'ଷ୍ଟ୍ରିଙ୍ଗସ ଅଫ ବାଇଓଡାଇଭର୍ସିଟି' ସହିତ ମୋଟ ୪ଟି ପ୍ରମୁଖ ପୁସ୍ତକ ଓ ରିପୋର୍ଟ ଉନ୍ମୋଚନ କରାଯାଇଥିଲା । ପରବର୍ତ୍ତୀ ବୈଷୟିକ ଅଧିବେଶନରେ ବିଭିନ୍ନ ଜିଲ୍ଲାର ଜୈବବିବିଧତା ପରିଚାଳନା ସମିତିମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ଆଲୋଚନା ହୋଇଥିଲା । ଏହାସହ 'ପିବିଆର୍ ମାନୁଆଲ' ଏବଂ 'ସ୍ଥାନୀୟ ଜୈବବିବିଧତା ପାଣ୍ଠି ପରିଚାଳନା ନିୟମାବଳୀ' ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ କେ. ମୁରୁଗେସନ୍, ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ କେ. ଏସ୍. ପ୍ରଦୀପ ଏବଂ ସଦସ୍ୟ ସଚିବ, ଓଡ଼ିଶା ଜୈବବିବିଧତା ବୋର୍ଡ଼, ଡ. ନିହାର ରଞ୍ଜନ ନାୟକ ମଧ୍ୟ ଯୋଗଦେଇଥିଲେ ।

ଇବୋଲା ଆତଙ୍କ: ଭୁବନେଶ୍ୱର ବିମାନବନ୍ଦରରେ କଡ଼ା କଟକଣା

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ସାରା ବିଶ୍ୱରେ କାୟା ମେଲାଉଥିବା ମାରାତ୍ମକ ଇବୋଲା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ହଠାତ ସତର୍କତା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଦେଶର ସମସ୍ତ ବିମାନବନ୍ଦରକୁ ଜାରି ହୋଇଥିବା ଜରୁରୀକାଳୀନ ନିର୍ଦ୍ଦେଶନାମା ଆଧାରରେ ରାଜଧାନୀ ବିମାନବନ୍ଦରରେ ମଧ୍ୟ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏଣିକି ବିମାନବନ୍ଦରରେ ଅବତରଣ କରୁଥିବା ସମସ୍ତ ବିଦେଶୀ ଯାତ୍ରୀଙ୍କର ସ୍ୱତନ୍ତ୍ର ଯନ୍ତ୍ର ସାହାଯ୍ୟରେ ଶାରୀରିକ ତାପମାତ୍ରା ଯାଞ୍ଚ ବା ଥର୍ମାଲ ସ୍କାନିଂ କରାଯିବା ବାଧ୍ୟତାମୂଳକ କରାଯାଇଛି । ଏହା ସହିତ ସମ୍ପୃକ୍ତ ଯାତ୍ରୀମାନଙ୍କର ବିଗତ ୨୧ ଦିନର ଭ୍ରମଣ ଇତିହାସକୁ ମଧ୍ୟ ଅତି ସୂକ୍ଷ୍ମ ଭାବେ ଯାଞ୍ଚ କରାଯିବ । ଏହି ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କୌଣସି ଯାତ୍ରୀଙ୍କଠାରେ ଭୂତାଣୁ ସଂକ୍ରମଣର ସାମାନ୍ୟତମ ଲକ୍ଷଣ ଦେଖାଯାଏ କିମ୍ବା ସନ୍ଦେହ ପ୍ରକାଶ ପାଏ, ତେବେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର ନିୟମାବଳୀ ଅନୁଯାୟୀ ତାଙ୍କର ପରୀକ୍ଷା ନିରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଛି । ଭୁବନେଶ୍ୱର ବିମାନବନ୍ଦରଟି ଏକ ଆନ୍ତର୍ଜାତୀୟ ବିମାନବନ୍ଦର ହୋଇଥିବାରୁ ଏଠାକୁ ଆସୁଥିବା ବାହାର ଦେଶର ଯାତ୍ରୀମାନଙ୍କ କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତାକୁ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ଯାଞ୍ଚକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ବର୍ତ୍ତମାନ ଓଡ଼ିଶାରୁ କେବଳ ବ୍ୟାଙ୍କକକୁ ସିଧାସଳଖ ଆନ୍ତର୍ଜାତୀୟ ବିମାନ ସେବା ଉପଲବ୍ଧ ରହିଥିବାରୁ ସେହି ବାଟ ଦେଇ ଆସୁଥିବା ଏବଂ ବିଭିନ୍ନ ବିଦେଶୀ ସହରରୁ କନେକ୍ଟିଂ ବିମାନ ଯୋଗେ ଓଡ଼ିଶା ମାଟିରେ ପାଦ ଦେଉଥିବା ପ୍ରତ୍ୟେକ ଯାତ୍ରୀଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ଓ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ଓ ତୀକ୍ଷ୍ଣ ନଜର ରଖାଯାଇଛି ।

ଓଡ଼ିଶା ରାଜ୍ୟ ପ୍ରନ୍ତତତ୍ତ୍ୱ ବିଭାଗ, ଆଇଆଇଟି ଖଡ଼ଗପୁର ଏବଂ ଏସପିଏ ଭୋପାଳ ମଧ୍ୟରେ ବୁଝାମଣା

ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରାଯିବ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ଆଜି ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ଠାରେ ଓଡ଼ିଶା ରାଜ୍ୟ ପ୍ରନ୍ତତତ୍ତ୍ୱ ବିଭାଗ, ଆଇଆଇଟି, ଖଡ଼ଗପୁର ଏବଂ ସ୍କୁଲ ଅଫ୍ ପ୍ଲାନିଙ୍ଗ ଆଣ୍ଡ ଆର୍କିଟେକ୍ଚର, ଭୋପାଳ ମଧ୍ୟରେ ଏକ ଅଣଆର୍ଥିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଓଡ଼ିଶାର ପ୍ରମୁଖ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର, ଐତିହାସିକ ସ୍ଥାନ ଗୁଡ଼ିକର ସଂରକ୍ଷଣ କରିବା ପରିପ୍ରେକ୍ଷୀରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ଓ ସ୍ଥାପତ୍ୟକୁ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରାଯିବା ସହ ଡ଼ିଜିଟାଲ ଦସ୍ତାବିଜ ପ୍ରସ୍ତୁତ କରିବା ନିମନ୍ତେ କାର୍ଯ୍ୟ କରାଯିବ । ଏଲଆଇଡିଆର, ଥ୍ରୀଡ଼ି ଆନିମେସନ୍, ଡିଜିଟାଲ ମ୍ୟାପିଙ୍ଗ, ଜିଓଗ୍ରାଫିକ ଇନ୍‌ଫରମେସନ୍ ସିଷ୍ଟମ୍, ରିମୋଟ ସେନ୍‌ସିଙ୍ଗ ଆଦି ପ୍ରଯୁକ୍ତିବିଦ୍ୟାର ସହଯୋଗରେ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର, ଐତିହାସିକ ସ୍ଥାନ ଗୁଡ଼ିକର ସଂରକ୍ଷଣ କରାଯିବା ସହ ଏହାର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ । ଓଡ଼ିଶାରେ ଭାରତୀୟ ପ୍ରନ୍ତତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା ପ୍ରାୟ ୮୨ ଏବଂ ଓଡ଼ିଶା ରାଜ୍ୟ ପ୍ରନ୍ତତତ୍ତ୍ୱ ବିଭାଗ ଅଧୀନରେ ଥିବା ପ୍ରାୟ ୨୧୨ ଟି ଐତିହାସିକ କୀର୍ତ୍ତିରାଜିର ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଐତିହ୍ୟ ଓ ସ୍ଥାପତ୍ୟ ହେଉଛି ଆମ ଗୌରବ । ଏହା ଆମ ରାଜ୍ୟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି । ଆମ ରାଜ୍ୟର ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରିବା ଏବଂ ଆଗାମୀ ପିଢ଼ିକୁ ଏହାର ସ୍ୱତନ୍ତ୍ରତା ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆମ କର୍ତ୍ତବ୍ୟ । ଆଜିର ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ଆମେ ଆମ ଐତିହ୍ୟ ଓ ସ୍ଥାପତ୍ୟକୁ ସଂରକ୍ଷଣ କରିବା ସହ ଏହାର ଯେପରି ବିକାଶ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଯାଉଛୁ । ଏଥିସହ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର ଓ ଐତିହାସିକ ସ୍ଥାନଗୁଡ଼ିକର ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଏଥିସହ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଆଇଆଇଟି ଖଡ଼ଗପୁରରେ ଐତିହ୍ୟ ଓ ସ୍ଥାପତ୍ୟର ସଂରକ୍ଷଣ କ୍ଷେତ୍ରରେ ଇଣ୍ଟର୍ନସିପ୍ କରିବା ପାଇଁ ଓଡ଼ିଶାର ୧୦ଜଣ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ ବୋଲି ଆଜିର ବୈଠକରେ ଘୋଷଣା କରାଯାଇଛି । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଆଇଆଇଟି ଖଡ଼ଗପୁରର ପ୍ରଫେସର୍ ଗୌରବ ଦାସ ମହାପାତ୍ର, ସ୍କୁଲ ଅଫ୍ ପ୍ଲାନିଙ୍ଗ ଆଣ୍ଡ ଆର୍କିଟେକ୍ଚର୍‌ର ନିର୍ଦ୍ଦେଶକ ପ୍ରଫେସର୍ କୈଳାସ ରାଓ, ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ୨୦୨୫-୨୬ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଗାଇଡ଼ଲାଇନ ଅନୁଯାୟୀ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଚତୁର୍ଥ ସେମିଷ୍ଟାରରେ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ସୁଯୋଗ ପ୍ରଦାନ କରାଯିବାର ପ୍ରାବଧାନ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ତତ୍ତ୍ୱାବଧାନରେ ଶିକ୍ଷା ବର୍ଷ ୨୦୨୫-୨୬ରେ ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସରେ ନିୟୋଜିତ କରାଯାଇଛି।

ଏହି ଇଣ୍ଟର୍ନସିପ୍‌ର ସମୟସୀମା ୬ ସପ୍ତାହ ରହିଛି। ଇଣ୍ଟର୍ନସିପ୍‌ରେ ଛାତ୍ରଛାତ୍ରୀମାନଙ୍କୁ ମେଣ୍ଟରସିପ୍ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ବିତ୍ତୀୟ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଏନଜିଓ ମାନଙ୍କରେ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରାଯାଇଛି। ଇଣ୍ଟର୍ନସିପ୍ ପାଇଁ ସ୍ୱତନ୍ତ୍ର ଗାଇଡ଼ଲାଇନ ରହିଛି। ଏଥିସହ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପ୍ରକଳ୍ପ ଉପସ୍ଥାପନ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାପ୍ତାହିକ ରିପୋର୍ଟ ଏବଂ କାର୍ଯ୍ୟଦକ୍ଷତା ଆଧାରରେ ଛାତ୍ରଛାତ୍ରୀମାନଙ୍କୁ କ୍ରେଡିଟ୍ ପ୍ରଦାନ କରାଯିବା ସହ ଏହାକୁ ତାଙ୍କ ଆକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍‌ରେ ମଧ୍ୟ ସ୍ଥାନିତ କରାଯିବ। ଇଣ୍ଟର୍ନସିପ୍ ସରିବା ପରେ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ। ଚଳିତ ବର୍ଷ ସର୍ବାଧିକ ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ବଲାଙ୍ଗୀର ଜିଲ୍ଲାର ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପ୍‌ରେ ଯୋଗଦେଇଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍‌ରେ ନିୟୋଜିତ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଗୁଣାତ୍ମକ ଓ ଗବେଷଣାତ୍ମକ ଶିକ୍ଷା ପ୍ରଦାନ ଉପରେ ପ୍ରାଧାନ୍ୟ ଦିଆଯାଉଛି। ଇଣ୍ଟର୍ନସିପ୍ ଓ କମ୍ୟୁନିଟି ସର୍ଭିସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ ଏକ୍ସପୋଜର ପାଇପାରିବେ। ଏଥିସହ ତୃଣମୂଳ ସ୍ତରରେ ହେଉଥିବା କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ଅବଗତ ହୋଇପାରିବେ। ବିଭିନ୍ନ ସରକାରୀ ଅନୁଷ୍ଠାନ, ବେସରକାରୀ ଉଦ୍ୟୋଗ, ଏନଜିଓ ମାନଙ୍କରେ ଇଣ୍ଟର୍ନସିପ୍ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମର ପ୍ରୟୋଗାତ୍ମକ ଦିଗ ଉପରେ ଅବଗତ ହୋଇପାରିବେ, ଯାହାକି ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ଓ ଉଦ୍ୟମିତା କ୍ଷେତ୍ରରେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

କଟକ, ବରଗଡ଼ ଓ ଯାଜପୁରରେ ହସ୍ତତନ୍ତ ହବ୍

ପାର୍କ ପ୍ରତିଷ୍ଠା ନେଇ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: କଟକ, ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୩ଟି ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍‌ପ୍ଲେ ସପ୍, କପଡ଼ା ବୟନ କେନ୍ଦ୍ର ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ। ଏହା ସ୍ଥାନୀୟ ଅଞ୍ଚଳରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା କ୍ଷେତ୍ରକୁ ଏକ ନୂତନ ଦିଗ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ।

ସେହିପରି ବରଗଡ଼ ଜିଲ୍ଲାରେ ୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ପୋଷାକ ପାର୍କ ପ୍ରତିଷ୍ଠା ନେଇ ଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ବରଗଡ଼ର ଗୋବିନ୍ଦପୁର ମଉଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଠାରେ ଲଙ୍ଗ ୱାରପିଂ, ୱାଇଡ଼ିଂ, ବୁଣା କାର୍ଯ୍ୟ ସହିତ ଉଚ୍ଚମାନର ସିଲାଇ ମେସିନ୍‌ର ବ୍ୟବହାର କରି ୩୦୦ରୁ ଅଧିକ କାରିଗରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତି ସମ୍ଭବ ହୋଇପାରିବ। ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୨୦୦୦ଟି ପିଣ୍ଡିର ବିକାଶ ସହ ସାମଗ୍ରୀ ପରିବହନ ଓ ଯାତାୟତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ। ୨୯.୧୨ ଏକର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଏବଂ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି। ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍‌କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏଠାରେ ଉତ୍ପାଦନ ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ, ପ୍ରଶିକ୍ଷଣ ଓ ବିପଣନ ସୁବିଧା, ସ୍ୱତନ୍ତ୍ର ଷ୍ଟଲ୍, ପ୍ରଶାସନିକ କାର୍ଯ୍ୟାଳୟ ରହିବା ସହ ରେଶମ ଓଡ଼ିଶା ଆଉଟ୍‌ଲେଟ୍ ପ୍ରତିଷ୍ଠା କରାଯିବ। ଏହି ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ନିର୍ମାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ୍.କେ. ପାଢ଼ୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଉପନିର୍ଦ୍ଦେଶକ (ବୟନ ଶିଳ୍ପ) ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଜାଲ୍ ଚେକ୍ ମାଧ୍ୟମରେ ୯ କୋଟିରୁ ଅଧିକ ଟଙ୍କା ଚଳ୍ତୁ, ୨ ଗିରଫ



ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ମୟୂରଭଞ୍ଜ ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କାର ପ୍ରତାରଣା ମାମଲାରେ ରାଜ୍ୟ ପୁଲିସର ଅର୍ଥନୈତିକ ଅପରାଧ ଶାଖାକୁ ଏକ ବଡ଼ ସଫଳତା ମିଳିଛି। ପ୍ରତିରୂପ ଜାଲ୍ ଚେକ୍ ବ୍ୟବହାର କରି ମୋଟ ୯ କୋଟି ୫୬ ଲକ୍ଷ ଟଙ୍କା ଗାଏବ କରିବା ଅଭିଯୋଗରେ ତଦନ୍ତକାରୀ ଦଳ ଛତିଶଗଡ଼ର ରାୟପୁର ସହରରୁ ଆଉ ଦୁଇଜଣ ଶଠଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଏହି ଦୁଇ ଅଭିଯୁକ୍ତ ହେଲେ ସୁରଜିତ ରାୟ ଏବଂ ସମୀର ଶ୍ରୀବାସ୍ତବ। ଉଭୟ ଅଭିଯୁକ୍ତ ଯଥାକ୍ରମେ 'ରାୟ ଆସୋସିଏଟ୍ସ' ଏବଂ 'ଏସ୍‌ଏସ୍ ଟ୍ରେଡର୍ସ' ନାମକ ଦୁଇଟି ନିଜସ୍ୱ ସଂସ୍ଥା ଚଳାଉଥିଲେ। ଜାଲିଆତି କରାଯାଇଥିବା ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ସ୍ଥାନାନ୍ତର ହୋଇଥିବା ନେଇ ତଦନ୍ତ ପ୍ରକ୍ରିୟାରୁ ସ୍ପଷ୍ଟ ପ୍ରମାଣ ମିଳିଛି।

ଘଟଣାର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଜିଲ୍ଲା ମିନେରାଲ୍ ଫାଉଣ୍ଡେସନ ଟ୍ରଷ୍ଟର ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଶାଖା ଜମାଖାତାରୁ ଏହି ନକଲି ଚେକ୍ ଜରିଆରେ ପ୍ରଥମେ ଟଙ୍କା ଉଠାଯାଇଥିଲା। ପରେ ପୁଲିସ ଆଖିରେ ଧୂଳି ଦେବା ଉଦ୍ଦେଶ୍ୟରେ ଏହି ବିପୁଳ ଅର୍ଥକୁ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ନକଲି ଓ ବେନାମୀ ବ୍ୟାଙ୍କ ଜମାଖାତାକୁ ବାରମ୍ବାର ଘୁରାଇ ହଡ଼ପ କରାଯାଇଥିଲା। ଅର୍ଥନୈତିକ ଅପରାଧ ଶାଖାର ଗଭୀର ଖୋଳତାଡ଼ରୁ ଏହା ଏକ ବିଶାଳ ଆନ୍ତଃରାଜ୍ୟ ଅପରାଧୀ ଗୋଷ୍ଠୀର କାରସାଦି ବୋଲି ଜଣାପଡ଼ିଛି, ଯାହାର ନେଟୱର୍କ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବ୍ୟାପିଛି। ବିଗତ ୪ ବର୍ଷ ଧରି ଏହି ସଂଗଠିତ ଗୋଷ୍ଠୀ ବିଭିନ୍ନ ସରକାରୀ ପାଣ୍ଠିକୁ ଏହିପରି ଭାବେ ଲୁଟ୍ କରିଚାଲିଥିଲେ। ଏହି ମାମଲାରେ ପୂର୍ବରୁ ୪ ଜଣ ଅଭିଯୁକ୍ତ ଗିରଫ ହୋଇ ସାରିଥିବା ବେଳେ ବର୍ତ୍ତମାନ ମୋଟ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ତଦନ୍ତକାରୀ ସଂସ୍ଥା ବର୍ତ୍ତମାନ ସୁଦ୍ଧା ଠକେଇ ଅର୍ଥରୁ ୫ କୋଟିରୁ ଅଧିକ ଟଙ୍କାର କାରବାରକୁ ବନ୍ଦ କରିବା ସହ ୩୩ଟି ସନ୍ଦେହଜନକ ବ୍ୟାଙ୍କ ଜମାଖାତାକୁ ଅଚଳ କରିଦେଇଛି। ଏହି ପୂରା ଜାଲିଆତିର ମୁଖ୍ୟ ସୂତ୍ରଧର ବା ମାଷ୍ଟରମାଇଣ୍ଡକୁ କାବୁ କରିବା ପାଇଁ ଅର୍ଥନୈତିକ ଅପରାଧ ଶାଖା ନିଜର ଚଢ଼ାଉ ଅଭିଯାନକୁ ଆହୁରି ଜୋରଦାର କରିଛି।

ସହକାରୀ ଯନ୍ତ୍ରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ସମ୍ପତ୍ତି ତାଲିକା ଜାରି

ରାୟଗଡ଼ା,୨୨।୫/ଏନ୍‌ଏନ୍‌ଏସ୍: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକର ଆର.ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ରହ୍ମପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍‌ଙ୍କ ପକ୍ଷରୁ ସର୍ଚ୍ଚ ୱାରେଣ୍ଟ ଜାରି ହେବା ପରେ ଗତ ବୁଧବାର ଦିନ ବ୍ରହ୍ମପୁର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଏକାଥରେ ୭ଟି ସ୍ଥାନରେ ଚଢ଼ାଉ କରିଥିଲା। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରେସ ବିବୃତ୍ତି ଜାରି କରି ସୂଚନା ଦିଆଯାଇଛି ଯେ, ସହକାରୀ ଯନ୍ତ୍ରୀ ଶ୍ରୀ ନାୟକ ନିଜର ବୈଧ ଆୟ ଠାରୁ ୧୦୧% ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି, ଯାହାର ସନ୍ତୋଷଜନକ ଉତ୍ତର ସେ ତଦନ୍ତ ସମୟରେ ଦେଇପାରି ନଥିଲେ। ଆଜି ବ୍ରହ୍ମପୁର ଭିଜିଲାନ୍ସ ପୁଲିସ ଷ୍ଟେସନରେ କେସ୍ ନଂ ୦୫ ଅନୁସାରେ ୟୁ/ଏସ ୧୩(୨), ଆର/ଡବ୍ଲ୍ୟୁ ୧୩(୧)(ବି)/୧୨ ପିସି ସଂଶୋଧନ ଅଧିନିୟମ ୨୦୧୮ ବଳରେ ମାମଲା ପଞ୍ଜୀକୃତ କରାଯାଇଛି। ଖୋଳତାଡ଼ ବେଳେ ଯନ୍ତ୍ରୀଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଠାବ ହୋଇଥିବା ସମ୍ପତ୍ତି ମଧ୍ୟରେ ବ୍ରହ୍ମପୁର ଲୋଚାପଡ଼ା ସ୍ଥିତ ସୌନ୍ଦର୍ଯ୍ୟ ନଗରରେ ୪ ହଜାର ବର୍ଗଫୁଟର ଏକ ୩ ମହଲା ଘର, ଗଞ୍ଜାମ ଜିଲ୍ଲା ଥୋଲଣ୍ଡା ବଡ଼ଦାଣ୍ଡ ସାହିରେ ଆଉ ଏକ ୩ ମହଲା ଘର, ବ୍ରହ୍ମପୁର ଏବଂ ଭଞ୍ଜନଗରରେ ୪ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ୩୫୧ ଗ୍ରାମ ସୁନା, ବ୍ୟାଙ୍କ ଓ ଡାକଘରେ ୨୬ ଲକ୍ଷ ୯୯ ହଜାର ୯୫୨ ଟଙ୍କାର ଜମା (ଡିପୋଜିଟ୍), ଗୋଟିଏ ଚାରିଚକିଆ ଯାନ, ୨ଟି ଦୁଇଚକିଆ ଯାନ ଏବଂ ୮ ଲକ୍ଷ ୫୬ ଟଙ୍କାର ଘରୋଇ ଆସବାବପତ୍ର ସାମିଲ ରହିଛି। ସୂଚନାଯୋଗ୍ୟ ଯେ, ଗତକାଲି ରାୟଗଡ଼ା ସ୍ଥିତ ଭଡ଼ା ଘର, କୋଲନରା ସ୍ଥିତ ଅଫିସ ସମେତ ସମୁଦାୟ ୭ଟି ସ୍ଥାନରେ ଭିଜିଲାନ୍ସର ୬ଟି ଟିମ୍ ଏହି ଚଢ଼ାଉ ପ୍ରକ୍ରିୟା ଚଳାଇଥିଲେ। ଉକ୍ତ ଚଢ଼ଉ ଦଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଡିଏସ୍‌ପି ବୈଦେହୀ କୁମାରୀ ବେହେରା, ଇନ୍ସପେକ୍ଟର ଦୀପ୍ତି ରଞ୍ଜନ ଓଝା, ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା, କନଷ୍ଟେବଲ ସଂଯୁକ୍ତା ପଟ୍ଟନାୟକ ଏବଂ ଲକ୍ଷ୍ମୀପତି ବେହେରା ପ୍ରମୁଖ ସାମିଲ ହୋଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସମ୍ବେଦନଶୀଳ ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ ଓ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ସୂଚନା ମିଳିଛି।

ଭୁଲ ଅର୍ଥନୀତି ପରିଚାଳନା ପାଇଁ ବିଗୁଡ଼ିଛି ସ୍ଥିତି: କଂଗ୍ରେସ

ଦେଶରେ ବଢ଼ୁଛି ଧନୀ-ଗରିବ ତାରତମ୍ୟ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: କେନ୍ଦ୍ର ସରକାରଙ୍କ ଭୁଲ ଅର୍ଥନୀତି ପରିଚାଳନା ଓ ବହୁ କ୍ଷେତ୍ରରେ ଭୁଲ ନିଷ୍ପତ୍ତି ଯୋଗୁଁ ଭାରତବର୍ଷର ଅର୍ଥନୀତି ଆଜି ନିମ୍ନଗାମୀ। ଏକ ଭୟଙ୍କର ଅର୍ଥନୈତିକ ବାତ୍ୟା ଭାରତ ପ୍ରତି ମାଡ଼ି ଆସୁଛି। ଦୀର୍ଘ ବର୍ଷର କଠିନ ପରିଶ୍ରମ ଦ୍ୱାରା ଭାରତ ବର୍ଷର ଅର୍ଥନୀତି ଯେଉଁ ପ୍ରଗତି ହାସଲ କରିଥିଲା, ତାହା ଆଜି ଶେଷ ହେବାକୁ ଯାଉଛି। ଏହାଦ୍ୱାରା ଯୁବପୀଢ଼ି, ଗରିବ, ମଧ୍ୟମବର୍ଗ, ଚାଷୀ, ଶ୍ରମିକ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଏବଂ ଆଗକୁ ମଧ୍ୟ ହେବେ।

ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦେବାଶିଷ ନାୟକ ଓ ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଥିଲେ ଯେ ଦୀର୍ଘ ୧୨ ବର୍ଷ ଭିତରେ ଧନୀ ଗରିବ ତାରତମ୍ୟ ଭୟଙ୍କର ଭାବରେ ବୃଦ୍ଧିପାଇଛି। ଆଗକୁ ଏହା ଦ୍ରୁତ ଗତିରେ ବଢ଼ି ଚାଲିଛି। ଭାରତ ବର୍ଷରେ ୪୦ ପ୍ରତିଶତ ଗ୍ରାଜୁଏଟ୍ ଯୁବକଯୁବତୀ ବେରୋଜଗାର ଅଛନ୍ତି। ୧୫ରୁ ୨୯ ବର୍ଷ ଯୁବବର୍ଗଙ୍କ ବେକାରୀ ସମସ୍ୟା ପିଏଲ୍‌ଏଫ୍‌ଏସ୍ ରିପୋର୍ଟର ଏପ୍ରିଲ ମାସର ତଥ୍ୟ ଅନୁସାରେ ଏହା ୧୫.୨ ପ୍ରତିଶତ। ସମାନ ଭାବରେ ୧୫ରୁ ୨୪ ବର୍ଷ ଯୁବ ମହିଳାଙ୍କ କ୍ଷେତ୍ରରେ ବେରୋଜଗାରୀ ହାର ୧୮.୭ ପ୍ରତିଶତ। ମୋଦି ସରକାରଙ୍କର ୧୨ ଶାସନ ଭିତରେ ମୁଣ୍ଡ ପିଛା ଋଣର ପରିମାଣ ୧୧ ଗୁଣା ବୃଦ୍ଧି ପାଇଛି। ୧୯୪୭ଠାରୁ ଆରମ୍ଭ କରି ୨୦୧୪ ମସିହା ମେ ମାସ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସମୁଦାୟ ଋଣ ୫୫ ଲକ୍ଷ କୋଟି ଥିଲାବେଳେ ୨୦୨୬ ଏପ୍ରିଲ ମାସ ସୁଦ୍ଧା ଏହା ୨୦୦.୫୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ୧୨ ବର୍ଷ ଭିତରେ ୧୪୫.୫୩ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାର ଋଣ କରିଛନ୍ତି। ଭାରତବର୍ଷର ଅତ୍ୟଧିକ ୧ ପ୍ରତିଶତ ଧନୀ ୪୦ ପ୍ରତିଶତ ଜାତୀୟ ସମ୍ପତ୍ତିର ଅଧିକାରୀ ଅଟନ୍ତି। କିନ୍ତୁ ଶେଷ ୫୦ ପ୍ରତିଶତ ଜନସାଧାରଣ ମାତ୍ର ୬ ପ୍ରତିଶତ ଜାତୀୟ ସମ୍ପତ୍ତି ଅଧିକାରୀ ଅଟନ୍ତି। ଖାଲି ସେତିକି ନୁହେଁ ଭାରତବର୍ଷର ୧୦ ପ୍ରତିଶତ ଧନୀ ଲୋକ ୬୫ ପ୍ରତିଶତ ଜାତୀୟ ସମ୍ପତ୍ତିର ଅଧିକାରୀ ଅଟନ୍ତି। ୧୧ ବର୍ଷ ଶାସନକାଳ ଭିତରେ ଗୌତମ ଆଦାନୀଙ୍କର ସମ୍ପତ୍ତି ୧୦୦୦ ପ୍ରତିଶତକୁ ବୃଦ୍ଧି ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୨୪ ମସିହାରେ ତାଙ୍କର ସମୁଦାୟ ସମ୍ପତ୍ତିର ମୂଲ୍ୟ ୭.୧ ବ୍ରିଲିୟନ ଡଲାର ଥିବା ବେଳେ ୨୦୨୬ ମାର୍ଚ୍ଚ ମାସ ବେଳକୁ ଏହା ୯୨ ବିଲିୟନ ଡଲାରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଭାରତବର୍ଷର ୫ଟି ଅତ୍ୟନ୍ତ ଧନୀ ପରିବାରର ବ୍ୟକ୍ତିଗତ ଆୟ ୪୦୦ ଗୁଣା ଆୟ ବୃଦ୍ଧି ଘଟିଛି। କଂଗ୍ରେସର ଉଭୟ ନେତା କହିଛନ୍ତି ଯେ, ଖୁଚୁରା ମୁଦ୍ରାସ୍ଫିତି ହୁହୁ ହୋଇ ବଢ଼ିଚାଲିଛି। ମୁଣ୍ଡପିଛା ଆୟ ମୁଦ୍ରାସ୍ଫିତିକୁ ହିସାବକୁ ନେଲେ ଏହା ସର୍ବନିମ୍ନ ସ୍ତରକୁ ଚାଲିଯାଇଛି। ଲୋକଙ୍କର ସଞ୍ଚୟ ବହୁପରିମାଣରେ କମି ଯାଇଛି। କିନ୍ତୁ ସରକାର ନିଜର ମିଛ ପ୍ରଚାର କରୁଛନ୍ତି। ଦୁର୍ବଳ ଅର୍ଥନୀତି ଯୋଗୁଁ ଆମ ପୁଞ୍ଜିବଜାରରେ ବଡ଼ ଭୂକମ୍ପ ଦେଖିବାକୁ ମିଳୁଛି। ଭାରତବର୍ଷର ଲକ୍ଷ ଲକ୍ଷ ନିମ୍ନ ଆୟକାରୀ ବର୍ଗ ସ୍ୱଳ୍ପ ସଞ୍ଚୟ ମ୍ୟୁଚୁଆଲ ଫଣ୍ଡ୍ ମାଧ୍ୟମରେ କରିଥିଲେ। ଆଜି ସେମାନଙ୍କର ମୂଳ ଧନ ମଧ୍ୟ ଉଡ଼ିଯାଇଛି। ଧନୀ ଅଧିକ ଧନୀ ହୋଇଯାଉଛି। ଭାରତବର୍ଷ ଯେଉଁ ସାମ୍ୟବାଦ ରାଷ୍ଟ୍ରର ପରିକଳ୍ପନା କରିଥିଲା ତାର ଏକ ବଡ଼ ଭଙ୍ଗା ପଡ଼ିସାରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସର ଗଣମାଧ୍ୟମ ଅଧ୍ୟକ୍ଷ ଜୟସ୍ମିତ ମହାନ୍ତି ଉପସ୍ଥିତ ଥିଲେ।

ଝାରସୁଗୁଡ଼ା ଏସ୍‌ପି, ଉପଜିଲ୍ଲାପାଳଙ୍କ ବିପକ୍ଷ ମାମଲାର ହାଇକୋର୍ଟରେ ଶୁଣାଣି

କଟକ,୨୨।୫/ଏନ୍‌ଏନ୍‌ଏସ୍: ଝାରସୁଗୁଡ଼ା ଏସ୍‌ପି, ଉପଜିଲ୍ଲାପାଳଙ୍କ ସମେତ ୧୧ ଜଣଙ୍କ ନାମରେ ହାଇକୋର୍ଟରେ ରୁଜୁ ଫୌଜଦାରୀ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଆବେଦନକାରୀ ଓଡ଼ିଶା ମେଟାଲିକ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ପି. ମିଶ୍ର ରିପୋର୍ଟ ଦାଖଲ କରି ଅଦାଲତଙ୍କୁ ଅବଗତ କରାଇଛନ୍ତି ଯେ ପ୍ରତିପକ୍ଷ ପ୍ରଶାସନ ପକ୍ଷରୁ କାରଖାନା ବାହାରେ ଆଇନ, ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ଏବେ ଶ୍ରମିକମାନେ କାରଖାନା ଭିତରକୁ ପ୍ରବେଶ କରିପାରୁଛନ୍ତି। କାରଖାନକୁ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ସେହିପରି ପ୍ରତିପକ୍ଷ ଝାରସୁଗୁଡ଼ା ଏସ୍‌ପିଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ସଂକ୍ରାନ୍ତରେ ହାଇକୋର୍ଟଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଜୁଲାଇ ୨ ତାରିଖ ଧାର୍ଯ୍ୟ କରିଛନ୍ତି। ଏଥିସହ ପ୍ରତିପକ୍ଷ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୁଜୁ ମାମଲାରେ ରାଜ୍ୟ ସରକାରଙ୍କ ଗୃହ ସଚିବ, ଝାରସୁଗୁଡ଼ା ଏସ୍‌ପି, ଉପଜିଲ୍ଲାପାଳଙ୍କ ସହିତ ୧୧ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ କମ୍ପାନୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ପି. ମିଶ୍ର, ଏସ.ଏସ. ମହାନ୍ତି ଓ ପ୍ରତିପକ୍ଷଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ଆପଟ ମାମଲା ପରିଚାଳନା କରୁଛନ୍ତି।

ମହାନଦୀ ଜଳରାଶିର ତଥ୍ୟ ସାର୍ବଜନୀନ କର: ବିଜେଡି

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ଓଡ଼ିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି। ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନମିଳିବାରୁ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆନ୍ତଃରାଜ୍ୟ ଜଳବିବାଦ ଟ୍ରିବ୍ୟୁନାଲ୍ ଗଠନ ହୋଇଥିଲା। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ ବୋଲି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ ଏବଂ ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ପ୍ରଥମେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି ଅଗ୍ରଗତି ହେଲାନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି। ଛତିଶଗଡ଼ ଓଡ଼ିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ। ଛତିଶଗଡ଼ ଏବେ ଅଧିକ ଜଳ ରୋକିବା ପାଇଁ ତଳ ଅଞ୍ଚଳରେ ଓ ଉପନଦୀରେ ମଧ୍ୟ ଚେକ୍ ଡ୍ୟାମ୍ ଓ ବାଲି ବନ୍ଧ ନିର୍ମାଣ କରୁଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ପାଣି ମୁନ୍ଦିଏ ପାଇବା ପାଇଁ ତହଲ ବିକଳ ହେଉଛନ୍ତି, ଆର ପଟେ ଛତିଶଗଡ଼ ଶିଳ୍ପକୁ ଜଳ ବିକ୍ରି କରୁଛି। ସମସ୍ୟାର ସମାଧାନର ରାସ୍ତା ବାହାର କରିବା ପରିବର୍ତ୍ତେ, ରାଜ୍ୟ ବିଜେପି ସରକାର ନାଟକବାଜି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଡ. ମହାନ୍ତି ଆହୁରି କହିଛନ୍ତି ଯେ ମହାନଦୀ ଜଳରାଶି ସଂକ୍ରାନ୍ତୀୟ ଯେଉଁ ତଥ୍ୟ ୨ଟି ରାଜ୍ୟ ଉପସ୍ଥାପିତ କରିଛନ୍ତି, ତାହା ସାର୍ବଜନୀନ ହେବା ଦରକାର ବୋଲି ବିଜୁ ଜନତା ଦଳ ମନେକରେ। ସ୍ୱଚ୍ଛତାର ସହ ମହାନଦୀ ସଂକ୍ରାନ୍ତୀୟ ତଥ୍ୟକୁ ସାର୍ବଜନୀନ କରିବା ପରିବର୍ତ୍ତେ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଚାହିଁଥିଲେ ଏବଂ ମହାନଦୀ ଉପରେ ଚର୍ଚ୍ଚା କରିବା ପାଇଁ ଚାହିଁଥିଲେ, ତାଙ୍କୁ ପୁଲିସ ଉଠାଇନେଲା। ଏହା ସୂଚାଉଛି ଯେ ରାଜ୍ୟ ସରକାର କିଛି ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରୁଛନ୍ତି। ଯଦି ରାଜ୍ୟ ସରକାର ମହାନଦୀ ଜଳରାଶି ଉପରେ ସଠିକ୍ ତଥ୍ୟ ଦେଉଛନ୍ତି, ତାହା ହେଲେ ତାହାକୁ ସାର୍ବଜନୀନ କରିବାରେ ଅସୁବିଧା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ମହାନଦୀ ପରି ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି।

ସର୍କିଟ୍ ହାଉସ୍ ପରିଚାଳନାରେ ଆସିବ ବଡ଼ ସୁଧାର

ଅନ୍‌ଲାଇନ୍ ବୁକିଂ ଓ ଅଗ୍ନି ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟର ବିଭିନ୍ନ ସର୍କିଟ୍ ହାଉସ୍‌ଗୁଡ଼ିକର ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ସର୍କିଟ୍ ହାଉସ୍‌ଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସେବାମାନ ସୁନିଶ୍ଚିତ କରିବା ନିମନ୍ତେ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସର୍କିଟ୍ ହାଉସ୍‌ଗୁଡ଼ିକୁ ସରକାରୀ ସମ୍ପତ୍ତି ଭାବେ ସୁରକ୍ଷିତ ରଖିବା ସହ ଏହାର ସେବାକୁ ଅଧିକ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ସର୍କିଟ୍ ହାଉସ୍‌ଗୁଡ଼ିକ ପ୍ରାୟତଃ କ୍ଷେତ୍ର ପରିଦର୍ଶନରେ ଆସିଥିବା ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ନ୍ୟାୟିକ ଅଧିକାରୀ, ଜନପ୍ରତିନିଧି ଓ ସରକାରୀ ଅତିଥିମାନଙ୍କ ରହଣି ପାଇଁ ଉଦ୍ଦିଷ୍ଟ। ଏହାର ସଠିକ୍ ପରିଚାଳନା ପାଇଁ ସ୍ୱଚ୍ଛତା, ଉନ୍ନତମାନର ଆତିଥ୍ୟ ସେବା, ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛ ବୁକିଂ ପ୍ରକ୍ରିୟା ଅତ୍ୟାବଶ୍ୟକ। ବୈଠକରେ 'ଓଡ଼ିଶା ସର୍କିଟ୍ ହାଉସ୍ ଏବଂ ରେଭେନ୍ୟୁ ଇନ୍ସପେକ୍ସନ୍ ବଙ୍ଗଳା ନିୟମାବଳୀ, ୧୯୮୫' ଅନୁଯାୟୀ ସର୍କିଟ୍ ହାଉସ୍‌ର ପରିଚାଳନା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ସର୍କିଟ୍ ହାଉସ୍ ପାଇଁ ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳ ଏବଂ ଅନ୍ୟ ସ୍ଥାନରେ ଥିବା ସର୍କିଟ୍ ହାଉସ୍ ପାଇଁ ଉପ-ଜିଲ୍ଲାପାଳଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଭାବେ ଦାୟିତ୍ୱ ଦିଆଯାଇଥିବା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସର୍କିଟ୍ ହାଉସ୍‌ରେ ସ୍ୱଚ୍ଛତା ଓ ଉନ୍ନତ ଆତିଥ୍ୟ, ସ୍ୱଚ୍ଛ ଆବଣ୍ଟନ ପ୍ରକ୍ରିୟା ଅନୁସରଣ, ଆସବାବପତ୍ର ଓ ଉପକରଣର ତାଲିକା ରଖିବା, ଅନଲାଇନ୍ ବୁକିଂ ବ୍ୟବସ୍ଥା, ରକ୍ଷଣାବେକ୍ଷଣ ଓ ଅଗ୍ନି ନିର୍ବାପନ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ସ୍ପେଶାଲ୍ ସର୍କିଟ୍ ହାଉସ୍‌ଗୁଡ଼ିକରେ ୱାଇ-ଫାଇ ସୁବିଧା ଏବଂ ସିସିଟିଭି ନିରୀକ୍ଷଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସର୍କିଟ୍ ହାଉସ୍ ଗୁଡିକରେ ଧୂମପାନ ଓ ମାଦକ ଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷେଧ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୈଠକରେ ସମସ୍ତ ଜିଲ୍ଲାର ଏଡିଏମ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀବୃନ୍ଦ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

କାର୍ ଧକ୍କାରେ ବାପା ମୃତ, ଝିଅ ଗୁରୁତର

ରଙ୍ଗେଇଲୁଣ୍ଡା,୨୨।୫/ଏନ୍ଏନ୍ଏସ୍: ଗୋଳନ୍ଥରା ଥାନା ଅଧିନସ୍ଥ କନିଷି ହାଟ ୧୬ ନଂ ଜାତୀୟ ରାଜପଥରେ ଆଜି ଏକ ସ୍କୁଟିକୁ ପଛରୁ କାର ଧକ୍କା ଦେଇଛି । ଫଳରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ଜଣଙ୍କ ହେଲେ ବ୍ରହ୍ମପୁର ସିଡିଏମଓ କଲୋନୀର ଭଗବାନ ଗୌଡ଼(୫୨) ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

ସୂଚନା ଅନୁଯାୟୀ ମୃତ ଭଗବାନଙ୍କ ଝିଅ କନିଷି ସ୍ଥିତ ଅମିତ ହସ୍ପିଟାଲର କଲେଜରେ ନର୍ସିଙ୍ଗ ପଢୁଥିବା ବେଳେ ଆଜି ଅପରାହ୍ନ ୨ଟା ବେଳେ ବାପା ଝିଅ ସହ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । କନିଷି ହାଟ ନିକଟରେ ଏକ କାର ଦ୍ରୁତ ଗତିରେ ଆସି ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା । ଫଳରେ ଉଭୟେ ଗୁରୁତର ଆହତ ହୋଇ ରାସ୍ତାରେ ଛିଟିକି ପଡିଥିଲେ । ଘଟଣାର ସ୍ଥଳରେ କିଛି ସ୍ଥାନୀୟ ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଦ୍ୱାରା ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଆହତ ଭଗବାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ ପରେ ଥାନା କେସ୍ ନମ୍ବର ୧୯୦/୨୬ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

ଯୁକ୍ତ ୨ କଳା ପରୀକ୍ଷା: ପ୍ରତିଭା ନାୟକ ବୁଗୁଡ଼ା ବ୍ଲକ୍ ଟପର

ବୁଗୁଡ଼ା,୨୨।୫/ଏନ୍ଏନ୍ଏସ୍: ଚଳିତ ବର୍ଷର ଯୁକ୍ତ ୨ କଳାର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ପିପୁଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରତିଭା କୁମାରୀ ନାୟକ ସର୍ବାଧିକ ୫୩୭(୮୯.୫ ପ୍ରତିଶତ) ନମ୍ବର ରଖି ବୁଗୁଡ଼ା ବ୍ଲକ ଟପର ହୋଇଛନ୍ତି ।

ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଅବସ୍ଥିତ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ କଳାରେ ପରୀକ୍ଷା ଦେଇଥିବା ମୋଟ ୧୧୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୨୧ ଜଣ ପାସ୍ ଏବଂ ୧୨୮ ଜଣ ଫେଲ୍ କରିଥିବା ଜଣାପଡିଛି । ପ୍ରଥମ ଶ୍ରେଣୀରେ ୨୩୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩୬ ଜଣ ଓ ତୃତୀୟ ଶ୍ରେଣୀରେ ୫୪୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଗୁଡା ପିପୁଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୩ ଜଣ , ଦ୍ୱିତୀୟ ଶ୍ରେଣୀରେ ୬୮ ଜଣ ଓ ତୃତୀୟ ଶ୍ରେଣୀରେ ୧୩୦ ଜଣ ପାସ୍ କରିଥିବା ବେଳେ ୩୪ ଜଣ ଫେଲ୍ ହୋଇଛନ୍ତି । ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୯ , ଦ୍ୱିତୀୟ ଶ୍ରେଣୀରେ ୫୫ ଓ ତୃତୀୟ ଶ୍ରେଣୀରେ ୧୦୫ ଜଣ ପାସ୍ କରିଥିବା ବେଳେ ୧୦ ଜଣ ଫେଲ୍ ହୋଇଛନ୍ତି । ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୯୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୪, ଦ୍ୱିତୀୟ ଶ୍ରେଣୀରେ ୬୫ ଓ ତୃତୀୟ ଶ୍ରେଣୀରେ ୧୩୯ ଜଣ ପାସ୍ କରିଥିବା ବେଳେ ୨୭ ଜଣ ଫେଲ୍ ହୋଇଛନ୍ତି । ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୭, ଦ୍ୱିତୀୟ ଶ୍ରେଣୀରେ ୨୮ ଓ ତୃତୀୟ ଶ୍ରେଣୀରେ ୮୦ ଜଣ ପାସ୍ କରିଥିବା ବେଳେ ୨୯ ଜଣ ଫେଲ୍ ହୋଇଛନ୍ତି । ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬, ଦ୍ୱିତୀୟ ଶ୍ରେଣୀରେ ୪ ଓ ତୃତୀୟ ଶ୍ରେଣୀରେ ୫୦ ପାସ କରିଛନ୍ତି ଏବଂ ୧୧ ଜଣ ଫେଲ୍ କରିଛନ୍ତି । ଅହଲ୍ୟାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ ଜଣ , ଦ୍ୱିତୀୟ ଶ୍ରେଣୀରେ ୯ ଜଣ ଓ ତୃତୀୟ ଶ୍ରେଣୀରେ ୨୦ ଜଣ ପାସ୍ କରିଥିବା ବେଳେ ୪ ଜଣ ଫେଲ ହୋଇଛନ୍ତି । ସେହିପରି କରଚୁଲି ଗ୍ରାମସ୍ଥ ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଜଣ, ତୃତୀୟ ଶ୍ରେଣୀରେ ୨୨ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୩ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ବୁଗୁଡା ବ୍ଲକରେ ମୋଟ ପାସ୍ ହାର ୮୮.୮୫ ପ୍ରତିଶତ ରହିଥିବା ଜଣାଯାଇଛି ।

ଜଙ୍ଗଲ ଜମିପଟ୍ଟା ଦାବିରେ ବୁଗୁଡ଼ା ତହସିଲ ସମ୍ମୁଖରେ ବିକ୍ଷୋଭ

ବୁଗୁଡ଼ା,୨୨।୫/ଏନ୍ଏନ୍ଏସ୍: ଜଙ୍ଗଲ ଜମିପଟା ଦାବିରେ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଗଞ୍ଜାମ ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ବୁଗୁଡ଼ା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀମାନେ ପୁରୁଷାନୁକ୍ରମେ ଦଖଲ କରି ପରିବାର ପ୍ରତିପୋଷଣ କରି ଆସୁଥିବା ଜଙ୍ଗଲ ଜମିପଟ୍ଟା ପାଇଁ ଆବେଦନ କରିଥିଲେ । ଜିଲ୍ଲାପାଳଙ୍କ ଚିଠି ଅନୁଯାୟୀ ବୁଗୁଡ଼ା ପଞ୍ଚାୟତ ସମିତି ତଦନ୍ତ କରି ପଟ୍ଟା ପାଇଁ ସୁପାରିଶ କରିଥିଲେ । ଅନ୍ୟପକ୍ଷରେ ବୁଗୁଡ଼ା ତହସିଲଦାର ମିଳିତ ଭାବେ ଜମି ସର୍ଭେ କରିବାକୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ । ବନ ବିଭାଗ ଅସହଯୋଗ ଯୋଗୁଁ ସର୍ଭେ ନହୋଇ ବହୁ ଦରଖାସ୍ତ ତହସିଲରେ ପଡିରହିଛି । ଯଦ୍ୱାରା ଦୀର୍ଘ ବର୍ଷ ହେଲା ଜଣକୁ ହେଲେ ମଧ୍ୟ ଜଙ୍ଗଲ ଜମିର ପଟ୍ଟା ମିଳିପାରିନାହିଁ । ଆଦିବାସୀଙ୍କୁ ଜମିରୁ ଉଚ୍ଛେଦ କରବା ଏବଂ ପଟ୍ଟା ଯେପରି ନମିଳିବ ସେଥିପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ ହୋଇଛି । ତେବେ ଜମି ସର୍ଭେ କରି ପଟ୍ଟା । ଦେବା ପାଇଁ ପଦକ୍ଷେପ ନ ନଲେ ଗଣ ଆନ୍ଦୋଳନ ହେବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ । ବୁଗୁଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ ଏକ ପ୍ରତନିଧି ମଣ୍ଡଳୀ ବୁଗୁଡ଼ା ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ପଲ୍ଲୀସଭା କରି ଜମି ସର୍ଭେ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

ସମବାୟ ଚିନିଶିଳ୍ପ ପରିସରରେ ପ୍ୟାକ୍ସ ସମ୍ପାଦକଙ୍କ ସମୀକ୍ଷା ବୈଠକ

ପ୍ରାଥମିକ କୃଷି ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ

ଆସିକା,୨୨।୫/ଏନ୍ଏନ୍ଏସ୍: ଆସିକା ସମବାୟ ଚିନିଶିଳ୍ପର କୃଷକ ଭବନ ପରିସରରେ ପ୍ୟାକ୍ସ ସମ୍ପାଦକମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ଆସିକା ସର୍କଲ ଅଧୀନସ୍ଥ ଆସିକା, ଜଗନ୍ନାଥପ୍ରସାଦ, ଭଞ୍ଜନଗର, ଶେରଗଡ, ବେଲଗୁଣ୍ଠା, ସୋରଡା, ବୁଗୁଡା, ଧରାକୋଟ ବ୍ଲକ ପରିସରଭୁକ୍ତ ଅଞ୍ଚଳରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟରତ ଶତାଧୀକ ସମିତି ସଂପାଦକଙ୍କ ସମେତ ସମବାୟ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ଯୋଜନାର ଜିଲ୍ଲା ସଂଯୋଜକମାନେ ବୈଠକରେ ଉପସ୍ଥିତ ଥିଲେ । ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଗଞ୍ଜାମ ଓ ଗଜପତି ଜିଲ୍ଲାର ନୋଡାଲ୍ ଅଫିସର ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିଆର୍‌ସିଏସ୍ ଯୋଗମାୟା ସାବତ, ଆସିକା ଏଆର୍‌ସିଏସ୍ ବିଜୟ କୁମାର ସାହୁ, ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା ଓ ସଂପାଦକ ସନ୍ତୋଷ କୁମାର ମଲିକ ଏବଂ ଆଖୁ ପରାମର୍ଶଦାତା ବଳରାମ ସୁବୁଦ୍ଧି, ଉପସହକାରୀ ନିବନ୍ଧକ ନୃସିଂହ ପ୍ରସାଦ ପଣ୍ଡା ଓ କମଳ କୁମାର ଆଚାର୍ଯ୍ୟ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ଏଜିଏମ୍ ଗୀତାଞ୍ଜଳୀ ବେହେରାଙ୍କ ସମେତ ବହୁ ପଦାଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମୀକ୍ଷା ବୈଠକରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ ଅଧିକ କ୍ରିୟାଶୀଳ କରିବା ଓ ନୂତନ ସଦସ୍ୟ ସଂଗ୍ରହ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରି ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ସମବାୟ ସମିତିର ସଦସ୍ୟ ରୂପେ ଗ୍ରହଣ କରିବା, ଏନ୍ଏଲ୍‌ପିଏସ୍ କାର୍ଯ୍ୟକ୍ରମ ସଂପର୍କିତ ସମସ୍ତ ପ୍ୟାକ୍ସର ଡାଟା ପ୍ରସ୍ତୁତି କାର୍ଯ୍ୟ ତୁରନ୍ତ ଶେଷ କରିବା ଏବଂ ଜନସେବା କେନ୍ଦ୍ର ଗୁଡିକୁ କାର୍ଯ୍ୟକ୍ଷମ କରିବା ସାଙ୍ଗକୁ ପ୍ୟାକ୍ସ ଗୁଡିକର ବ୍ୟବସାୟିକ ଅଭିବୃଦ୍ଧି, ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି କରିବା, ସମିତି ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା, ଆଖୁଚାଷର ବହୁଳ ପ୍ରସାର ଓ ପ୍ରଚାରକୁ ଦୃଷ୍ଟିରେ ରଖି ଆଖୁଚାଷୀମାନଙ୍କୁ ସହଯୋଗ କରିବା, ଆଖୁଚାଷୀମାନଙ୍କୁ ସମବାୟ ବ୍ୟାଙ୍କ ଜରିଆରେ ଋଣ ଯୋଗାଇଦେବା ସମେତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଚିନିଶିଳ୍ପର ଆଖୁ ଉନ୍ନୟନ ପର୍ଯ୍ୟବେକ୍ଷକ ବାଇଧର ନାହାକ, ଧ୍ରୁବ ଚରଣ ସାହୁ, ଚିରଞ୍ଜିବୀ ମହାନ୍ତି, ସୁକାନ୍ତ କୁମାର ପଣ୍ଡା, କାମେଶ୍ୱର ବେହେରାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚିନିଶିଳ୍ପର କର୍ମଚାରୀ ବିଶ୍ୱନାଥ ପାଣିଗ୍ରାହୀ, ସୁଶାନ୍ତ କୁମାର ପାତ୍ର, ଉଲ୍ଲାସ କୁମାର ରେଡି, ବିଷ୍ଣୁ ପ୍ରସାଦ ଜେନା, ରାଜେଶ୍ କୁମାର ନାୟକ, କୈଳାଶ ଚନ୍ଦ୍ର ଗୌଡ, ଅମର ନାହାକ ପ୍ରମୁଖ ସହଯୋଗ କରିଥିଲେ ।

ମା’ ବୁଢୀ ଠାକୁରାଣୀଙ୍କ ଯାତ୍ରା ପାଇଁ ଆସିଲା ଆଜ୍ଞାମାଳ

ମୁଖ୍ୟମନ୍ଦିରରୁ ଫୁଲ ଚାଙ୍ଗୁଡ଼ିରେ ଅସ୍ଥାୟୀ ମନ୍ଦିରକୁ ଆସିଲେ ମା’

କୁକୁଡାଖଣ୍ଡି,୨୨।୫/ଏନ୍ଏନ୍ଏସ୍: ବ୍ରହ୍ମପୁର ଉପକଣ୍ଠ ଜଗଦଳପୁର ଗ୍ରାମର ପ୍ରସିଦ୍ଧ ମା’ ବୁଢୀ ସାଆନ୍ତାଣୀଙ୍କ ଦ୍ୱିବାର୍ଷିକୀ ଯାତ୍ରା ପାଇଁ ଗୁରୁବାର ସନ୍ଧ୍ୟାରେ ମୁଖ୍ୟ ମନ୍ଦିରରୁ ଆସିଛି ଆଜ୍ଞା ମାଳ । ଗୁରୁବାର ସନ୍ଧ୍ୟାରେ ମା’ ବୁଢୀ ଠାକୁରାଣୀ ମନ୍ଦିର ପରିଚାଳନା କମିଟି ଏବଂ ମା’ ସାଆନ୍ତାଣୀଙ୍କ ବାପା ଘର ବୋଲାଉଥିବା ସାହୁ ପରିବାରର ମହିଳାମାନେ ମା’ଙ୍କ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ । ମା’ଙ୍କୁ ଆମନ୍ତ୍ରଣ ପାଇଁ ସାହୁ ପରିବାରରୁ ବାଉଁଶ ଟୋକେଇରେ ଯାଇଥିବା ଇଟିମଳା ଫୁଲକୁ ମା’ଙ୍କ ମସ୍ତକରେ ଚଢ଼ାଯିବା ପରେ ଆମନ୍ତ୍ରଣ କରାଯାଇଥିଲା । ମା’ଙ୍କ ମସ୍ତକରୁ ଇଟିମଳା ଫୁଲ ଚାଙ୍ଗୁଡ଼ିକୁ ଖସିବା ପରେ ହୁଳହୁଳି, ଘଣ୍ଟସ୍ୱଳ, ମୃଦଙ୍ଗ ତାଳରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ପରିସର । ଏହାପରେ ମା’ଙ୍କୁ ଏକ ବିରାଟ ପଟୁଆରରେ କାଲୁଆ ମନ୍ଦିର ନିକଟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଚାଙ୍ଗୁଡ଼ିରେ ହିଁ ସ୍ଥାପନା କରାଯାଇଥିଲା । ମା’ ବାପଘରକୁ ଆସିବା ପରେ ଆଜି ବିଶ୍ରାମ ନେଇ ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ । ଆସନ୍ତାକାଲି ଠାରୁ ମା’ ବୁଢୀ ସାଆନ୍ତାଣୀ ଠାକୁରାଣୀ ଘଟରେ ପ୍ରବେଶ କରିବା ପରେ ସନ୍ଧ୍ୟାରେ ନଗର ଭ୍ରମଣରେ ବାହାରିବେ । ଦୀର୍ଘ ୧୫ ଦିନର ଯାତ୍ରା ଅବସରରେ ମା’ ସାଆନ୍ତାଣୀ ଗୁରୁବାର, ସଂକ୍ରାନ୍ତି ଏବଂ ଅମାବାସ୍ୟା ବ୍ୟତୀତ ସମସ୍ତ ଦିନରେ ନଗର ଭ୍ରମଣରେ ବାହାରିବା କାର୍ଯ୍ୟକ୍ରମ ରହିଛି । ମା’ ଆସନ୍ତା ୪ ତାରିଖରେ ବାପ ଘରୁ ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମା’ ବୁଢୀ ସାଆନ୍ତାଣୀ ଠାକୁରାଣୀ ମନ୍ଦିର ପରିଚାଳନା ଏବଂ ଯାତ୍ରା କମିଟି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଭାପତି ନିରଞ୍ଜନ ସାହୁ, ଡ଼ା.ଉମାକାନ୍ତ ସାହୁ,ପଞ୍ଚାନନ ସାହୁ, ଶିଶିର ସାହୁ, ହରିଶ୍ଚନ୍ଦ୍ର ସାହୁ, ସଂଜୟ ସାହୁ, ଉଦୟନାଥ ସାହୁ, ସ୍ୱରୂପ ସାହୁ, ଜନ୍ମେଞ୍ଜୟ ସାହୁ, ସୀମା ବେହେରା, ନିଳାଞ୍ଚଳ ବେହେରା, ଭାଗିରଥୀ ଗନ୍ତାୟତ, ପତିତପାବନ ଗନ୍ତାୟତଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ସମାରୋହ

ଆସିକା ବିଜ୍ଞାନ ମହାବିଦ୍ୟାଳୟର ରୋଭର୍ ସମ୍ମାନୀତ

ଆସିକା,୨୨।୫/ଏନ୍ଏନ୍ଏସ୍: ଭୁବନେଶ୍ୱର ସ୍ଥିତ ଲୋକଭବନର ନୂଆ ଅଭିଷେକ ହଲ୍ ପରିସରରେ ଅନୁଷ୍ଠିତ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ସମାରୋହରେ ଉଲ୍ଲେଖନୀୟ ପାରଦର୍ଶିତା ଲାଗି ଆସିକା ବିଜ୍ଞାନ ମହାବିଦ୍ୟାଳୟର ରୋଭର୍ ଆକାଶ ଗୌଡ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଆସିକା ବିଜ୍ଞାନ ମହାବିଦ୍ୟାଳୟର ରୋଭର୍ ଆକାଶ ଗୌଡଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି । ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଠାରୁ ଆସିକା ବିଜ୍ଞାନ ମହାବିଦ୍ୟାଳୟର ରୋଭର୍ ସ୍ୱେଚ୍ଛାସେବୀ ଆକାଶ ଗୌଡ ପ୍ରଶଂସାପତ୍ର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଓଡିଶା ରାଜ୍ୟ ମୁଖ୍ୟ କମିଶନର୍ ତଥା ଜାତୀୟ ଉପାଧକ୍ଷ କାଳୀପ୍ରସାଦ ମିଶ୍ର, ରାଜ୍ୟ କମିଶନର୍ (ଗାଇଡ୍) ଡଃ ସିପ୍ରା ନାୟକ, ରାଜ୍ୟ କମିଶନର୍ (ଆଡଲ୍ଟ ରିସୋର୍ସ) ଶ୍ରୀମତୀ ଶୁଭଶ୍ରୀ ନନ୍ଦଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଆସିକା ବିଜ୍ଞାନ ମହାବିଦ୍ୟାଳୟର ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଅଧ୍ୟାପକ ତଥା ରୋଭର୍ ଲିଡର୍ ସରୋଜ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବର୍ଷତମାମ ସ୍ୱେଚ୍ଛାସେବୀମାନେ ପରିବେଶର ସୁରକ୍ଷା ଲାଗି ଚାରାରୋପଣ ଠାରୁ ଆରମ୍ଭ କରି ସଡକ ସୁରକ୍ଷା ଜୀବନ ରକ୍ଷା, ସ୍ୱାସ୍ଥ୍ୟସେବା ଶିବିର, ବିଶ୍ୱ ଏଡ୍ସ୍ ଦିବସ, ଫାଇଲେରିଆ ସଚେତନତା, ସ୍ୱଚ୍ଛତା ଲାଗି ପରିମଳ ସଚେତନତା କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ ଅଭିଯାନ, ଆଜାଦି କା ଅମୃତ ମହୋତ୍ସବ, ହର୍ ଘର୍ ତ୍ରିରଙ୍ଗା ସମେତ ବହୁବିଧ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ବିଭିନ୍ନ ସମୟରେ ଆୟୋଜନ କରି ବେଶ୍ ପ୍ରଶଂସା ଲାଭ କରିଥିବା ନଜିର୍ ରହିଛି । ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ ହୋଇଥିବା ଆକାଶ ଗୌଡଙ୍କ ସମେତ ଶଙ୍କର୍ଷଣ ପାତ୍ର, ରୁଦ୍ର ପ୍ରସାଦ ପାଣିଗ୍ରାହୀ, ଶୁଭମ୍ ମହାନ୍ତି, ଭୋଳା ସେଠୀ, ଶୁଭଙ୍କର ପ୍ରଧାନ, ଓମ୍ ପ୍ରଧାନ, ଏନ୍.ଗୁରୁ ପ୍ରସାଦ ଦୋରା, ଶୁଭମ୍ କୁମାର ରାଉତଙ୍କୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ବିଭୁତି ଭୂଷଣ ବେବର୍ତ୍ତା, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଅଧ୍ୟାପକ ତଥା ରୋଭର୍ ଲିଡର୍ ସରୋଜ କୁମାର ପଣ୍ଡାଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା, ବିଦ୍ୟାର୍ଥୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

ଉନ୍ନୟନମୂଳକ କାର୍ଯ୍ୟରେ ଅଣଦେଖାକୁ ନେଇ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତିବାଦ

ଶେରଗଡ,୨୨।୫/ଏନ୍ଏନ୍ଏସ୍: ଉନ୍ନୟନମୂଳକ କାମରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ବିକଶିତ ଓଡିଶା ବିକଶିତ ଗାଁ ପ୍ରକଳ୍ପ କାର୍ଯ୍ୟରେ ନିର୍ବାଚିତ ପ୍ରତିନିଧିଙ୍କୁ ଉଦେଶ୍ୟ ମୂଳକ ଭାବେ ଅଣଦେଖା କରାଯାଉଛି । ଏହାର ପ୍ରତିବାଦରେ ଆଜି ଶେରଗଡ଼ ବ୍ଲକର ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଏବଂ ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ । ହିଞ୍ଜିଳି ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ଏନେଇ ବିଡ଼ିଓ ତୃପ୍ତିମୟୀ ଜେନାଙ୍କ ସହ ଆଲୋଚନା କରିଥିଲେ । ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ନେଇ ଉପନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀମାନେ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା କରି କାମ କରିବେ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ ।

ଓଡ଼ିଶା ମାନବାଧିକାର କମିଶନଙ୍କ କ୍ୟାମ୍ପ କୋର୍ଟ

୨୨ ମାମଲାର ତତ୍କାଳ ସମାଧାନ

ଛତ୍ରପୁର,୨୨।୫/ଏନ୍ଏନ୍ଏସ୍: ଓଡିଶା ମାନବାଧିକାର କମିଶନ ତରଫରୁ ଆଜି ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି କ୍ୟାମ୍ପ କୋର୍ଟରେ କମିଶନଙ୍କ ମାନ୍ୟବର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଆବେଦନକାରୀମାନେ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ନିଜ ନିଜର ଅଭିଯୋଗ ମାନ୍ୟବର ସଦସ୍ୟଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଶ୍ରୀ ମହାପାତ୍ର ମୋଟ ୨୯ଟି ମାମଲାର ଶୁଣାଣୀ କରିଥିଲେ । ସେ ୨୨ଟି ମାମଲାର ତତ୍କାଳ ସମାଧାନ କରିଥିବା ବେଳେ ୭ଟି ମାମଲାର ବିସ୍ତୃତ ତଦନ୍ତ ରିପୋର୍ଟ ତଲବ କରିଥିଲେ । ଜନସାଧାରଣଙ୍କ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ ଏବଂ ମାନବାଧିକାର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା କ୍ୟାମ୍ପ କୋର୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ ।

ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଫୁଲବାଣୀ,୨୨।୫/ଏନ୍ଏନ୍ଏସ୍: କନ୍ଧମାଳ ଜିଲ୍ଲାର ପ୍ରଗତି ଓ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଅଷ୍ଟମ ସାଧାରଣ ଅଧିବେଶନ ସମ୍ପନ୍ନ ହୋଇଯାଇଛି । ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍ଧମାଳ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜି. ଉଦୟଗିରିର ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଏବଂ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଉପସ୍ଥିତ ଥିଲେ । ଏହା ସହିତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଅଜିତ ପଟ୍ଟନାୟକ, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା ଏବଂ ଜନପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ, ଗ୍ରାମୀଣ ଗୃହ ନିର୍ମାଣ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ବିସ୍ତୃତ ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀମାନେ ବିଭାଗରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ବୈଠକ ଅବସରରେ ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାହାର ତ୍ୱରିତ ଓ ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ । ଜିଲ୍ଲାର ପ୍ରଗତି ଏବଂ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିମାନଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ବିଧାୟକମାନେ ଏବଂ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

ଭଞ୍ଜନଗର ପୌରାଧକ୍ଷଙ୍କ ବାସଭବନ ଉପରକୁ ବୋମାମାଡ଼

ବ୍ରହ୍ମପୁର,୨୨।୫/ଏନ୍ଏନ୍ଏସ୍: ରାଜ୍ୟରେ ଅପରାଧୀମାନେ ଖୋଲା ଖୋଲି ଭାବେ ଗୋଟିଏ ପରେ ଗୋଟିଏ ଅପରାଧ ଭିଆଇ ଚାଲିଛନ୍ତି । ଗଞ୍ଜାମ ଜିଲ୍ଲାରେ ଅପରାଧ ଗ୍ରାଫ ଉପରମୁହାଁ ହୋଇ ସାରା ରାଜ୍ୟରେ ହଟସ୍ପଟ ପାଲଟିଛି । ଇତିମଧ୍ୟରେ ଗଞ୍ଜାମ ପୁଲିସ ଅପରାଧକୁ ଦମନ କରିବା ପାଇଁ ଶକ୍ତ ପଦକ୍ଷେପ ଗ୍ରହଣ କରିବା ସହ ଦୁଇ ଦୁଇଟି ଏନକାଉଣ୍ଟର ମଧ୍ୟ କରିଛି । ତଥାପି ଅପରାଧିମାନେ ପୁଲିସକୁ ଭୟ କରୁନାହାନ୍ତି । ଏହିଭଳି ପରିସ୍ଥିତିରେ ଗୁରୁବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଭଞ୍ଜନଗର ଥାନା ପଛପଟେ ଥିବା ପୌରାଧକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଘର ଉପରକୁ ବୋମା ମାଡ କରିଥିବା ଜଣାପଡିଛି । ଅପରାଧିମାନେ ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଗୋଟିଏ ବାଇକ୍‌ରେ ଦୁଇଜଣ ଯୁବକ ଆସି ପୌରାଧକ୍ଷଙ୍କ ଘର ଉପରକୁ ଲକ୍ଷ୍ୟ କରି ଗୋଟେ ବୋମା ମାଡ କରି ଚାଲି ଯାଇଥିଲେ । ଏହି ସମୟରେ ପୌରାଧକ୍ଷ ଘରେ ନଥିଲେ । ପରିବାର ଲୋକେ ଥିଲେ । ଶବ୍ଦ ଶୁଣି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ । ଏହି ଘଟଣା ଲୋକ ଲୋଚନକୁ ଆସିବା ପରେ ସହରରେ ଆତଙ୍କ ଖେଳିଯାଇଛି । ବୋମାଟି ଗ୍ୟାରେଜ ଘର ଉପରେ ପଡିଥିଲା । ଖବର ପାଇ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି

ବୁଗୁଡା,୨୨।୫/ଏନ୍ଏନ୍ଏସ୍: ବୁଗୁଡ଼ା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଗତକାଲି ଅପରାହ୍ନରେ କାଳବୈଶାଖି ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାଯାଇଛି । ଅପରାହ୍ନରେ କଳାମେଘ ଘୋଟି ବିଜୁଳି, କାନତଡକା ଘଡଘଡି ଓ କୁଆପଥର ମାଡ ସହ ଅସରାଏ ବର୍ଷା ହୋଇଥିଲା । ଏଥି ସହ ପ୍ରବଳ ବେଗରେ ପବନ ବହିବା ଯୋଗୁଁ ଗୋଳିଆ ପଞ୍ଚାୟତର ଆଖପାଖ ଗ୍ରାମର ରାସ୍ତାକଡସ୍ଥ ଅନେକ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା ବେଳେ କେତେକ ବିଦ୍ୟୁତ୍ ଖୁଣ୍ଟ ଢଳିପଡି ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା । ଅନ୍ୟପକ୍ଷରେ ବୁଗୁଡ଼ା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ କାଟ ଯୋଗୁଁ ଲୋକେ ଗରମ ସାଙ୍ଗକୁ ମଶା କାମୁଡା ଯନ୍ତ୍ରଣା ଭୋଗିଥିଲେ । କାଳବୈଶାଖିର ତାଣ୍ଡବ କାଳରେ ବିଜୁଳି ଓ ଘଡଘଡି ପ୍ରଭାବରେ କେତେକଙ୍କ ଘରୋଇ ବୈଦ୍ୟୁତିକ ଉପକରଣ ପୋଡି କ୍ଷତି ଘଟିଥିବା ଜଣାପଡିଛି ।

ଗଞ୍ଜାମ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ

ଗ୍ରାମାଞ୍ଚଳ ଜଳସେଚନ ଓ ଅନ୍ୟାନ୍ୟ ସମସ୍ୟାର ତ୍ୱରିତ ସମାଧାନକୁ ଗୁରୁତ୍ୱ

ଛତ୍ରପୁର,୨୨।୫/ଏନ୍ଏନ୍ଏସ୍: ଗଞ୍ଜାମ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକଙ୍କ ଗଞ୍ଜାମ ବ୍ଲକ ପ୍ରତିନିଧି ମାନସ ନାୟକ, ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଜିଲ୍ଲା ପରିଷଦ -୧୫ର ସଦସ୍ୟ ସନାତନ ବେହେରା, ଜିଲ୍ଲାପରିଷଦ -୧୪ର ସଦସ୍ୟା ସସ୍ମିତା ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ପଞ୍ଚାୟତରାଜ ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳରେ କ୍ଷୁଦ୍ର ଓ ଉଠା ଜଳସେଚନ, ପାନୀୟ ଜଳ ଯୋଗାଣ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, କୃଷି ଓ ବିଦ୍ୟାଳୟ ଆଦିରେ ଥିବା ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ । ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଜନପ୍ରତିନିଧିମାନେ ଉତ୍ଥାପନ କରିଥିବା ବିଭିନ୍ନ ସମସ୍ୟାର ସାମ୍ପ୍ରତିକ ସ୍ଥିତି ଓ କେବେ ସୁଦ୍ଧା ସେଗୁଡିକର ସମାଧାନ ହୋଇପାରିବ ସେ ବିଷୟରେ ବୈଠକକୁ ଅବଗତ କରିଥିଲେ । ଗଞ୍ଜାମ ବ୍ଲକ ଚାଷ ପାଇଁ ଜଣାଶୁଣା ତେଣୁ ଚାଷୀ ଭାଇଭଉଣୀ ମାନଙ୍କର ସମସ୍ୟା ସମାଧାନକୁ ସବୁବେଳେ ପ୍ରାଥମିକତା ଦେବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଟମାଟୋ ଅଳ୍ପଦରରେ ବିକ୍ରି ହୋଇଥିଲା । ସେଥିଉପରେ ବିଶେଷ ଦୃଷ୍ଟି ଦେଇ ଚାଷ ପ୍ରତି ଲୋକମାନେ ଉତ୍ସାହିତ ହେଲା ଭଳି ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା । ଜିଲ୍ଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ଗଞ୍ଜାମ ବ୍ଲକ ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।



ଗ୍ରାମାଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର

ରାୟଗଡ଼ା,୨୧।୫/ଏନ୍‌ଏନ୍‌ଏସ୍‌: ରାୟଗଡ଼ା ଜିଲ୍ଲାର ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲାରେ ଅନେକ ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ସ୍ୱାସ୍ଥ୍ୟକର୍ମୀ ଭରସାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଅନ୍ୟପଟେ ଜିଲ୍ଲାରେ ଡାକ୍ତର ଅଭାବରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ରାମନାଗୁଡ଼ା,

ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି

ଗୁଣପୁର, ପଦ୍ମପୁର, ଗୁଡ଼ାରୀ, ଚନ୍ଦ୍ରପୁର, ମୁନିଗୁଡ଼ା ଓ ବିଷମକଟକ ଆଦି ବ୍ଲକର ଦୁର୍ଗମ ଅଞ୍ଚଳରେ ବଙ୍ଗାଳି ଡାକ୍ତରଙ୍କ ପ୍ରାଦୁର୍ଭାବ ଅଧିକ ରହିଥିବା ଦେଖାଯାଏ। ସୂଚନା ମୁତାବକ ପଶ୍ଚିମବଙ୍ଗରୁ ଆସି ଜଣେ ବ୍ୟକ୍ତି ଦୀର୍ଘ ୧୩ ବର୍ଷ ଧରି ବେଆଇନ୍ କ୍ଲିନିକ୍ ଚଳାଉଥିଲେ। କ୍ଲିନିକ୍ ଚଳାଉଥିବା ବ୍ୟକ୍ତି ଜଣଙ୍କ ପାଖରେ କୌଣସି ଏମ୍‌ବିବିଏସ୍ ସାର୍ଟିଫିକେଟ୍ ନାହିଁ। କ୍ଲିନିକ୍ ପାଇଁ ଆବଶ୍ୟକ ସରକାରୀ ଅନୁମତି ପତ୍ର କିମ୍ବା ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ମଧ୍ୟ ନାହିଁ ବୋଲି ତଦନ୍ତରେ ଜଣାପଡ଼ିଲା। ଅନ୍ୟପଟେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ରୋଗୀ ଯେପରି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇବେ ସେନେଇ ସମସ୍ତ ପ୍ରକାରର ସୁବିଧା କରୁଛନ୍ତି। ହେଲେ ପ୍ରକୃତରେ ଗ୍ରାମାଞ୍ଚଳର ରୋଗୀ ଏହାର ସୁବିଧା ପାଉଛନ୍ତି କି ନାହିଁ ତାହା ତଦାରଖ କରିବାକୁ କେହି ନାହିଁ। ତେଣୁ ଅଞ୍ଚଳରେ ଏପରି ନକଲି ଡାକ୍ତରଙ୍କ ଉପୃତ୍ତି ବଢ଼ିବାରେ ଲାଗିଛି। ଏହିକ୍ରମେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୁର୍ଗୀସ୍ଥିତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ଫାର୍ମାସିଷ୍ଟ ନଥିବାବେଳେ ଜଣେ ସ୍ୱାସ୍ଥ୍ୟକର୍ମୀ ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁର୍ଗୀ, କୁମ୍ଭାରଧାମୁଣୀ, ଡୁମୁରିନେଳି, ବେଥିଆପଡ଼ା ଓ କଣାବାଇ ପଞ୍ଚାୟତର ଲୋକେ ନିର୍ଭର କରିଆସୁଛନ୍ତି। ଏହି ପଞ୍ଚାୟତର ଦୁର୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷିତ ପ୍ରସବ

ହେଉଥିବାବେଳେ ଡାକ୍ତର ଅଭାବରୁ ଏହି ସୁବିଧା ବନ୍ଦ ହୋଇଯାଇଛି। ଫଳରେ ଏ ଅଞ୍ଚଳର ଗର୍ଭବତୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକୁ ୧୫ରୁ ୧୬ ଜଣ ଗର୍ଭବତୀଙ୍କ ପ୍ରଶବ ହେଉଥିବାବେଳେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସେହିପରି ସାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ମଧ୍ୟ ଜଣେ ସ୍ୱାସ୍ଥ୍ୟକର୍ମୀ ଭରସାରେ ହିଁ ଚାଲୁ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଡାକ୍ତର ଏବଂ ଫାର୍ମାସିଷ୍ଟ ପଦବୀ ଖାଲିପଡ଼ିଛି। ଡଙ୍ଗରିଆ ଜନଜାତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଖମ୍ପେସିରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଜଣେ ଫାର୍ମାସିଷ୍ଟ ଦ୍ୱାରା ତାହା ପରିଚାଳିତ ହେଉଛି। ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ୩ଟି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇରହିଛନ୍ତି।

ଦୀର୍ଘଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଉନଥିବା ସତ୍ତ୍ୱେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ କିପରି ଗୁରୁତ୍ୱ ଦେଉନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଡାକ୍ତର ନିଯୁକ୍ତ ନିମନ୍ତେ ଅଞ୍ଚଳବାସୀମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ସେମାନଙ୍କ କଥାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କର୍ଣ୍ଣପାତ କରୁନଥିବା ପ୍ରକାଶ କରିଛନ୍ତି। ଏନେଇ ବିଷମକଟକ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହରିହର ବଳଦେବ ଟୁଡୁଙ୍କ ସହ ଯୋଗାଯୋଗ କରିଥିବାବେଳେ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ ଦେବା ଦାୟିତ୍ୱ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ ନ୍ୟସ୍ତ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାଙ୍ଗକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ କର୍ମଚାରୀ ସଙ୍କଟ ରହିଛି ଯଦ୍ୱାରା ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କଷ୍ଟସାଧ ବୋଲି ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ତୁରନ୍ତ ଡାକ୍ତର ସାଙ୍ଗକୁ ଖାଲି ପଡ଼ିଥିବା ପଦବୀ ପୂରଣ କରି ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଦାବି ହେଉଛି ଅନ୍ୟଥା ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ନିମନ୍ତେ ନିଷ୍ପତ୍ତି ନେଉଛନ୍ତି।

ରାଜସ୍ୱ ମନ୍ତ୍ରୀଙ୍କ ହକି ଷ୍ଟାଡିୟମ୍ ପରିଦର୍ଶନ

ଝାରସୁଗୁଡ଼ା,୨୨।୫/ଏନ୍‌ଏନ୍‌ଏସ୍‌: ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଟାପାଲିସ୍ଥିତ ହକି ଷ୍ଟାଡିୟମ୍ ପରିଦର୍ଶନରେ ଆସି ନିର୍ମାଣ ହେଉଥିବା ଟର୍ଫ କାର୍ଯ୍ୟ ଦେଖିଥିଲେ। ଏହାସହ ହକି ଷ୍ଟାଡିୟମ୍‌ର ଅଫିସ୍ ଗୃହ ପରିଦର୍ଶନ କରି ଷ୍ଟାଡିୟମ୍‌ର ଉନ୍ନତି ପାଇଁ ଓଡ଼ିଶା ହକି ଆସୋସିଏସନ୍ ଉପସଭାପତି ଜୀବନ ମହାନ୍ତିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଟର୍ଫ କାର୍ଯ୍ୟର ବିଳମ୍ବ ପାଇଁ ଠିକାଦାର୍‌କୁ ଚିଠି ଦେବା ପାଇଁ ଶ୍ରୀ ମହାନ୍ତିଙ୍କୁ କହିଥିଲେ। ସୂଚନାଯୋଗ୍ୟ ଏହି କାର୍ଯ୍ୟ ମାର୍ଚ୍ଚ ମାସ ପୂର୍ବରୁ ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ହକି ଷ୍ଟାଡିୟମ୍ କାର୍ଯ୍ୟରେ କାମ କରୁଥିବା ସମସ୍ତ ବିଭାଗ ସହିତ ସମୀକ୍ଷା କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାରୁ ଚଳିତ ବର୍ଷ ଆନ୍ତଃରାଜ୍ୟ ସ୍କୁଲ୍ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ୧୪ ବର୍ଷ ବୟସ ବର୍ଗରେ କଟାପାଲି ସ୍କୁଲ୍‌ର ଛାତ୍ର ସାହିଦ୍ ନାଏକ ଓ ସେହି ସ୍କୁଲ୍‌ର ଛାତ୍ର ୧୬ ବର୍ଷ ବୟସ ବର୍ଗରେ ବିବେକ ନାଏକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ଓଡ଼ିଶା ସବଜୁନିୟର ମୁଖ୍ୟ ଦଳରେ ଖେଳିବା ପାଇଁ ଉନ୍ନତୀ କାମନା କରିଥିଲେ। ଏହି ଗସ୍ତ ସମୟରେ ଭାରତୀୟ ହକି ଦଳର ପୂର୍ବତନ ମହିଳା ଅଧିନାୟିକା ସୁଭଦ୍ରା ପ୍ରଧାନ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ହକି ଆସୋସିଏସନ୍‌ର ସଭ୍ୟ ପ୍ରଜ୍ୱଳ ପଟେଲ, ବିଜୟ ବେହେରା, କ୍ଲେମେଣ୍ଟ ରୋନାଲଡ୍, ଆଶୋକ ପ୍ରଧାନ, ବିଜେପିର ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ଓ ପ୍ରବୀଣ ଶ୍ରୀବାସ୍ତବଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

କଲ୍ୟାଣସିଂହପୁର ଲ୍ୟାମ୍ପ୍ସରେ ଆର୍ଥିକ ଅନିୟମିତତା ମାମଲା

ଭିଜିଲାନ୍ସ ତଦନ୍ତ ଆରମ୍ଭ, ଲ୍ୟାମ୍ପ୍ସ ପରିଚାଳକ ଗିରଫ

ରାୟଗଡ଼ା,୨୨।୫/ଏନ୍‌ଏନ୍‌ଏସ୍‌: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଲ୍ୟାମ୍ପ୍ସରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗରେ ଲ୍ୟାମ୍ପ୍ସ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। କଲ୍ୟାଣସିଂହପୁର ଲ୍ୟାମ୍ପ୍ସର ଆର୍ଥିକ ଅନିୟମିତତା ଅଭିଯୋଗରେ ରାୟଗଡ଼ା ଭିଜିଲାନ୍ସର ୬ ଜଣିଆ ଟିମ୍ କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ଜିଲୁଣ୍ଡି ବାସଭବନରେ ଶୁକ୍ରବାର ସକାଳୁ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗ ଘରେ ଥିବା ବ୍ୟାଙ୍କ ପାସବୁକ୍, ଇନସ୍ୟୁରାନସ୍ ଓ ଅନ୍ୟ ଆସବାବପତ୍ର ଜବତ କରି ଯାଞ୍ଚ ଆରମ୍ଭ କରିଛି। ଏପରିକି ଲ୍ୟାମ୍ପ୍ସର ପରିଚାଳନା, ପାଚେରୀ ନିର୍ମାଣ ଓ ମରାମତିରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗ ହୋଇଥିଲା। ପାଖାପାଖି ୭୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ

ହୋଇଥିଲା। ଲ୍ୟାମ୍ପ୍ସରେ ଅନିୟମିତତା ନେଇ କଲ୍ୟାଣସିଂହପୁର ଅଞ୍ଚଳର ଚାଷୀମାନେ ପୂର୍ବରୁ ଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବିଭାଗ ପକ୍ଷରୁ ଏଆରସିଏସ୍ ଜନ୍ମେଜୟ ମହାପାତ୍ର ତଦନ୍ତ କରିଥିଲେ। ତେବେ ଟଙ୍କା ଲେଣଦେଣ ଓ ପରିଚାଳନା କ୍ଷେତ୍ରରେ ଆର୍ଥିକ ଅନିୟମିତତା ବ୍ୟାପକ ଭାବେ ହୋଇଥିବା ଜଣାପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା ହୋଇଥିବା ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ସେହିପରି କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ବ୍ୟାଙ୍କ ଆକାଉଣ୍ଟରୁ ତାଳମେଳ ହୋଇନଥିଲା ବୋଲି କହିଥିଲେ। ବିଭାଗୀୟ ତଦନ୍ତ ରିପୋର୍ଟ ଅନୁଯାୟୀ ୩୩ ଜଣ ଚାଷୀଙ୍କ ଅଜାଣତରେ ୨୮ ଲକ୍ଷ ୨୯ ହଜାର ଟଙ୍କା ଉଠାଯାଇଥିବା ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ୭୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡ଼ପ କରାଯାଇଥିବା ଉଲ୍ଲେଖ ରହିଛି। ସେହିପରି ଏମ୍‌ଡି ତ୍ରିପାଠୀଙ୍କ ମିନି ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର ଟଙ୍କା, ଭାଇଙ୍କ ନାମରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାମରେ ୩ ଲକ୍ଷ ୬୫ ହଜାର, ସ୍ତ୍ରୀ ଓ ଅନ୍ୟ ସମ୍ପର୍କୀୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ୨୨ ଲକ୍ଷ ଟଙ୍କା ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କରୁ ଉଠାଯାଇଥିବା ବିଭାଗୀୟ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭିଜିଲାନ୍ସ ଟିମ୍ ସମସ୍ତ ଲ୍ୟାମ୍ପସ୍ କାଗଜପତ୍ର ଜବତ କରିଥିଲା।

ବ୍ଲକ୍ ସଭାପତି ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୨୨।୫/ଏନ୍‌ଏନ୍‌ଏସ୍‌: ଦେଓଗାଁ ବ୍ଲକ୍ ଭୀମ ଡୁଙ୍ଗୁରିରେ ଆୟୋଜିତ ନବନିଯୁକ୍ତ ବ୍ଲକ୍ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ୍ କଂଗ୍ରେସ୍ ସଭାପତି ରାମଜୀ ଚୌଧୁରୀ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଯେ ଏହି ବିଜେପି ସରକାର ଅମଳରେ ମହିଳାଙ୍କ ସମେତ ଛାତ୍ର, ଯୁବକ କୃଷକ ଓ ଶ୍ରମିକ ସମସ୍ତେ ଅବହେଳିତ ଓ ନିର୍ଯ୍ୟାତିତ ଥିଲେ। ଯଦି ସମାଜରେ ଶାନ୍ତି ଓ ପ୍ରଗତି ଦରକାର ତେବେ ନାରୀ ସମାଜ ଏକତ୍ରିତ ହୋଇ କ୍ରାନ୍ତି ମାଧମରେ ଏହି ଲୋକବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଉଚିତ୍ ଜବାବ ଦିଅନ୍ତୁ ବୋଲି କହିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହ ଭଉଣୀ ସୂର୍ଯ୍ୟକାନ୍ତି ଏ ଅଞ୍ଚଳର ଅବହେଳିତ ଓ ମହିଳାଙ୍କ ସ୍ୱାର୍ଥ ପାଇଁ ଜାରୀ ରଖିଥିବା

ଲଢ଼େଇ ସମଗ୍ର ଅଞ୍ଚଳବାସୀଙ୍କୁ ଜଣା। ତାଙ୍କ ନେତୃତ୍ୱରେ ଦେଓଗାଁ ଅଞ୍ଚଳର ମାଆମାନେ ନିଶ୍ଚିତ ଭାବେ ସୁରକ୍ଷିତ ରହିବା ସହ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶରେ ଏକ ଦୃଷ୍ଟାନ୍ତମୂଳକ ଭାଗିଦାରୀ ରଖିବେ। ଏହି ଅବସରରେ ସୁଶ୍ରୀ ସୂର୍ଯ୍ୟକାନ୍ତି ଜାତୀୟ ମହିଳା କଂଗ୍ରେସ୍ ସଭାନେତ୍ରୀ ଅଲକା ଲାମ୍ବା, ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜିଲ୍ଲା ମହିଳା ସଭାନେତ୍ରୀ ଜୟନ୍ତୀ ପଟେଲ୍ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କ ଉପରେ ଭରସା କରି ଏହି ଗୁରୁଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟକାନ୍ତି ଉପସ୍ଥିତ ମହିଳା ଓ କଂଗ୍ରେସ କର୍ମୀଙ୍କୁ ନାରୀ ନିର୍ଯ୍ୟାତନା ଖୁବ୍ ଅଧିକ ହେଇଗଲା, ବର୍ତ୍ତମାନ ନାରୀ ନିର୍ଯାତନାକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ରଣହୁଙ୍କାର ଦେବାର ସମୟ ଆସିଯାଇଛି। ମାଆ ଭଉଣୀମାନେ ନିଜ ଭିତରେ ଏକତା ରଖନ୍ତୁ, ଏହି ଅଞ୍ଚଳର ହକ୍ ପାଇଁ ପ୍ରତ୍ୟେକ ଲଢ଼େଇର ନେତୃତ୍ୱ ଆମେ ନେବା। ଯେପର୍ଯ୍ୟନ୍ତ ମାଆମାନେ ସାମାଜିକସ୍ତରରେ ସୁରକ୍ଷିତ ନରହିବେ, ଅର୍ଥନୈତିକସ୍ତରରେ ସ୍ୱାବଲମ୍ବୀ ନହେବେ ସେପର୍ଯ୍ୟନ୍ତ ଆମ ଲଢ଼େଇର ଅନ୍ତ ହେବନାହିଁ ବୋଲି କହିଥିଲେ। ମଞ୍ଚାସୀନ ସମିତିସଭ୍ୟ ସଙ୍କୀର୍ତ୍ତନ ବାଗ ଓ ପପୁ ପାତ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ ଅଭିମୁଖ୍ୟକୁ କଟୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ମନମୋହନ ପଟେଲ୍, ମନୀଷ ମିଶ୍ର, ଅସିତ୍ ମିଶ୍ର, ଶ୍ରୀଧର ବାରିକ, ସୌମିତ୍ରୀ ଭୋଇ, ଚନ୍ଦ୍ରମା ଧରୁଆ, ଚିତ୍ତ ସାହୁ, ଜଗବନ୍ଧୁ ମେହେର, ଉମାକାନ୍ତ ପଣ୍ଡା, ରାମ ମିଶ୍ର ଓ ଜ୍ୟୋତିଷ ମୁଗ୍ରୀ ମଞ୍ଚାସୀନ ଥିଲେ। ଦଳିତ ନେତା ମୟ ପଧାନୀ ଧନ୍ୟବାଦ ଦେଇଥିଲେ।

କଳାହାଣ୍ଡିରେ ପୁଣି ଦାଦନ ଯନ୍ତ୍ରଣା

୫ ଦିନ ପରେ ଗାଁକୁ ଫେରିଲା ମୃତଦେହ

ଭବାନୀପାଟଣା,୨୧।୫/ଏନ୍‌ଏନ୍‌ଏସ୍‌: କଳାହାଣ୍ଡି ଜିଲ୍ଲାରେ ଦିନକୁଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ପୁଣି ଜଣେ ଦାଦନ ଶ୍ରମିକ ଶବ ହୋଇ ଫେରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତର ତଳରାଚୁଗୁଡ଼ା ଗ୍ରାମର ଦୁଃଖୀ ହରିଜନ। ସେ ଆନ୍ଧ୍ରପ୍ରଦେଶର ନାଳଗୋପୁରମ୍ ଥାନା ଆନନ୍ଦପୁରମ୍ ଜିଲ୍ଲାର ଭାବନାନଗେଶ ଅଞ୍ଚଳରେ କାମ କରୁଥିଲେ। ରବିବାର ସକାଳ ୧୦ଟାରେ ଗାଧେଇବା ସମୟରେ

ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଆନ୍ଧ୍ରପ୍ରଦେଶର ନାଳଗୋପୁରମ୍ ଥାନାରେ ବୁଧବାର ଶବ ବ୍ୟବଚ୍ଛେଦ ପରେ ଗୁରୁବାର ଦୁଃଖୀଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଏନେଇ ନିଜ ଗାଁ ତଳରାଚୁଗୁଡ଼ାରେ ଶବ ପହଞ୍ଚିବା ପରେ ଗାଁ ମଶାଣିରେ ଶବସତ୍କାର କରାଯାଇଥିଲା। ଦୁଃଖୀଙ୍କ ସ୍ତ୍ରୀ ସହ ତିନି ପୁଅ ଓ ଗୋଟେ ଝିଅ ରହିଛନ୍ତି। ଏବେ ସ୍ତ୍ରୀ ସୁଲୋଚନାଙ୍କ ମୁଣ୍ଡରେ ପୁଅ, ଝିଅର ପ୍ରତିପୋଷଣର ଚିନ୍ତା ରହିଥିବାରୁ ସରକାର ତଥା ପ୍ରଶାସନ ପକ୍ଷରୁ କୌଣସି ସହାୟତା ଯୋଗାଇବାକୁ ଦାବି ହେଉଛି।

ରବି ଧାନ ବିକ୍ରି ପାଇଁ ବୁଲିଲା ପ୍ରଚାର ରଥ

ପାଟଣାଗଡ଼,୨୨।୫/ଏନ୍‌ଏନ୍‌ଏସ୍‌: ବଲାଙ୍ଗୀର ଜିଲ୍ଲାରେ ଚଳିତ ମାସ ୨୫ ତାରିଖରୁ ଧାନ କିଣିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏହିକ୍ରମେ ପାଟଣାଗଡ଼ ଉପଖଣ୍ଡର ୩ଟି ବ୍ଲକ୍‌ରେ ଚାଷୀମାନେ ଜାଣିବା ପାଇଁ ଏକ ସଚେତନା ରଥକୁ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ରଥକୁ ଉପଜିଲ୍ଲାପାଳ ପୂଜା କରିଥିଲେ। ପରେ ଉପଜିଲ୍ଲାପାଳ ଓ ତହସିଲଦାର୍ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ସରକାର ଧାନ କୁଇଣ୍ଟାଲ୍ ପିଛା ସରକାରୀ ଧାର୍ଯ୍ୟ ୨,୩୦୦ ଓ ୮୦୦ ବୋନସ୍ ମିଶି ୩,୧୦୦ ଟଙ୍କା ରଖାଯାଇଛି ବୋଲି

ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ଯୋଗାଣ ବିଭାଗ ଅଧିକାରୀ ଓ ଆର୍‌ଏମ୍‌ସିର ସମ୍ପାଦକ କ୍ଷମାନିଧି ଗଡ଼ତିଆ ଉପସ୍ଥିତ ଥିଲେ।

ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

ପାଟଣାଗଡ଼,୨୨।୫/ଏନ୍‌ଏନ୍‌ଏସ୍‌: ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବିଜେଡି ପକ୍ଷରୁ ନାରୀ ସୁରକ୍ଷା ଓ ମହିଳା ବିଲ୍‌କୁ ନେଇ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ଏବଂ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାକୁ ଅସମର୍ଥ ଅଭିଯୋଗ ନେଇ ବିଜେପି ସରକାର ବିରୋଧରେ ପାଟଣାଗଡ଼ରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ବିଜେଡି କାର୍ଯାଳୟରୁ ଜିଲ୍ଲା ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ

ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ବିଜେଡିର ଶତାଧିକ କର୍ମୀ ଓ ମହିଳା ସମର୍ଥକ ହାତରେ ବ୍ୟାନର୍ ଓ ପ୍ଲାକାର୍ଡ ଧରି ସରକାର ବିରୋଧରେ ସ୍ଲୋଗାନ୍ ଦେଇ ବ୍ଲକ୍ କାର୍ଯ୍ୟାଳୟକୁ ଧସି ପଶି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଆନ୍ତଃଜିଲ୍ଲା ପେନସନ୍ ଅଦାଲତ ଉଦ୍‌ଯାପିତ

ଜୟପୁର,୨୨।୫/ଏନ୍‌ଏନ୍‌ଏସ୍‌: ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ପୁଲିସ୍ ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲ୍ଲା ପେନସନ୍ ଅଦାଲତ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଅବସରପ୍ରାପ୍ତ ସରକାରୀ ପୁଲିସ୍ କର୍ମଚାରୀଙ୍କ ୪୮୬ଟି ପେନସନ୍, ଭବିଷ୍ୟନିଧି ଓ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଥିଲା। କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା, ଉପମହାଲେଖାକାର ଶୁଭମ୍ ବୈଦ୍ୟନାଥ ସ୍ୱାମୀ, ଯୁଗ୍ମ ଶାସନ ସଚିବ ଅସିତ୍ କୁମାର ପାଣି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆମ୍ବିତ

ମହାନ୍ତି, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର ଓ ଅଭିଜିତ କୁମାର ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଶୁଣିଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀ ବର୍ମା ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ଠିକ୍ ସମୟରେ ମିଳିବା ଓ ଅବସର ପୂର୍ବରୁ ପେନସନ୍ ଆବେଦନ ମହାଲେଖାକାର କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପମହାଲେଖାକାର ଓ ନିର୍ଦ୍ଦେଶକ ଅବସରକାଳୀନ ପ୍ରାପ୍ୟ ଆବେଦନ ସଠିକ୍ ଭାବେ ମଞ୍ଜୁର୍ କରି ପଠାଇବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଫଇସଲା କରାଯାଇଥିବା ପେନସନ୍ ମଞ୍ଜୁର ଆଦେଶପତ୍ର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଲେଖା ଅଧିକାରୀ ଅଭିଜିତ କୁମାର, ସହକାରୀ ଲେଖା ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମଦ ବନ୍ଦ ପାଇଁ ଶତାଧିକ ମହିଳାଙ୍କ ରାସ୍ତାରୋକ

ନବରଙ୍ଗପୁର,୨୨।୫/ଏନ୍‌ଏନ୍‌ଏସ୍‌: ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ତୁମ୍ବଲ୍ଲା ପଞ୍ଚାୟତର ଧନସୁଲି, ମହୁଲି, ହିର୍ଲି, ସିରାଗୁଡ଼ା ଓ ମାଝୀଗୁଡ଼ାର ଶତାଧିକ ମହିଳା ଦେଶୀମଦ ଭାଟି ବନ୍ଦ କରିବା ପାଇଁ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏହି ଅବରୋଧ ମଧ୍ୟାହ୍ନ ୧୨ରୁ ୨ଟା ପର୍ଯ୍ୟନ୍ତ ଜାରି ରହିଥିଲା।

ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିବା ସହ ଯାତ୍ରୀମାନେ ହଇରାଣ ହୋଇଥିଲେ। ପାପଡ଼ାହାଣ୍ଡି ଓ ମୈଦଲପୁର ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ସେମାନେ ରାସ୍ତାରୋକରୁ ହଟିଥିଲେ। ପୁଣି ଦେଶୀଭାଟିକୁ ବନ୍ଦ କରିବା ପାଇଁ ଦାବି

କରିଥିଲେ। ଭାଟି ତାଲା ନ ପକାଇବାରୁ ମହିଳାମାନେ ଭାଟି ଆଗରେ ବସିଥିଲେ। ପ୍ରକାଶଥାଉକି ଅଞ୍ଚଳରେ ଘରେ ଘରେ ଦେଶୀ ରନ୍ଧାମଦ ଦୋକାନ ଥିବାରୁ ଗ୍ରାମର ପୁରୁଷ ଓ ଶିଶୁମାନେ ଏହାର ଶିକାର ହେଉଛନ୍ତି। ଫଳରେ ଘରୋଇ ହିଂସା, ଶାରୀରିକ ଅସୁସ୍ଥତା ଓ ବିଧବା ସଂଖ୍ୟା ବଢ଼ିବା ଆଦିକୁ ନେଇ ଗତ ୧୯ ତାରିଖ ମଙ୍ଗଳବାର ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଗାଁରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଥିଲେ।

ଏନେଇ ମହିଳାମାନେ ସରପଞ୍ଚ, ବିଡିଓ, ବିଧାୟକ, ଅବକାରୀ ବିଭାଗ, ପୁଲିସ୍ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିବାରୁ ଆଜି ରାସ୍ତାରୋକ କରାଯାଇଥିଲା ବୋଲି ମହିଳା ସଭାପତି ଚନ୍ଦ୍ରିକା ଭତ୍ରା, ଭାଗ୍ୟ ଭତ୍ରା, ଲଛମା ଭତ୍ରା ଓ ବଇଦି ଭତ୍ରା ପ୍ରମୁଖ କହିଛନ୍ତି।

ନିତି ଭାରତୀ

ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅନାହିଁ।
- ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ଶନିବାର, ୨୩ ମେ' ୨୦୨୬

ଲଗାମହୀନ ଏନ୍‌ଟିଏ ଓ ଏନ୍‌ଏମ୍‌ସି



ସୌଭାଗ୍ୟ ସୁନ୍ଦରରାୟ

ଚଳିତ ବର୍ଷ ନିଟ୍‌-ୟୁଜି ପ୍ରଶ୍ନପତ୍ର ପୁଣି ପ୍ରଘଟ ହୋଇଛି। ଉଭୟ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ଚଳିତ ବର୍ଷ ପ୍ରାୟ ୨୨ ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ କରାଗଲା। ଫଳରେ ମାନସିକ ଚାପଗ୍ରସ୍ତ ହୋଇ ରାଜସ୍ଥାନ, ଗୋଆ ଓ ଉତ୍ତରପ୍ରଦେଶରେ ୩ ଜଣ ଛାତ୍ର ଆତ୍ମହତ୍ୟା କଲେ। ତେବେ ଏହି ଏନ୍‌ଟିଏ ସଂସ୍ଥାଟି କ'ଣ ପାଇଁ ଗଠନ ହେଲା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ। ୟୁପିଏସ୍‌ସି ଓ ଷ୍ଟାଫ୍ ସିଲେକ୍ସନ୍ କମିଶନ ମଧ୍ୟ ପରୀକ୍ଷା ପରିଚାଳନା କରୁଛନ୍ତି। ସେଠାରେ ଏତେଟା ସମସ୍ୟା ଦେଖାଯାଉ ନାହିଁ। କାରଣ ଏହି ୨ ସଂସ୍ଥାର ବୈଧାନିକ ମାନ୍ୟତା ରହିଛି, ଯାହା ଏନ୍‌ଟିଏର ନାହିଁ। ଏନ୍‌ଟିଏ ସୋସାଇଟି ପଞ୍ଜିକରଣ ଆଇନ ଅନୁଯାୟୀ ଗଠନ ହୋଇଛି। ଏଣୁ ସଂସ୍ଥାର ସେଭଳି କୌଣସି ଉତ୍ତରଦାୟିତ୍ୱ ନାହିଁ। ଖାମଖିଆଲି ଭାବେ ଏହା ପରୀକ୍ଷା ପରିଚାଳନା କରୁଥିଲେ ମଧ୍ୟ ସରକାର ସଂସ୍ଥାଟି ପ୍ରତି ଗୁରୁତ୍ୱ ବୃଦ୍ଧି କରି ଚାଲିଛନ୍ତି। ଏନ୍‌ଟିଏର ବିଫଳତା ପୂର୍ବରୁ ଜଣା ପଡ଼ିଥିଲେ ମଧ୍ୟ ସରକାର ଏଥି ପ୍ରତି ସଚେତନ ରହୁ ନଥିବା ମନେ କରାଯାଉଛି। ଲକ୍ଷ ଲକ୍ଷ ପିଲାଙ୍କ ମାନସିକତା ସହ ଖେଳୁଥିବା ପରି ମନେ ହେଉଛି। ଅତୀତରେ ସ୍ନାତକ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା ପାଇଁ ପ୍ରବେଶିକା ପରୀକ୍ଷା ପରିଚାଳନା କରୁଥିଲା ସିବିଏସ୍‌ସି। ସେତେବେଳେ ମଧ୍ୟ ସମସ୍ୟା ଏତେ ନଥିଲା। ଭାଜପା ସରକାର ଆସିବା ପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ନାମରେ ଏକ ନୂଆ ସଂସ୍ଥା ଗଠନ କରି ଉଭୟ ପରୀକ୍ଷା ଦାୟିତ୍ୱ ଏହି ସଂସ୍ଥା ଉପରେ ନ୍ୟସ୍ତ କଲେ। କୁହାଗଲା, ନୂଆ ଢାଞ୍ଚା ତଥା ସ୍ୱଚ୍ଛ ପଦ୍ଧତିରେ ଏହି ସଂସ୍ଥା ପରୀକ୍ଷା ପରିଚାଳନା କରିବ। କିନ୍ତୁ ଦେଖାଗଲା ଯେ ୨୦୨୪ ମସିହାରେ ନିଟ୍‌-ୟୁଜି ପ୍ରଶ୍ନପତ୍ର ପ୍ରଘଟ ହେଲା। ଦେଶବ୍ୟାପି ଏନ୍‌ଟିଏ ନିନ୍ଦିତ ହେଲା। ଏହି ଘଟଣାରେ ସିବିଆଇ ୪୦ ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ୨୦୨୪ ଶିକ୍ଷା ବର୍ଷରେ ୨୪ ଲକ୍ଷ ବିଦ୍ୟାର୍ଥୀ ନିଟ୍‌-ୟୁଜି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୩.୫ ଲକ୍ଷ ପରୀକ୍ଷାର୍ଥୀ ଅଧିକ ନମ୍ବର ରଖିଥିବା ଜଣା ପଡ଼ିଲା। ଫଳରେ ପରୀକ୍ଷା ବାତିଲ କରି ପୁନଃପରୀକ୍ଷା ପାଇଁ ଦାବି ଉଠିଲା। ମାମଲା ଶୀର୍ଷ ଅଦାଲତକୁ ଗଲା। କେତେକ କେନ୍ଦ୍ରରେ ପୁନଃପରୀକ୍ଷା କରାଗଲା। ସେହି ବର୍ଷ ମଧ୍ୟ ୟୁଜିସି-ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେଲା। ଫଳରେ ପରୀକ୍ଷା ବାତିଲ କରାଗଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏନ୍‌ଟିଏ ନିର୍ଦ୍ଦେଶକ ସୁବୋଧ କୁମାର ସିଂହଙ୍କୁ ପଦବୀରୁ ହଟାଇବାକୁ ସରକାର ବାଧ୍ୟ ହେଲେ। ଏନ୍‌ଟିଏ କାର୍ଯ୍ୟଧାରା ଅନୁଧ୍ୟାନ କରି ଆବଶ୍ୟକ ସଂସ୍କାର ସୁପାରିସ କରିବାକୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ୭ ଜଣିଆ କମିଟି ଗଠନ କରାଗଲା। ଏହାର ଫଳାଫଳ କ'ଣ ହେଲା, ତାହା ଦେଶବାସୀ ଜାଣିଲେ ନାହିଁ। ମାତ୍ର ୨ ବର୍ଷ ପରେ ପୁଣି ପ୍ରଶ୍ନପତ୍ର ପ୍ରଘଟ ହେଲା। ଏଥର ମଧ୍ୟ ପୁଣି ସିବିଆଇ ତଦନ୍ତ! ଏଥି ସହ ପୁଣି ୨ଟି ଉପସଚିବ ଓ ୨ ଜଣ ଉପନିର୍ଦ୍ଦେଶକ ପଦବୀକୁ ଯୁଗ୍ମ ସଚିବ ଓ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାକୁ ଉନ୍ନୀତ କରାଯାଇଛି।

ଦେଶର ପରୀକ୍ଷା ପଦ୍ଧତିକୁ ବିକେନ୍ଦ୍ରୀକରଣ ନ କରି କେନ୍ଦ୍ରୀଭୂତ କରିବାକୁ ଯାଇ କେନ୍ଦ୍ର ସରକାର ଏ ପ୍ରକାର ସମସ୍ୟାକୁ ଆମନ୍ତ୍ରଣ କରୁଛନ୍ତି। ପୂର୍ବରୁ ଯେଉଁ ସଂସ୍ଥା ଏହି ପରୀକ୍ଷା ପରିଚାଳନା କରୁଥିଲା, ସଂପୃକ୍ତ ସଂସ୍ଥାର ସଶକ୍ତିକରଣ ନକରି ନୂଆ ଏକ ସଂସ୍ଥା ଗଠନ କରିବାର କ'ଣ ଆବଶ୍ୟକତା ଥିଲା ? ଏଥିରୁ କି ପ୍ରକାର ସୁଫଳ ଅଦ୍ୟାବଧି ମିଳିଛି ? ଏ ପ୍ରଶ୍ନର ଉତ୍ତର ସରକାର ରଖୁ ନାହାନ୍ତି। ବାତିଲ, କାର୍ଯ୍ୟାନୁଷ୍ଠାନ, ସଂସ୍କାର ଆଦି କଥା କୁହାଯାଉଛି। କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ହେଲେ ଏହା ସଂପୂର୍ଣ୍ଣ ସୁରକ୍ଷିତ ବୋଲି ସରକାର ନିଶ୍ଚିତ କରି ପାରିବେ କି ?



ଗତ ବର୍ଷ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି), କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କିଛି ଅଧିକାରୀ ଓ କେତେକ ଘରୋଇ ମେଡିକାଲ କଲେଜ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦୁର୍ନୀତିଜନିତ ଏଫ୍‌ଆଇଆର ଦାଏର କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣା ପଡ଼ିଥିଲା ଯେ ଉପରୋକ୍ତ ସଂସ୍ଥାର ଅଧିକାରୀଗଣ ମିଳିତ ଭାବେ ଦୁର୍ନୀତି ଉପାୟ ଅବଲମ୍ବନ କରି କିଛି ଘରୋଇ ମେଡିକାଲ କଲେଜକୁ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୬୧(୨) ଓ ଦୁର୍ନୀତି ନିବାରଣ ଆଇନର ଏକାଧିକ ଧାରାରେ ଏହି ମାମଲା ଦାଏର ହୋଇଥିଲା। ଦେଶର ମେଡିକାଲ କଲେଜର ସ୍ୱୀକୃତି ବା ପ୍ରାକ୍-ସ୍ୱୀକୃତି ନବୀକରଣ ଏନ୍‌ଏମ୍‌ସି ଅନୁମୋଦନରେ ହୋଇଥାଏ। ଏହାର ନାମ ପୂର୍ବରୁ ମେଡିକାଲ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ବା ଏମ୍‌ସିଆଇ ଥିଲା। ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଏହି ନାମର ମଧ୍ୟ ପରିବର୍ତ୍ତନ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହା ଏକ ସ୍ୱୟଂଶାସିତ ସଂସ୍ଥା। ଦେଶର ମେଡିକାଲ କଲେଜଗୁଡ଼ିକ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମାର୍ଗଦର୍ଶିକା ଓ ବିଭିନ୍ନ ସର୍ତ୍ତାବଳୀ ପାଳନ କରୁଛନ୍ତି କି ନାହିଁ, ତାହା ତଦାରଖ କରି ବାର୍ଷିକ ଭିତ୍ତିରେ କଲେଜର ସ୍ୱୀକୃତି ନବୀକରଣ, ନୂଆ କଲେଜକୁ ସ୍ୱୀକୃତି ପ୍ରଦାନ ଅଥବା ନାମଲେଖା ଆସନ ସଂଖ୍ୟା ହ୍ରାସ ପାଇଁ ଏହି ସଂସ୍ଥା ନିଷ୍ପତ୍ତି ନେଇଥାଏ। ଏଥିପାଇଁ ସଂସ୍ଥା ପକ୍ଷରୁ ନିୟୋଜିତ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ ଦଳ ବିଭିନ୍ନ କଲେଜ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥାନ୍ତି। ବିଶେଷଜ୍ଞ ଦଳ ସଦସ୍ୟଙ୍କ ନାମ, ପଦବୀ ଓ ତଦାରଖ ସମୟ ଏକ ଗୋପନୀୟ ବ୍ୟବସ୍ଥା। କିନ୍ତୁ ଏନ୍‌ଏମ୍‌ସି ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କିଛି ଅଧିକାରୀ ଏହି ଗୋପନୀୟ ସୂଚନା ଆଗୁଆ ସଂପୃକ୍ତ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥାନ୍ତି। ଫଳରେ କଲେଜ କର୍ତ୍ତୃପକ୍ଷ ବିଭିନ୍ନ ସର୍ତ୍ତାବଳୀ ପୂରଣ ପାଇଁ 'ଭୂତ' ବା ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିଥାନ୍ତି। କାରଣ ଏହି କଲେଜଗୁଡ଼ିକର ଆବଶ୍ୟକୀୟ ଭିତ୍ତିଭୂମି ନଥାଏ। ଏହି ବ୍ୟବସ୍ଥାରେ ପ୍ରଚୁର ମାତ୍ରାରେ ଲାଞ୍ଚ କାରବାର ହୋଇଥାଏ। ପରିଶେଷରେ କଲେଜ ସ୍ୱୀକୃତି ପାଇଥାଏ ବା ଆସନ ସଂଖ୍ୟା ନବୀକରଣ ହୋଇଥାଏ। ଏହାଦ୍ୱାରା ମେଡିକାଲ କଲେଜ ଶିକ୍ଷା ବ୍ୟବସ୍ଥାରେ ନିମ୍ନ ମାନର ଡାକ୍ତର ସୃଷ୍ଟି ହେବା ନିଶ୍ଚିତ। ରୋଗୀ ମରିବା ମଧ୍ୟ ସ୍ୱାଭାବିକ। ଏହି ଘଟଣାରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ଟାଟା ଇନଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍ସ (ଟିସ୍)ର କୁଳପତିଙ୍କ ବିରୋଧରେ ମଧ୍ୟ ମାମଲା ଦାଏର ହୋଇଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଏହି ଦୁର୍ନୀତିରେ ପ୍ରାୟ ୧୦୦୦ କୋଟି ଟଙ୍କା ଲାଞ୍ଚ କାରବାର ହୋଇଛି। ସିବିଆଇ ମାମଲା ପରେ ବିଭିନ୍ନ କଲେଜକୁ ସ୍ୱୀକୃତି ପ୍ରଦାନ, ନବୀକରଣ ବା ଆସନ ସଂଖ୍ୟା ବୃଦ୍ଧି ବା ହ୍ରାସ କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା।

ଏବେ ଦେଖିବା ନାକ୍ ବିଷୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଏହି ସଂସ୍ଥା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ଭିତ୍ତିରେ ଦେଶର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନ କରିଥାନ୍ତି। ସର୍ତ୍ତାବଳୀ ଅନୁପାଳନ ଭିତ୍ତିରେ କାହାକୁ ଉଚ୍ଚ ଗ୍ରେଡ୍ ତ କାହାକୁ ନିମ୍ନ ଗ୍ରେଡ୍ ପ୍ରଦାନ କରାଯାଇଥାଏ। ଏହି ଗ୍ରେଡ୍ ଭିତ୍ତିରେ ମହାବିଦ୍ୟାଳୟ ମାନ୍ୟତା ବୃଦ୍ଧି ବା ହ୍ରାସ ପାଇଥାଏ ଏବଂ ଛାତ୍ରଛାତ୍ରୀ ସେହି ଅନୁଯାୟୀ ଶିକ୍ଷାନୁଷ୍ଠାନ ପସନ୍ଦ କରିଥାନ୍ତି। ନାକ୍ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ବିଭିନ୍ନ ମହାବିଦ୍ୟାଳୟ ଗସ୍ତ କରିଥାନ୍ତି। ତେବେ ଗତ ବର୍ଷ ଫେବୃଆରୀ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଥିବା ଏକ ମହାବିଦ୍ୟାଳୟକୁ ଅନୁକମ୍ପା ପ୍ରଦର୍ଶନ ପାଇଁ ଲାଞ୍ଚ ନେଇଥିବା ଅଭିଯୋଗରେ ସିବିଆଇ ଦ୍ୱାରା ୭ ଜଣ ବିଶେଷଜ୍ଞ କମିଟି ସଦସ୍ୟ ଗିରଫ ହେଲେ। ଏମାନଙ୍କ ମଧ୍ୟରେ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ପାହ୍ୟାର ସଦସ୍ୟ ମଧ୍ୟ ରହିଛନ୍ତି। ଏହି ଘଟଣା ପରେ ନାକ୍ ଏହାର ୧୨୦୦ ବିଶେଷଜ୍ଞ କମିଟି ସଦସ୍ୟଙ୍କୁ ବିଦା କରିଛି। ନୂଆ ପଦ୍ଧତିରେ ମୂଲ୍ୟାୟନ ପାଇଁ ନିଷ୍ପତ୍ତି ନେଇଛି। ସାଧାରଣତଃ ନାକ୍ ରିପୋର୍ଟ ଭିତ୍ତିରେ କେବଳ ଯେ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନ ପସନ୍ଦ କରନ୍ତି ସେକଥା ନୁହେଁ, ସେହି ଅନୁଯାୟୀ ଅନୁଦାନ ମଧ୍ୟ ଆବଣ୍ଟନ ହୋଇଥାଏ। କିନ୍ତୁ ଏଥିରେ ଲାଞ୍ଚ କାରବାର ଯୋଗୁଁ ଶିକ୍ଷା ମାନଦଣ୍ଡ ନିମ୍ନଗାମୀ ହେବାରେ ଲାଗିଛି।

ନାମ ପରିବର୍ତ୍ତନ କରିଦେଲେ ଯେ ଗୁଣାତ୍ମକ ମାନରେ ବୃଦ୍ଧି ଘଟିଯାଏ, ତାହା କୁହାଯାଇ ପାରିବ ନାହିଁ। ଉପରୋକ୍ତ ନାମ ପରିବର୍ତ୍ତିତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରାକୁ ସଂପ୍ରତି ଦେଖିଲେ ଏଥିରେ ଭଲ ପରିବର୍ତ୍ତେ ଅଧିକ ଭେଲ ହେଉଛି। ଏହା ସ୍ୱୀକାର କରିବାକୁ ସରକାର ନାରାଜ। ରାଜନୈତିକ ଉଦ୍ଦେଶ୍ୟ ରଖି ରୂପାନ୍ତରିତ ସଂସ୍ଥାଗୁଡ଼ିକ ଗଠନ କରାଯାଇ ଥିବାରୁ ବାସ୍ତବ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଏହି ସଂସ୍ଥା ଉପରେ କାହାରି ନିୟନ୍ତ୍ରଣ ନଥିବା ମଧ୍ୟ ଅନୁଭବ କରାଯାଉଛି। ଲଗାତର ଦୁର୍ନୀତି, ବେପରୁଆ ମନୋଭାବ ଓ ଲାଞ୍ଚ କାରବାରର ଚକ୍ର ମଧ୍ୟରେ ପରୀକ୍ଷାର୍ଥୀ, ଶିକ୍ଷାନୁଷ୍ଠାନ, ଶିକ୍ଷା ବ୍ୟବସ୍ଥା ଏବେ ଚାଲିଥିବା ଦେଖାଯାଉଛି।

ବରିଷ୍ଠ ସାମ୍ବାଦିକ
ମୋ: ୯୪୩୭୨୨୯୨୩୩

ଭାରତର ୟୁରୋପୀୟ ପଦାଙ୍କ ସମ୍ପ୍ରସାରଣ

ସମ୍ପ୍ରତି ବିଶ୍ୱ ମାନଚିତ୍ରରେ ଆମେରିକା-ନେତୃତ୍ୱାଧୀନ ବିଶ୍ୱ ଶୃଙ୍ଖଳାର ପରବର୍ତ୍ତୀ ଅବସ୍ଥା ଦେଖା ଯାଉଛି, ଯାହା ଦ୍ରୁତ ଗତିରେ ସଂଗଠିତ ହେବାରେ ଲାଗିଛି, ଯେଉଁଥିରେ ସମାନତା ଏବଂ ପାରସ୍ପରିକ ସମ୍ମାନ ପ୍ରଦର୍ଶନ ହେଉଛି ସଂଜ୍ଞା ନିର୍ଦ୍ଧାରଣକାରୀ ବୈଶିଷ୍ଟ୍ୟ ସମୂହ। ଏହି ନୂତନ ବୈଶ୍ୱିକ ଶୃଙ୍ଖଳାରେ ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ନିଜକୁ ସ୍ଥାପିତ କରିବାକୁ ଚାହୁଁଥିବା ଦେଶମାନଙ୍କର ନେତାମାନେ କୂଟନୀତିକ ସମ୍ପୃକ୍ତିରେ ବେଶ୍ କିଛି ମାସ ହେବ ବ୍ୟସ୍ତ ରହି ଆସୁଛନ୍ତି। ଆଉ ଏହି ଉଦୀୟମାନ ଶୃଙ୍ଖଳାରେ ଭାରତ କେବଳ ନିର୍ଦ୍ଦିଷ୍ଟ ଭାବରେ ନିଜର ସ୍ଥାନକୁ ସୁରକ୍ଷିତ ରଖିବା ନିମନ୍ତେ ଆଗ୍ରହୀ ହୋଇଉଠି ନାହିଁ, ବରଂ ଏହା ନିଜର ବାଣିଜ୍ୟ ବ୍ୟବସାୟକୁ ବିଭିନ୍ନ ଦେଶଙ୍କ ନିକଟକୁ ସମ୍ପ୍ରସାରିତ କରିବାର ଲକ୍ଷ୍ୟକୁ ଆଗେଇ ନେବା ଦିଗରେ ଆଗୁସାର ହୋଇଛି। ଏହାର କାରଣ, ଭାରତ ସହିତ ଯେ କୌଣସି କ୍ଷେତ୍ରରେ ବାଣିଜ୍ୟ କାରବାର କରିବା ବାବଦରେ ଆମେରିକାର କୁଣ୍ଠା ଭାବ ପ୍ରକାଶ କରିବା। ଏହି ଦୃଷ୍ଟିରୁ ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନିକଟରେ ଶେଷ ହୋଇଥିବା ପାଞ୍ଚ ଗୋଟି ୟୁରୋପୀୟ ରାଷ୍ଟ୍ରକୁ ଗସ୍ତ ଦେଶରେ ବିରୋଧୀମାନଙ୍କ ତରଫରୁ କୁତ୍ସା ରଟନାର ଶିକାର ହେବା ଅତ୍ୟନ୍ତ କ୍ଷୋଭ ଏବଂ ପକ୍ଷପାତିତାର ବିଷୟ, ଯେହେତୁ ଏହା ସେତିକି ବେଳେ ସମ୍ପନ୍ନ ହୋଇଛି, ଯେତେବେଳେ ନିଜେ ପ୍ରଧାନମନ୍ତ୍ରୀ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ଅର୍ଥନୀତିକ ଚାପ କାରଣରୁ ଦେଶବାସୀଙ୍କୁ ସଂଯମତା ଅବଲମ୍ବନ କରିବାକୁ କହିବା ପରେ ପରେ ହିଁ ଏହି ଗସ୍ତ କରିଥିଲେ। ଏମିତିକି ଭାରତ ପ୍ରତି ଶ୍ରୀଯୁକ୍ତ ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ପ୍ରତିବନ୍ଧକରୁ ଦେଶକୁ ମୁକ୍ତ କରିବା ନିମନ୍ତେ ପୁଞ୍ଜିନିବେଶ ପାଇଁ ସମ୍ପର୍କ ସ୍ଥାପନ ଭଳି ଏକ ସ୍ଥାୟୀ ଲାଭ, ଯଥା ସଂଯୁକ୍ତ ଆରବ ଏମିରେଟ୍ (ୟୁଏଇ)ଠାରୁ ଅତିରିକ୍ତ ୫ ବିଲିଅନ୍ ଡଲାରର ପୁଞ୍ଜିନିବେଶ ଏବଂ ବେଶ୍ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ଭଳି ଏକ କୂଟନୀତିକ ଯାତ୍ରା ମଧ୍ୟ ବିରୋଧୀମାନଙ୍କୁ ଏକତରଫା ସମାଲୋଚନା କରିବାରୁ ନିବୃତ୍ତ କରିପାରି ନାହିଁ।

ଯେହେତୁ କୌଣସି ଦେଶ ସହିତ ସମ୍ପର୍କ ସ୍ଥାପନ ହେଉ କି ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର କାର୍ଯ୍ୟ ବା ବାଣିଜ୍ୟିକ କାରବାର ପାଇଁ ବୁଝାମଣା କରିବା ନିମନ୍ତେ ପ୍ରସ୍ତୁତି ସମ୍ପୃକ୍ତ ମନ୍ତ୍ରଣାଳୟଗୁଡ଼ିକର ପ୍ରକୋଷ୍ଠମାନଙ୍କରେ ମାସ ମାସ ଧରି ଚାଲିଥାଏ, ତେଣୁ ସେହି କାର୍ଯ୍ୟକୁ ବାସ୍ତବ ରୂପ ଦେବା ପାଇଁ କାର୍ଯ୍ୟ କରୁଥିବା ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ଅଧିକ ଶ୍ରେୟ ଦେବା ପ୍ରାୟତଃ ଏକ ଭୁଲ୍ କାର୍ଯ୍ୟ କାରଣ ସେମାନେ କେବଳ ସିଦ୍ଧାନ୍ତମୂଳକ ଚୁକ୍ତିନାମାରେ ସ୍ୱାକ୍ଷରକାରୀ ବା ସ୍ୱାକ୍ଷର ଉତ୍ସବରେ ଉପସ୍ଥିତ ଥିବା ପଦ ପଦବୀଧାରୀ ବ୍ୟକ୍ତିବିଶେଷ ହୋଇଥାନ୍ତି। କିନ୍ତୁ ଯେତେବେଳେ ସୌହାର୍ଦ୍ଦ୍ୟ ପ୍ରଦର୍ଶନର କଥା ଆସେ, ଯାହା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଧ୍ୟାନକୁ ବାନ୍ଧି ରଖିଥାଏ, ସେତେବେଳେ ଦ୍ୱିମତ ହେବାର କିଛି ନାହିଁ ଯେ ସୁଶ୍ରୀ ଜିଓର୍ଜିଆ ମେଲୋନି ଏବଂ ଶ୍ରୀଯୁକ୍ତ ମୋଦୀଙ୍କର ଘନିଷ୍ଠତାକୁ ଦର୍ଶାଇବାର ଫଟୋ ସୁଟ୍ ଇତ୍ୟାଦି ଲୋକମାନଙ୍କ ତୁଣ୍ଡରେ ଆଲୋଚନାର ଖୋରାକ ଯୋଗାଇ ଥାଏ। ପାଞ୍ଚ ଗୋଟିଯାକ ଦେଶକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତରୁ ଯେଉଁ ଆଶାବାଦର କଥାଟି ବାହାରକୁ ଆସେ, ତାହା ହେଉଛି- ଉନ୍ନତ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଭାରତ ଏକ ନିର୍ଭରଶୀଳ ପ୍ରଯୁକ୍ତି ନିର୍ମାତା ଭାଗିଦାର ଭାବରେ ପ୍ରତିଷ୍ଠା ଲାଭ କରିବା। ଏହି କଥା ପ୍ରଭୂତ ଭାବରେ ପ୍ରତିଫଳିତ ହୋଇଛି ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଡଚ୍ କମ୍ପାନୀ ଏଏସ୍ଏମ୍ଏଲ୍‌ର ମିଳିତ ଭାବରେ ବିଶ୍ୱ ବଜାର ପାଇଁ ବିପୁଳ ପରିମାଣରେ ସେମିକଣ୍ଡକ୍ଟର ନିର୍ମାତା ଭାବରେ ଭାରତକୁ ଆଣିବା ପାଇଁ ଉଦ୍ୟମ। ଅନେକ ଦେଶଙ୍କ ସହିତ ସମ୍ପର୍କକୁ ଉନ୍ନତ କରାଇ ପ୍ରଧାନମନ୍ତ୍ରୀ ରଣନୀତିକ ଭାଗିଦାରୀକୁ ଭ୍ରମଣ କରିବା ହୁଏତ ଏକ କୂଟନୀତିକ ରୁଢ଼ି ଭଳି କାନକୁ ଶୁଭିପାରେ, କିନ୍ତୁ ଏକ ଦ୍ରୁତ ପରିବର୍ତ୍ତନଶୀଳ ଉଚ୍ଚ ସ୍ତରର ପ୍ରଯୁକ୍ତି ପରିବେଶରେ, ଯେଉଁଥିରେ ସବୁ କ୍ଷେତ୍ରରେ ବର୍ତ୍ତମାନ କୃତ୍ରିମ ଧୀମତ୍ତା (ଏଆଇ)ର ପ୍ରବେଶରେ ବୃଦ୍ଧି ପରିଲକ୍ଷିତ ହେଉଛି, ସେଭଳି ସ୍ଥିତିରେ ଭାରତ ଅତ୍ୟାଧୁନିକ ପ୍ରଯୁକ୍ତିଗୁଡ଼ିକ ହାସଲ କରିବାର ଆବଶ୍ୟକତା ରହିଛି। ଆଉ ଏଇଠି ହିଁ ରହିଛି ଶ୍ରୀଯୁକ୍ତ ମୋଦୀଙ୍କର ୟୁରୋପ୍ ଗସ୍ତର ଉଲ୍ଲେଖନୀୟ ବିନ୍ଦୁ ରୂପକ ମୋଡ଼, ବିଶେଷକରି ସେହି ସମୟରେ, ଯେତେବେଳେ କି ଶ୍ରୀଯୁକ୍ତ ଟ୍ରମ୍ପଙ୍କର ବାଣିଜ୍ୟ କାରବାର ଉପରେ ଟାରିଫ୍ ମାଡ଼ ସହିତ ଭୂରାଜନୀତିକ ବିଭାଜନ, ଯାହାକୁ ଆମେରିକୀୟ କୋର୍ଟ ବେଆଇନ୍ ଘୋଷଣା କରି ସାରିଛି ଏବଂ ତା' ପରର ଇରାନ୍ ଯୁଦ୍ଧ ଭଳି ଅବସ୍ଥା।

ୟୁରୋପୀୟ ରାଷ୍ଟ୍ରମାନଙ୍କ ସହିତ ଭାରତ ଯେଉଁସବୁ ରଣନୀତିକ ଚୁକ୍ତିନାମା ସ୍ୱାକ୍ଷର କରିଛି, ସେସବୁ ନୂତନ ଯୁଗରେ ଖଣିଜ ପଦାର୍ଥ, ସବୁଜ ଶକ୍ତି, ଏଆଇ, ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ଏବଂ ସ୍ୱାସ୍ଥ୍ୟସେବା ଭଳି ଦ୍ରୁତ ପରିବର୍ତ୍ତନଶୀଳ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମୂହ, ଯେଉଁଗୁଡ଼ିକର ଆଜିକାର ବିପଦପୂର୍ଣ୍ଣ ସମୟରେ ବର୍ଦ୍ଧିତ ଗୁରୁତ୍ୱ ରହିଛି। ତେବେ ଏସବୁ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ପରିସରଭୁକ୍ତ କରୁଥିବା ବିଭିନ୍ନ ପ୍ରକାରର ରାଜିନାମା କ୍ଷେତ୍ରରେ ସର୍ବାଧିକ ପ୍ରଭାବଶାଳୀ ଭାବରେ ଯାହା ସନ୍ନିବେଶିତ, ତାହା ହେଉଛି- ଭାରତ ଯଦି ଏହାର ଭାଗିଦାର ରାଷ୍ଟ୍ରମାନଙ୍କ ସହିତ ସମ ତାଳରେ ଯାତ୍ରା ଜାରି ରଖିବାକୁ ଚାହେଁ, ତା'ହେଲେ ଏହାକୁ ନିଜର କାର୍ଯ୍ୟକାରିତାର ଗତିରେ ବୃଦ୍ଧି କରିବାକୁ ପଡ଼ିବ। ଏକ ଉତ୍ପାଦନକାରୀ ପେଣ୍ଠ ଭାବରେ ପରିଗଣିତ ହେବାକୁ ହେଲେ ଭାରତ ପାଇଁ କେବଳ 'ଚୀନ୍ ଯୁକ୍ତ ଏକ'ର ଆଶାକୁ ପୂରଣ କରିବାକୁ ପଡ଼ିବ ନାହିଁ, ବରଂ ଅତ୍ୟାଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଏକ ବିଶ୍ୱସ୍ତ ଅଂଶୀଦାର ହେବାର ଆସ୍ଥାକୁ ମଧ୍ୟ ବୃଦ୍ଧି କରିବାକୁ ହେବ, ଯାହା ଆଧୁନିକ ଯୁଗ ପାଇଁ ଏକ ଅପରିହାର୍ଯ୍ୟ ପ୍ରାସଙ୍ଗିକତା। ତେଣୁ ପ୍ରଯୁକ୍ତି ଓ ବାଣିଜ୍ୟ ବ୍ୟବସାୟର ଗତି ସହିତ ତାଳ ଦେବା ପାଇଁ ବିମାନ ଯାତ୍ରାରେ ପୋଡ଼ା ଯାଇଥିବା କେତେ ଲିଟର ଇନ୍ଧନକୁ ଆଶ୍ରୟ କରି ଭାରତର ପ୍ରତିଯୋଗିତାମୂଳକ ରାଜନୀତିକୁ ଅଧିକ ହେୟଜ୍ଞାନ କରା ନଯାଉ।

ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

ମନୋରମା ନନ୍ଦ (ମିଶ୍ର)

୮୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ

ଦେଶ ତଥା ଜନ୍ମ ମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ହେଲେ ଏମିତି କେତେକ ଆଗ ଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। କହିବାକୁ ଗଲେ, ଏହି ସଦନ ପାଲଟି ଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ, ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋର୍ଦ୍ଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତି ମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବି ଗୌରବ ପଣ୍ଡିତ ନାରାୟଣ ମିଶ୍ର। ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୁରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇ ଥିଲେ।

ମୁକ୍ତି ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍‌ଭାସିତ ହୋଇଥିଲେ। ଆଉ ସେହିଠାରୁ ହିଁ ବାନର ସେନା ଗଢ଼ିବା ଲାଗି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନର ସେନା' ଗଠନ କରାଯାଉଥାଏ। ଆଉ ସେହି 'ବାନର ସେନା'ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗତି ଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି 'ବାନର ସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ ଶାସକ ନିଃଶେଷ କରି ଦେଇଥାଏ ଭାରତୀୟ ଜନଜୀବନକୁ। ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ସୀମା ଲଂଘିଥାଏ। କହିବାକୁ ଗଲେ, ନିର୍ବାଣ ଦୀପଶିଖା ଜଳି ଉଠୁଥାଏ। ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବା ସହ ସୁସ୍ଥ, ସୁନ୍ଦର, ବୃହତ୍ତର ସ୍ୱାଧୀନ ଜୀବନର ଶିଳାନ୍ୟାସ କରିବାକୁ ଅଗ୍ରସର ହେଉଥାନ୍ତି ସଂଗ୍ରାମୀଗଣ। ନବପ୍ରଭାତ ସହ ନୂତନ ଭାଷାର ଅରୁଣିମାକୁ ଅପେକ୍ଷା କରିଥାନ୍ତି ସଭିଏଁ। ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଚଳାଇବାକୁ ହେବ ଏ ଅସହଯୋଗ ଆନ୍ଦୋଳନ। ତା'ପରେ ଜଣା ପଡ଼ିବ, କେତେ ଦିନ ତିଷ୍ଠି ରହିବ ଏ ସାତ ଦରିଆ ତେର ନଈ ପାରି ହୋଇ ଆସିଥିବା ବେପାରୀ ଶାସକ ଦଳ।

ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ । ଦିନକର କଥା। ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟା ନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇ ପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀ କୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ସେହି ନିଃସଙ୍ଗ ବାନର ସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନେ। ଲକ୍ଷ୍ୟ ଥିଲା ପିକେଟିଂ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରାୟିତ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ ବାନର ସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ମିଶ୍ରଙ୍କ ମସ୍ତକରେ।



୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ୍ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁ ବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ୍ କରି ନିଆଯାଉଥିଲା । ପରେ ଭ୍ୟାନ୍ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣା କ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ।

ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ।

ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋର୍ଦ୍ଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇ ଥିବାର ନଜିର ରହିଛି। ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନର ସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟି ଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନର ସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ସେହିପରି ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର, ୧୯୬୭ରେ ଖ୍ୟାତନାମା କବି ଡକ୍ଟର ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ସେହିପରି ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣ କ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ।



ଅନ୍ୟ ପକ୍ଷରେ, ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇ ଥିଲା। ଏହାର ଫଳ ସ୍ୱରୂପ ୧୯୬୧ରେ ପଣ୍ଡିତ ମିଶ୍ର 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ସାମୟିକୀ' ଓ 'ଦଶ ଦିଗ' ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ। ୧୯୬୭ରେ ପାଟଣା ମହାରାଜା ତଥା ନୂତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସମ୍ପର୍କରେ ଲିଖିତ 'ପୁଣ୍ୟଶ୍ଳୋକ' ଆତ୍ମପ୍ରକାଶ କରିଥିଲା। ତେବେ ସେ ଯାହାହେଉ, ୮୬ ବର୍ଷ ବୟସରେ ପହଞ୍ଚି ଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ଆସୁଛି।

ଟ୍ରଷ୍ଟି, ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ, ବାଜପୁର
ମୋ: ୯୭୭୮୫୨୨୮୮୨

ନିରାକାରରୁ ସାକାର

ଯୁଗ ଯୁଗ ଧରି ଯାହାଙ୍କ ପାଇଁ ସଂସାରରେ ଶାନ୍ତି ବିରାଜମାନ କରେ, ସେ ହେଉଛନ୍ତି ଈଶ୍ୱର। ପୁଣି ଯାହାଙ୍କ ପାଇଁ ଧର୍ମ, ଧାରଣା, ନୀତି ନିୟମର ସୃଷ୍ଟି, ପୁଣି ସେହି ନୀତିକାନ୍ତିକୁ ନେଇ ପରସ୍ପର ଭିତରେ ମତାନ୍ତର, ମନାନ୍ତର, ସେ ବି ହେଉଛନ୍ତି ସେହି ଈଶ୍ୱର। ତାଙ୍କର ସତ୍ତା ଏ ପର୍ଯ୍ୟନ୍ତ ଯିଏ ପାଇଛନ୍ତି ନିଜ ନିଜ ଢଙ୍ଗରେ। ନିଜର ଦୃଷ୍ଟି ଯେମିତି ହୋଇଛି, ତାଙ୍କର ଦର୍ଶନ ମଧ୍ୟ ସେମିତି ହୋଇଛି। ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ରୂପ ଏ ପର୍ଯ୍ୟନ୍ତ କେହି କଳନା କରିପାରି ନାହାନ୍ତି। ଆଗକୁ ହୁଏତ କଳନା କରି ପାରିବେ ନାହିଁ ମଧ୍ୟ। ତେବେ ଈଶ୍ୱରଙ୍କୁ ନେଇ ଅନେକ ମଣିଷ ଶାନ୍ତ ହୋଇ ଯାଇଛନ୍ତି। ଗିରି କନ୍ଦରରେ ବସି ରହିଛନ୍ତି। ଆଉ କେତେକ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ତୋଳି ନିଜ ନିଜ ମନର ଓରିମାନା ମେଣ୍ଟାଇ ଚାଲିଛନ୍ତି। ଈଶ୍ୱରଙ୍କ ଅସ୍ତିତ୍ୱ ଓ ସତ୍ତାକୁ ନେଇ ଅନେକ ନିଜ ନିଜର ମତ ବାଢ଼ିଛନ୍ତି। ଯିଏ ଯେମିତି ବୁଝିଛନ୍ତି, ସେମିତି କହିଛନ୍ତି।

ପରିବାରରେ ସ୍ୱାମୀ କହୁଥିଲେ- 'ଈଶ୍ୱର ହେଉଛନ୍ତି ପରିବାର ଲୋକେ। ତମ ଚାରି ପାଖରେ ଥିବା ମଣିଷ ଆଉ ଜୀବଜନ୍ତୁ ହେଉଛନ୍ତି ଈଶ୍ୱରଙ୍କର ସ୍ୱରୂପ।' ପତ୍ନୀ କହୁଥିଲେ- 'ସମସ୍ତଙ୍କ ଭିତରେ ଈଶ୍ୱର ଅଛନ୍ତି, କିନ୍ତୁ ଶାଶୂ, ଶ୍ୱଶୁର, ପିଲାମାନେ, ତୁମ ଭିତରେ ଈଶ୍ୱର ଥିଲେ ବି ତୁମମାନଙ୍କ ବ୍ୟବହାର, ଚାଲିଚଳଣି, କଥାବାର୍ତ୍ତା ଶୁଣିଲା ପରେ ତୁମକୁ ଈଶ୍ୱର ଜ୍ଞାନ କରିବାକୁ ମୋର ଆଦୌ ଇଚ୍ଛା ହେଉନାହିଁ। ବରଂ ମୁଁ ଭାବୁଛି, ତୁମେମାନେ ଗୁରୁଜନ। ସମ୍ପର୍କୀୟ। ତୁମମାନଙ୍କ ସେବା କରିବି। ମାତ୍ର ମୋର ଠାକୁର ଘରେ ଈଶ୍ୱରଙ୍କୁ ଉପାସନା କରିବି।' ଠାକୁର ଘରେ ଈଶ୍ୱରଙ୍କୁ ଉପାସନା କରିବାକୁ ସ୍ୱାମୀ ରାଜି ନଥିଲେ। ସମସ୍ୟାର ସମାଧାନ ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ପହଞ୍ଚିଲେ ସନ୍ଥଙ୍କ ନିକଟରେ।

ସନ୍ଥ ଫ୍ରିଜ୍ ଆଡ଼କୁ ହାତ ବଢ଼ାଇ କହିଲେ- 'ସେଇ ଫ୍ରିଜ୍‌ରେ ବରଫ ଅଛି। ତୁମେ ବହୁତ ଖରାରେ ଆସିଛ। ପ୍ରଥମେ ସର୍ବତ କରି ପିଇ ନିଅ। ତା'ପରେ କଥା ହେବା।' ପୁରୁଷ ଜଣକ ଫ୍ରିଜ୍‌ରୁ ବରଫ ଆଣିବାକୁ ଗଲେ। କିନ୍ତୁ ବରଫ ନଥିଲା। ବରଫ ଥିବା କେସ୍‌ରେ କେବଳ ପାଣି ହିଁ ଥିଲା। କାରଣ କରେଣ୍ଟ ନଥିଲା।

ସନ୍ଥ କହିଲେ- 'ବରଫ ଉତ୍ତାପ ପାଇଲେ ପାଣି ହୁଏ। ସେହି ପାଣି ଅଧିକ ଗରମ ହେଲେ ବାଷ୍ପ ହୁଏ। ବରଫକୁ ହାତରେ ଧରି ପାରିବ। ପାଣି ପାଇଁ ପାତ୍ର ଦରକାର ହୁଏ। ବାଷ୍ପକୁ ଧରିହୁଏ ନାହିଁ। ଈଶ୍ୱରଙ୍କ ଅବସ୍ଥା ଠିକ୍ ସେମିତି। ତାଙ୍କର ସ୍ୱରୂପ ଶୂନ୍ୟ। ବାଷ୍ପ ଶୀତଳ ହେଲେ ପାଣି ହେଲା ପରି କେବେ ଭାବ, ଭକ୍ତି, ବ୍ୟାକୁଳତା ରୂପକ ଶୀତଳତା ବଢ଼ିଗଲେ ସେ ରୂପବନ୍ତ ହୁଅନ୍ତି। ପାଣିକୁ ଅଧିକ ଶୀତଳ କଲେ ତାହା ବରଫ ହେଲା ପରି ମଣିଷର ଈଶ୍ୱରଙ୍କ ପ୍ରତି ବ୍ୟାକୁଳତା ଓ ଭକ୍ତି ବଢ଼ିଗଲେ ଈଶ୍ୱର ପୂରା ପାଖକୁ ଆସି ଯାଆନ୍ତି। ଛାଇ ପରି ପ୍ରତିଟି କ୍ଷେତ୍ରରେ ଲାଗି ରହିଲା ପରି ଅନୁଭବ ହୁଏ। ଈଶ୍ୱରଙ୍କୁ ତୁମେ କିପରି ପାଇବ, ତାହା ତୁମ ଉପରେ ନିର୍ଭର କରେ।'

ନିତିଦିନ NITIDIN

କେନାଲ୍ ବନ୍ଧ ରାସ୍ତା ଉନ୍ନତିକରଣ ଦାବି

ଫୁଲନଖରା,୨୨।୫/ଏନ୍‌ଏନ୍‌ଏସ୍: ପ୍ରାଚୀ ଡିଭିଜନ୍ ପ୍ରତାପନଗରୀ ଜଳ ସମ୍ପଦ ଉପଖଣ୍ଡ ଅନ୍ତର୍ଗତ କୁଶକଣ୍ଟା ମାଇନର୍ କେନାଲ୍ ବନ୍ଧ ରାସ୍ତାର ଉନ୍ନତିକରଣ ପାଇଁ ଦାବି ହୋଇଛି। ଏହି ବନ୍ଧ ରାସ୍ତା ଉପରେ ବାଟପୁରଣ, ବାଲିଜିପାଟଣା, ଖରିପଡ଼ିଆ, ବ୍ରାହ୍ମଣଝରିଲୋ, କୁଶକଣ୍ଟା ଓ ମଦାରିଆପାଟଣା ସମେତ ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ ନିର୍ଭରଶୀଳ। ମାତ୍ର ଦୀର୍ଘ ବର୍ଷ ଧରି ଉକ୍ତ ରାସ୍ତା ଉନ୍ନତିକରଣ ହୋଇନଥିବାରୁ ବର୍ଷା ଦିନେ ଯାତ୍ରୀ ଓ ଚାଷୀ ପାଣି କାଦୁଅରେ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ୍‌ର ପଞ୍ଚବଟୀରୁ ବାହାରିଥିବା ଏହି ଦୁଇ କିଲୋମିଟରରୁ ଊର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ କେନାଲ୍ ପାର୍ଶ୍ୱରେ ଅନେକ ଆବାସିକ ପ୍ରକଳ୍ପ ଗଡ଼ି ଉଠିଛି। ତିନି ଶହ ବର୍ଷର ପୁରାତନ ବାହୁଡ଼ା ଦାସଙ୍କ ପ୍ରସିଦ୍ଧ ହୁକୁମ ପୀଠ ଏହି କେନାଲ୍ ନିକଟରେ ରହିଛି ମାତ୍ର ସେଠାକୁ ରାସ୍ତା ନାହିଁ। ପଞ୍ଚବଟୀ ଜୟରଶାସନଠାରୁ ବାମ ପାର୍ଶ୍ୱ କେନାଲ୍ ବନ୍ଧର କିଛି ଅଂଶ ପ୍ରଶସ୍ତିକରଣ ହୋଇଥିଲେ ହେଁ ଅବଶିଷ୍ଟ କାମ ବାକି ରହିଛି। ୨୦୨୦ ମସିହାରେ ଏହାର ଉନ୍ନତିକରଣ ପାଇଁ ଜଳ ସମ୍ପଦ ବିଭାଗ ୨ କୋଟି ଟଙ୍କାର ଏକ ଖର୍ଚ୍ଚ ଦାବି ଅନୁମୋଦନ କରିଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରିନଥିଲା। ଅନ୍ୟପଟେ ଏହି କେନାଲ୍ ବନ୍ଧ ରାସ୍ତାର ଉନ୍ନତିକରଣ ହେଲେ ବ୍ରାହ୍ମଣଝରିଲୋ-ଖଲର୍ଦ୍ଦା ରାସ୍ତାରୁ ଗହଳି ହ୍ରାସ ପାଇବା ସହିତ ଅଧିକାଂଶ ଯାନ ଏହି ରାସ୍ତା ଦେଇ ଖଲର୍ଦ୍ଦା ଓ ବୟାଳିଶମୌଜା ଦିଗରେ ଯାଇପାରିବ। ସେହିପରି ବୟାଳିଶମୌଜା ଓ ଗୋବିନ୍ଦପୁର ଆଦି ଅଞ୍ଚଳର ଲୋକମାନେ ଏହି ରାସ୍ତା ଦେଇ ଭୁବନେଶ୍ୱର ଯାଇପାରିବେ। ଏପରି ଗୁରୁତ୍ୱ ବହନ କରୁଥିବା କୁଶକଣ୍ଟା କେନାଲ୍ ବନ୍ଧ ରାସ୍ତାର ଉନ୍ନତିକରଣ ପାଇଁ ପ୍ରତାପନଗରୀ ଜଳ ସମ୍ପଦ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି।

ଅବହେଳିତ ନୀଳମାଧବ ପୀଠ, ପର୍ଯ୍ୟଟକ ହନ୍ତସନ୍ତ

ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

କଣ୍ଟିଲୋ,୨୨।୫/ଏନ୍‌ଏନ୍‌ଏସ୍: ଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟକ୍ଷେତ୍ର ନୀଳମାଧବ ପୀଠ କଣ୍ଟିଲୋକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନିକ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହେଉଥିବା ନଜିର ରହିଛି। ତେବେ ପାହାଚ ଚଢ଼ି ନୀଳମାଧବଙ୍କ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ପରିସରରେ ସେମାନଙ୍କୁ ନିମ୍ନତମ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ। ସୂଚନାରୁ ଜଣାପଡ଼ିଛି ଯେ ନୀଳମାଧବଙ୍କ ମନ୍ଦିରକୁ ପ୍ରତିଦିନ ଆସୁଥିବା ହଜାର ହଜାର ପର୍ଯ୍ୟଟକମାନେ ଥଣ୍ଡା ପାଣି ମୁନ୍ଦାଏ ପାଇଁ ବହୁ ହିନସ୍ତା ହେବାସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ମନ୍ଦିର ଉପରେ ଥଣ୍ଡା ପାନୀୟଜଳର କୌଣସି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଓ ରାଜ୍ୟ ଦେବୋତ୍ତର ବିଭାଗ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ନଜରକୁ ଆସିଛି।

ବର୍ତ୍ତମାନ ଅସହ୍ୟ ଗରମ ଓ ଅତ୍ୟଧିକ ଗୁଳୁଗୁଳି ହେଉଥିବାରୁ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ସାଧାରଣ ଜନତା ଓ ବ୍ରାହ୍ମଣ ସେବାୟତଙ୍କଠାରୁ ଆରମ୍ଭ କରି ସମସ୍ତ ନିଯୋଗିଆଙ୍କୁ ଦେବୋତ୍ତର ପାଣ୍ଠିରୁ ଅର୍ଥ ବିନିମୟ କରି ଥଣ୍ଡା ପାଣି ଯୋଗାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ବାରମ୍ବାର ଫୋନ୍‌ରେ ଆଲୋଚନା କରିବା

ସହିତ 'ନିତିଦିନ' ଖବରକାଗଜରେ ଖବର ପ୍ରସାରିତ ହୋଇଥିଲା। ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର୍ ବିଶ୍ୱ ବିସ୍ମୃତ ତ୍ରିପାଠୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଥଣ୍ଡା ପାନୀୟଜଳ ଯୋଗାଇବା ପାଇଁ ଗୋଟିଏ ଉଚ୍ଚସମ୍ପନ୍ନ ଆକ୍ୱାଗାର୍ଡ ଫିଲ୍ଟର୍ ମେସିନ୍ ଲାଗିବ। ଦାନ ସୂତ୍ରରେ ୨ଟି ଥଣ୍ଡା ପାନୀୟ ମେସିନ୍ ଲାଗିଛି। ମାତ୍ର ତାହା ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛି। ତେବେ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ସାଧାରଣ ଜନତାଙ୍କୁ ଥଣ୍ଡା ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଖଣ୍ଡପଡ଼ାଙ୍କଠାରୁ ସୂଚନା ମିଳିଛି।

ମୃତ ପ୍ରମାଣପତ୍ର କରାଇବାକୁ ଲାଞ୍ଚ ନେଇ ସ୍ୱାସ୍ଥ୍ୟକର୍ମୀ ଗିରଫ

ଖୋର୍ଦ୍ଧା,୨୨।୫/ଏନ୍‌ଏନ୍‌ଏସ୍: ହଳଦିଆ ସିଏଚ୍‌ସିର ପୁରୁଷ ସ୍ୱାସ୍ଥ୍ୟକର୍ମୀ (ଏମ୍‌ଏଚ୍‌ଡବ୍ଲ୍ୟୁ) ବିଭୂତି ଭୂଷଣ ସାହୁଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଅଭିଯୋଗକାରୀଙ୍କ ବାପା ଓ ମାଆଙ୍କ ମୃତ ପ୍ରମାଣପତ୍ର ଫାଇଲ୍ ପ୍ରକ୍ରିୟାକରଣ ବାବଦରେ ଶ୍ରୀ ସାହୁ ଦାବି ମୁତାବକ ୧ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ସୂଚନାନୁସାରେ ଅଭିଯୋଗକାରୀ ଜଣଙ୍କ ତାଙ୍କ ମୃତ ପିତାମାତାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇ ରେଜିଷ୍ଟ୍ରାର୍ (ଜନ୍ମ-ମୃତ୍ୟୁ) ଓ ଚିକିତ୍ସା ଅଧିକାରୀ ଓ ହଳଦିଆ ସିଏଚ୍‌ସିଙ୍କୁ ମୃତ୍ୟୁ ପ୍ରମାଣପତ୍ର କରିବାକୁ କହିଥିଲେ। କିନ୍ତୁ ଅଭିଯୁକ୍ତ ବିଭୂତି ସାହୁ ଏଥିପାଇଁ ୧ ହଜାର ଟଙ୍କା ଲାଞ୍ଚ ଦାବି କରିବା ସହ ଟଙ୍କା ନଦେବା ଯାଏଁ ଫାଇଲ୍ ଆଗେଇବାକୁ ମନା କରିଦେଇଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଜଣାଇଥିଲେ। ଖବରପାଇ ଭିଜିଲାନ୍ସର ଏକ ଟିମ୍ ଅଭିଯୁକ୍ତ ବିଭୂତିଙ୍କଠାରୁ ୧ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଧରିଛି। ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଅଭିଯୁକ୍ତଙ୍କ ପାଖରୁ ଜବତ କରାଯାଇଛି। ପରେ ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତ ବିଭୂତିଙ୍କ ୨ଟି ସ୍ଥାନରେ ସମାନ୍ତରାଳ ଭାବେ ତଲାସି କରାଯାଇଥିଲା। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଅଭିଯୁକ୍ତ ବିରୋଧରେ ଅଧିକ ତଦନ୍ତ ଜାରି ରହିଥିବା ଜଣାଯାଇଛି।

ପ୍ରବଳ ଗରମ ସତ୍ତ୍ୱେ ସୂର୍ଯ୍ୟ ମନ୍ଦିରରେ ପର୍ଯ୍ୟଟକଙ୍କ ଭିଡ଼

କୋଣାର୍କ,୨୨।୫/ଏନ୍‌ଏନ୍‌ଏସ୍: କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଶୁକ୍ରବାର ୧୧ଟାରେ ପାରଦ ୩୬ ଡିଗ୍ରୀ ପାର୍ କରିଥିଲା। ପ୍ରବଳ ଗରମ ଓ ଗୁଳିଗୁଳି ସତ୍ତ୍ୱେ ଦେଶବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ କୋଣାର୍କ ପରିଦର୍ଶନରେ ଆସି ନିଜ ପରିବାର ସହିତ ସୂର୍ଯ୍ୟ ମନ୍ଦିରରେ ବୁଲୁଥିବା ଦେଖାଯାଇଛି। ନିର୍ବାଚନକୁ ନେଇ ଗତ କିଛିଦିନ ହେବ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଏବେ ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଆଶାତୀତଠାରୁ ଅଧିକ ପର୍ଯ୍ୟଟକ କୋଣାର୍କ ପରିଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ଫଳରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି କ୍ଷେତ୍ରରେ ଏହା ଏକ ଶୁଭ ସଙ୍କେତ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏସ୍‌ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖାର ବୈଠକ

ନୂତନ କର୍ମକର୍ତ୍ତା ମନୋନୀତ

ଖୋର୍ଦ୍ଧା,୨୨।୫/ଏନ୍‌ଏନ୍‌ଏସ୍: ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ଖୋର୍ଦ୍ଧା ଜିଲ୍ଲା ଶାଖାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବ୍ରତ କୁମାର ହାବଡ଼ାସିଂଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସାଂଗଠନିକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି କାର୍ଯ୍ୟରତ ସାମ୍ବାଦିକଙ୍କ ବାପାମାଆଙ୍କୁ ବୀମାଭୁକ୍ତ କରିବା, ସାମ୍ବାଦିକଙ୍କ ସୁରକ୍ଷା ଓ ସାମ୍ବାଦିକଙ୍କୁ ପେନସନ୍ ଯୋଗାଇବା ଦାବିରେ କାର୍ଯ୍ୟ କରୁଥିବା ଏହି ସଂଘର ରାଜ୍ୟ ପଦାଧିକାରୀଙ୍କୁ ପ୍ରଶଂସା କରାଯାଇଥିଲା। ଶେଷ ପର୍ଯ୍ୟାୟରେ ସର୍ବସମ୍ମତିକ୍ରମେ ଖୋର୍ଦ୍ଧା ଜିଲ୍ଲା ଶାଖାର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଉମାକାନ୍ତ ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଉପସଭାପତି ମାନସ ଦାସ, ଉପସଭାପତି ଅଶ୍ୱିନୀ କୁମାର ବିଦ୍ୟାଧର, ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତି, ସହସମ୍ପାଦକ ବିଷ୍ଣୁ ପ୍ରସାଦ କର, ସହସମ୍ପାଦକ ପ୍ରଭାତ ବଳିୟାରସିଂହ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ କବିରାଜ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ବୁଲା ବାରିକ ପ୍ରମୁଖ ବର୍ଷକ ପାଇଁ ମନୋନୀତ ହୋଇଥିଲେ।

ପୁରୁଣା ବିବାଦକୁ ନେଇ ସଂଘର୍ଷ, ୩ ଆହତ

ନୟାହାଟ,୨୨।୫/ଏନ୍‌ଏନ୍‌ଏସ୍: ବରଗୋରଡ଼ା କନ୍ଥିଲ ହରିଜନ ସାଇରେ ପୂର୍ବ ବିବାଦକୁ କେନ୍ଦ୍ରକରି ସଂଘର୍ଷ ଘଟି ଦୁଇ ମହିଳା ସମେତ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଅଶୋକ ଭୋଇଙ୍କ ସ୍ତ୍ରୀ ମିନା ଭୋଇ (୪୨) ଓ ଆରତ ଭୋଇଙ୍କ ସ୍ତ୍ରୀ ଝରଣା ଭୋଇ। ଉଭୟଙ୍କୁ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

୬ ଘଣ୍ଟା ବିଦ୍ୟୁତ୍ କାଟ, ଲୋକେ ଦହଗଞ୍ଜ

ବୟାଳିଶମୌଜା,୨୨।୫/ଏନ୍‌ଏନ୍‌ଏସ୍: କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶମୌଜା ଏରଞ୍ଚ ଗ୍ରାମସ୍ଥିତ ମହାନ୍ତି ସାହିରେ ଶୁକ୍ରବାର ଦିନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ଏନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଦହିଗାଁ ଗ୍ରାମ ବେହେରା ସାହିର ଏକ ମେଣ୍ଢା ବିଲରେ ଚରୁଥିବାବେଳେ ବିଦ୍ୟୁତ୍ ତାର ଛିଡ଼ି ତା'ର ମୃତ୍ୟୁ ହୋଇଥିଲା। ମେଣ୍ଢାର ହାରାହାରି ମୂଲ୍ୟ ପ୍ରାୟ ୧୦ ହଜାର ଟଙ୍କା ହେବ ବୋଲି ମାଲିକଙ୍କ ପକ୍ଷରୁ ଜଣାପଡ଼ିଛି। ତେଣୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ତଦନ୍ତ କରି ମେଣ୍ଢା ରଖିଥିବା ମାଲିକଙ୍କୁ ତାଙ୍କର ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଗ୍ରାମବାସୀମାନେ ଦୃଢ଼ ଭାବେ ଦାବି କରିଛନ୍ତି। ଗତ ୧୫ ଦିନ ତଳେ ବୟାଳିଶମୌଜା ଅଞ୍ଚଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ଗାଈ ମୃତ୍ୟୁବରଣ କରିଥିଲେ। ତେଣୁ ଏଥିପ୍ରତି କଟକ ଜିଲ୍ଲା ପ୍ରଶାସନ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

ତାର ଛିଡ଼ି ମେଣ୍ଢା ମୃତ

ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ବୋଲଗଡ଼,୨୨।୫/ଏନ୍‌ଏନ୍‌ଏସ୍: ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ବାଙ୍କୋଇ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ଥାନୀୟ ସମିତିସଭ୍ୟ ରଞ୍ଜନ ଲେଙ୍କା ଓରଫ ମଣ୍ଟୁ ଏବଂ ତାଙ୍କ ମାଆଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଉଭୟ ମାଆ ଓ ପୁଅ ଗୁରୁତର ଭାବେ ଆହତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବାବେଳେ ଏକ ମାମଲା ପଞ୍ଜିକୃତ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ୍ ତଦନ୍ତ ଚଲାଇଛି। ସୂଚନା ମୁତାବକ କୌଣସି ପୂର୍ବ ବିବାଦକୁ କେନ୍ଦ୍ରକରି ସମିତିସଭ୍ୟ ରଞ୍ଜନ ଓ ତାଙ୍କ ପଡ଼ୋଶୀ ପରିବାର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପଡ଼ୋଶୀଙ୍କ ଠେଙ୍ଗା ଦ୍ୱାରା ଆକ୍ରମଣରେ ରଞ୍ଜନଙ୍କ ମୁଣ୍ଡ ଫାଟି ଲହୁଲୁହାଣ ହୋଇପଡ଼ିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ମାଆ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଓ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଡାକ୍ତର ମାଆ ଓ ପୁଅ ଉଭୟଙ୍କୁ ଏମ୍ସ ପଠାଇ ଦେଇଥିଲେ।

'ବିକଶିତ ଭାରତ ପାଇଁ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାଲିପାଟଣା,୨୨।୫/ଏନ୍‌ଏନ୍‌ଏସ୍: ଆଜିର ଛାତ୍ର ଆଗାମୀ ୨୦୪୭ ମସିହାରେ ବିକଶିତ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ ପାଇଁ ସେମାନେ ନିଜକୁ ପ୍ରସ୍ତୁତ କରିବାକୁ ହେବ ବୋଲି ବାଲିପାଟଣାରେ ଆୟୋଜିତ କୃତୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି। ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଡ ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ଯୋଗଦେଇ ପିଲାମାନେ ନିଜର ଲକ୍ଷ୍ୟ ସ୍ଥିର କରି ବର୍ତ୍ତମାନର ଏଆଇ ଶିକ୍ଷା ପଦ୍ଧତି ମାଧ୍ୟମରେ ନିଜକୁ ଉପସ୍ଥାପିତ କରିବାର କୌଶଳ ଜାଣିବା ଦରକାର। ସ୍ୱତନ୍ତ୍ର ଅତିଥିଭାବେ ସାରଦା ପ୍ରସାଦ ଶତପଥୀ ଶିକ୍ଷାକୁ ବର୍ତ୍ତମାନର ସରକାର ସବୁଠୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଏହି ସୁଯୋଗକୁ ସଠିକ୍ ଉପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବାଲିପାଟଣା ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ଶିକ୍ଷକ ନେତା ବିଜୟ କୁମାର ବେହେରା, ପ୍ରଭାକର ମଲ୍ଲିକ, ଦୀନକୃଷ୍ଣ ସାହୁ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଧାନଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ର, ସତ୍ୟଭାମା ଦାଶ ଓ ଏବିଇଓ ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବା ଅଂଶୁମାନ ଦାସଙ୍କ ସମେତ ଏ-୧ ପାଇଥିବା ସମସ୍ତ ୮ ଜଣ, ଏ-୨ରେ ଉତ୍ତୀର୍ଣ୍ଣ ୫୪ ଜଣ ଓ ତୃତୀୟ ଏବଂ ପଞ୍ଚମରେ ବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ସିଆର୍‌ସିସି ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ। ମମିତା ଦଳାଇ ଓ ରମାରଞ୍ଜନ ଦାସ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ଏବିଇଓ ଯଶୋଦା ସାହୁ ଧନ୍ୟବାଦ ଦେଇଥିଲେ।

'ପ୍ରଶିକ୍ଷଣ ହିଁ ଦଳର ଶୃଙ୍ଖଳା ମାର୍ଗକୁ ଦୃଢ଼ କରେ'

ବୋଲଗଡ଼,୨୨।୫/ଏନଏନଏସ: ବୋଲଗଡ଼ ମଣ୍ଡଳ ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ମା' ଭୂୟାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ମଣ୍ଡଳ ବିଜେପି ସଭାପତି ଦୀପନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରର ଶତାଧିକ କର୍ମୀ ଯୋଗଦେଇ ସାଂଗଠନିକସ୍ତରରେ ଶିବିରକୁ ବେଶ୍ ତ୍ୱରାନ୍ୱିତ କରିଥିଲେ। ଏହି ଶିବିରରେ ଦଳୀୟ ସଂଗଠନକୁ ମଜବୁତ କରିବା, ଦଳୀୟ ଶୃଙ୍ଖଳା ରକ୍ଷା, ସାର୍ବଜନୀନ ଭାବେ ଜନସମ୍ପର୍କ ବୃଦ୍ଧି ଓ ଦଳୀୟ କାର୍ଯ୍ୟକଳାପରେ ସମନ୍ୱୟ ରକ୍ଷା ସମ୍ପର୍କରେ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରଶ୍ମିମୟୀ ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତଥା ଖୋର୍ଦ୍ଧା ବାର୍ ଆସୋସିଏସନ୍ ସଭାପତି ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ, ସଂଗଠିକା ରୋଜିନାରାଣୀ ଦାସ, ଯୁବ ସଂଗଠକ ବ୍ରଜବନ୍ଧୁ ସୁବୁଦ୍ଧି, ପ୍ରମୋଦ କୁମାର ପ୍ରଧାନ, ପ୍ରଫୁଲ୍ଲ ଦଳେଇ, ଜିଲ୍ଲା ବିଜେପି ସମ୍ପାଦକ ବିଦ୍ୟୁତ୍ କାଣ୍ଡି, ପ୍ରାକ୍ତନ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା ଓ ମଣ୍ଡଳ ସମ୍ପାଦକ ଅଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ହିଁ ପ୍ରତ୍ୟେକ ଅନୁଷ୍ଠାନ, ଅଣଅନୁଷ୍ଠାନ, ସଂସ୍ଥାନ ଓ ସର୍ବୋପରି ଦଳର ଶୃଙ୍ଖଳାଗତ ସୁମାର୍ଗର ଶିକ୍ଷା ଦେଇଥାଏ ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ। ପ୍ରଶିକ୍ଷଣ ଉଦ୍‌ଘାଟକ ଶ୍ରୀ ପଟ୍ଟନାୟକ ଇତିହାସ ଓ ବିକାଶ, ରଶ୍ମିମୟୀ ପଟ୍ଟନାୟକ କାର୍ଯ୍ୟ ବିସ୍ତାର, ଅଧିବକ୍ତା ଶ୍ରୀ ପଟ୍ଟନାୟକ ବୁଦ୍ଧି ପରିଚାଳନା ଓ ମନ୍ କି ବାତ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବାବେଳେ ଜିଲ୍ଲା ସମ୍ପାଦକ ଶ୍ରୀ କାଣ୍ଡି ସରଳ ଆପ୍, ସାମାଜିକ ଗଣମାଧ୍ୟମ ସମ୍ପର୍କରେ ସୂଚନା ରଖିଥିଲେ। ସେହିପରି ଶ୍ରୀ ଦଳେଇ କାର୍ଯ୍ୟପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବାବେଳେ ରୋଜିନାରାଣୀ ଦାସ ବୈଶରିକ ଅଧିଷ୍ଠାନ ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଇଥିଲେ। ପ୍ରଶିକ୍ଷକମାନେ ଦଳର ସଂଗଠନ ଓ କ୍ରମବିକାଶ ସମ୍ପର୍କରେ ଶିବିରରେ ଆଲୋଚନା କରିଥିଲେ।

ସରକାରୀ ଜଳାଶୟ ଜବରଦଖଲର ପ୍ରତିବାଦ

କାକଟପୁର ତହସିଲ୍ ସମ୍ମୁଖରେ ଗ୍ରାମବାସୀଙ୍କ ଗଣଧାରଣା

ଅସ୍ତରଙ୍ଗ,କାକଟପୁର୨୨।୫/ଏନ୍‌ଏନ୍‌ଏସ୍: କାକଟପୁର ତହସିଲ୍ ଅନ୍ତର୍ଗତ ଓଥକା ପଞ୍ଚାୟତର ଅନନ୍ତପୁର ମୌଜାରେ ଥିବା ସରକାରୀ ସମ୍ପତ୍ତିର ସୁରକ୍ଷାକୁ ନେଇ ପ୍ରଶାସନର ଚରମ ଅବହେଳା ବିରୋଧରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗ୍ରାମର ଖାତା ନଂ- ୧୦୪, ପ୍ଲଟ୍ ନଂ- ୧୬୨, ୧୬୩ ଏବଂ ୧୬୪ରେ ଥିବା ପ୍ରାୟ ୧ ଏକର ୮୨ ଡିସିମିଲ୍ ପରିମିତ ସରକାରୀ ପଞ୍ଚାୟତ ପୋଖରୀ ଓ ଜଳାଶୟ କିସମର ଜମିକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ୍ ଭାବେ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏହି ବେଆଇନ ଜବରଦଖଲ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ପରବର୍ତ୍ତୀ ସମୟରେ ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ପ୍ରକୋଷ୍ଠରେ ଏକ ଗୁହାରିପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ପ୍ରଶାସନ (ଆର୍‌ଆଇ) ଘଟଣାସ୍ଥଳକୁ ଯାଇ ଜମିର ସୀମା ନିର୍ଦ୍ଧାରଣ କରିବା ସହ ଜବରଦଖଲକୁ ଚିହ୍ନଟ କରିଥିଲେ। ମାତ୍ର ଜମି ଚିହ୍ନଟ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ତହସିଲ୍ ପକ୍ଷରୁ ଉଚ୍ଛେଦ ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିଲା। ଏପରିକି ଏ ସମ୍ପର୍କରେ ତହସିଲଦାର୍ ଓ ଅତିରିକ୍ତ ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ରହିଥିଲା। ପ୍ରଶାସନର ଏଭଳି ଟାଳଟୁଳ ନୀତି ବିରୋଧରେ ଶୁକ୍ରବାର ଅନନ୍ତପୁର ଗ୍ରାମବାସୀ କାକଟପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଗଣଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଏହି ଆନ୍ଦୋଳନସ୍ଥଳରେ କାକଟପୁର ଅତିରିକ୍ତ ତହସିଲଦାର୍ ନିରଞ୍ଜନ ପାତ୍ର ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ଜଳାଶୟଟି ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ନହେବା ପର୍ଯ୍ୟନ୍ତ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ନରେନ୍ଦ୍ର କୁମାର ପାଇଟାଳ, ସମାଜସେବୀ ବିପିନି ବିହାରୀ ମହାନ୍ତି, ଧନେଶ୍ୱର କାଣ୍ଡି, ବଂଶୀଧର କାଣ୍ଡି, ଧୋବା କାଣ୍ଡି, ଲିଙ୍ଗରାଜ ପାଇଟାଳ, ପୂର୍ଣ୍ଣଚନ୍ଦ୍ର କାଣ୍ଡି, ଭରତ କାଣ୍ଡି, ସୌଦାମିନୀ କାଣ୍ଡି ଓ ସୁପନ ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ତହସିଲଦାରଙ୍କ ପ୍ରତିଶ୍ରୁତି

କାର୍-ସ୍କୁଟି ମୁହାଁମୁହିଁ, ଜଣେ ଗୁରୁତର

କୋଣାର୍କ,୨୨।୫/ଏନ୍‌ଏନ୍‌ଏସ୍: ବେଳାମାର୍ଗରେ ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ଣରେ ପୁରୀରୁ କୋଣାର୍କ ଅଭିମୁଖେ ପର୍ଯ୍ୟଟକଙ୍କୁ ନେଇ ଏକ କାର୍ ଯାଉଥିବାବେଳେ କୋଣାର୍କ ଆଡୁ ଏକ ସ୍କୁଟି ଦ୍ରୁତ ଗତିରେ ଆସୁଥିଲା। ହଠାତ୍ ରାମଚଣ୍ଡୀ ମୁହାଁଣ ମୁହଁ ସମ୍ମୁଖ ଲୋଟସ୍ ଛକ ବେଳାମାର୍ଗ ମୁଖ୍ୟରାସ୍ତାରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକ ଛିଟିକି ପଡ଼ି ରାସ୍ତା ଉପରେ ରକ୍ତ ଜୁଡ଼ୁବୁଡ଼ୁ ହୋଇ ଗୁରୁତର ଭାବେ ଚେତାଶୂନ୍ୟ ଭାବେ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପୁରୀ ହସ୍ପିଟାଲ୍‌କୁ ପଠାଇଥିଲେ। କାର୍‌ରେ ଥିବା ସମସ୍ତ ପର୍ଯ୍ୟଟକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ମେରାଇନ୍ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ମେରାଇନ୍ ଥାନାଧିକାରୀ ସରସ୍ୱତୀ ସାହୁ ସୂଚନା ଦେଇଛନ୍ତି। ଗୁରୁତର ଥିବା ଯୁବକ ଜଣକ ସ୍ଥାନୀୟ ଟିକିନା ଗ୍ରାମର ପ୍ରଶାନ୍ତ ଦାସ ବୋଲି ଜଣାପଡ଼ିଛି।

ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଚୟନରେ ଅନିୟମିତତା

ତଦନ୍ତ ଦାବିକଲେ ଆବେଦନକାରୀ

ବାଲେଶ୍ୱର,୨୨।୫/ଏନ୍ଏନ୍ଏସ୍: ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଚୟନରେ ଅନିୟମିତତାର ତଦନ୍ତ ଦାବି ହୋଇଛି। ଏନେଇ ଆବେଦନକାରିଣୀ ସୁଜାତା ରାଣୀ ପଣ୍ଡା ଗତ ୧୫ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଏବଂ ନିର୍ଦ୍ଦେଶିକା, ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ତଦନ୍ତ ସରିବା ଯାଏଁ ସଦସ୍ୟ ନିଯୁକ୍ତି ଅର୍ଡର୍ କାର୍ଯ୍ୟକାରୀ ନ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ନବନିଯୁକ୍ତ ସଦସ୍ୟମାନେ ଶୁକ୍ରବାର ଯୋଗଦେବାକୁ ଅର୍ଡର୍‌ରେ ନିର୍ଦ୍ଦେଶ ଥିବାବେଳେ ପ୍ରଶାସନିକ ସ୍ୱଚ୍ଛତା ପ୍ରତିବାଦରେ ସେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ବିଚାରପତି ବିରାଜ କୁମାର ଶତପଥୀ ଅପରପକ୍ଷଙ୍କୁ ୩ ସପ୍ତାହ ମଧ୍ୟରେ ଅଭିଯୋଗ ଉପରେ ତଦନ୍ତ କରି ଉଚିତ୍ ପଦକ୍ଷେପ ଦେବାକୁ ନିର୍ଦ୍ଦେଶ କରିଛନ୍ତି। ସତ୍ୟ ପ୍ରମାଣିତ ହେଲେ ଜେଜେ ଆକ୍ଟ ଅନୁସାରେ ଅନୁପଯୁକ୍ତ ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଅନ୍ୟ ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ କରିଛନ୍ତି। ଅନ୍ୟତମ ଆବେଦନକାରୀ ଗଣେଶ୍ୱର ରାଉତ ଜିଲ୍ଲା ଜଜ୍‌ଙ୍କ ନିକଟରୁ ଓକିଲାତି ପ୍ରାକ୍ଟିସ୍ ସାର୍ଟିଫିକେଟ୍ ଆଣି ଦେଇଥିବାବେଳେ ତାଙ୍କ ଦରଖାସ୍ତରେ ଚଞ୍ଚକତା କରି ତାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଫର୍ମାଟ୍‌ରେ ଦର୍ଶାଇ ନାହାନ୍ତି। ଅନ୍ୟପଟେ ମାତ୍ର ୫ ମାସ ହେଲା ଲାଇସେନ୍ସ ବାହାର କରିଥିବା ପ୍ରାର୍ଥୀଙ୍କ ସ୍ଥାନରେ ୨୫ ବର୍ଷ ଦର୍ଶାଇଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଶ୍ରୀ ରାଉତ ବାଲେଶ୍ୱର ସାଂସଦ ଏବଂ ସମସ୍ତ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତେବେ ଜିଲ୍ଲାପାଳ ଯଦି ଆବେଦନକାରିଣୀ ଶ୍ରୀମତୀ ପଣ୍ଡାଙ୍କ ଦରଖାସ୍ତ ଉପରେ ଜେଜେ ଆକ୍ଟକୁ ତର୍ଜମା ପୂର୍ବକ ବିଧିବଦ୍ଧ ତଦନ୍ତ ନକରି ନୂଆ ଶିଶୁ ମଙ୍ଗଳ କମିଟିକୁ ଯୋଗଦେବାକୁ ଅନୁମତି ପ୍ରଦାନ କରନ୍ତି ତେବେ ବିଚାର ବିଭାଗ ଛୁଟି ଖୋଲିବା ପରେ ପୁଣି ହାଇକୋର୍ଟର ଆଶ୍ରୟ ନିଆଯିବ ବୋଲି ଅନ୍ୟ ଆବେଦନକାରୀ ହରିଶ କୁମାର ରାଜ ଓ ପ୍ରଣବ କୁମାର ପଣ୍ଡା ମତପ୍ରକାଶ କରିଛନ୍ତି।

୫୦ କେଜି ଗଞ୍ଜେଇ ଜବତ କଲା ପୁଲିସ୍

ବାରିପଦା,୨୨।୫/ଏନ୍ଏନ୍ଏସ୍: ବାରିପଦା ଟାଉନ୍ ଥାନା ପୁଲିସ୍ ୫୦ କେଜି ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଅଟକ ରଖିଛି। ଗୁରୁବାର ସନ୍ଧ୍ୟାରେ ୧୮ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ ଏକ କାର୍ ନଜରରେ ପଡ଼ିଥିଲା। ଉକ୍ତ କାର୍‌ଟି ପୁଲିସ୍ ନଜରରୁ ଖସିଯିବା ପାଇଁ ଚେଷ୍ଟା କରିବା ସମୟରେ ପୁଲିସ୍ କାବୁ କରିଥିଲା। ପରେ ଏହି ଗାଡ଼ିରେ ପ୍ରାୟ ୫୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ଏହି ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

ODISHA HYDRO POWER CORPORATION LTD.
OHPC O/o Sr. GENERAL MANAGER, HIRAKUD HYDRO ELECTRIC PROJECT
ADMINISTRATIVE OFFICE BUILDING, NEAR BURLA POWER HOUSE
BURLA - 768017, DISTRICT : SAMBALPUR (ODISHA), INDIA

No. HHEP/Tech-WK-143, Vol-II/ 4180 Date: 19.05.2026

NOTICE INVITING TENDER NO. HHEP-47/2026

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the **Manufacturers or its Authorized Dealers** only having valid Firm Registration Certificate issued by Govt. Authority / Dealership certificate, IT PAN & GST Registration Certificate for the following work as detail given below.

Description of work	Cost of tender paper (non-refundable) in Rs.	EMD in shape of DD/ BC only (Refundable) in Rs.
Supply and Retrofit of 02 Nos of 800Amp ACB and 02 Nos of 1250Apm ACB for replacement against Merlin Gerin make ACB of SSB-I, Incomer-I & II and Incomer-II of UAB-I & II of Burla Power House	Rs. 7080/- (Rs. 6000/- + GST @18%)	20,300.00

- Sale of tender paper : 25.05.2026 (10.00 AM) to 08.06.2026 upto 01:00 PM
- Receipt of tender paper : 09.06.2026 upto 11:00 AM
- Date & time of opening of tender: 09.06.2026 at 11:30 AM
- Further details like tender documents / terms & conditions (corrigendum / errata / addendum, if any), please visit our official website www.ohpcltd.com

Sd/-
OIPR-4001/4007/1/26-27/0011 4001/104/2627 C & P Head, HHEP, Burla

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୦୬୪୨/ଭୁ.ଉ.କ.,ଭୁବନେଶ୍ୱର ତା.୧୯.୦୫.୨୦୨୬ରିଖ
AWHC-08/92

ସୂଚନା

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅଇଗିଣିଆ ଓଲାର ହାଉସିଂ କମ୍ପ୍ଲେକ୍ସ, ଅଇଗିଣିଆ, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-04 (Godown-cum-Office), କୁ ପଦ୍ମନାଭ ମିଶ୍ର, ପିତା-ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମିଶ୍ର, ଗ୍ରାମ-ଓିଆଡିସାହି, ପୋଷ୍ଟ/ଥାନା/ଜିଲ୍ଲା-ପୁରୀ, ଓଡ଼ିଶାଙ୍କ ନାମରେ ଅବଣ୍ଟନ କରାଯାଇଥିଲା। ଅବଣ୍ଟନଗ୍ରାହୀ ପଦ୍ମନାଭ ମିଶ୍ର ଗତ ତା-୨୮.୦୬.୨୦୦୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death certificate Registration No. 2643 dated 31.10.2006) ଇତି ମଧ୍ୟରେ ସ୍ୱର୍ଗୀୟଙ୍କ ପତ୍ନୀ ବିଷ୍ଣୁପ୍ରିୟା ପାତ୍ର ତା.୨୫.୧୦.୨୦୨୦ରିଖ ରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Issue No. 8775/2020 date 29.10.2020).

Legal heir certificate No. 1/08 dated 01.01.08 ଅନୁଯାୟୀ ପଦ୍ମନାଭ ମିଶ୍ରଙ୍କର ଉତ୍ତରାଧିକାରୀ (୧) ସନ୍ତୋଷ କୁମାର ମିଶ୍ର (ପୁତ୍ର), (୨) ଶକୁନ୍ତଳା ମିଶ୍ର (ବିବାହିତା କନ୍ୟା), (୩) ଜୟନ୍ତି ଦେବୀ (ବିବାହିତା କନ୍ୟା) ଓ (୪) ସବିତା ମିଶ୍ର (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ସବିତା ମିଶ୍ର ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Application No. 11131508674 dated 28.11.2015) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର / ଅଂଶକୁ ସନ୍ତୋଷ କୁମାର ମିଶ୍ରଙ୍କୁ ହସ୍ତାନ୍ତର କରିଅଛନ୍ତି, ଶକୁନ୍ତଳା ମିଶ୍ର ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Application No. 9810 dated 09.06.08) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ସନ୍ତୋଷ କୁମାର ମିଶ୍ରଙ୍କୁ ହସ୍ତାନ୍ତର କରିଅଛନ୍ତି ଓ ଜୟନ୍ତି ଦେବୀ ମଧ୍ୟ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Application No. 9811 dated 09.06.08) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ସନ୍ତୋଷ କୁମାର ମିଶ୍ରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ସୁତରାଂ ଉତ୍ତରାଧିକାରୀ ସୂତ୍ରେ ସନ୍ତୋଷ କୁମାର ମିଶ୍ରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାରି କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ତ୍ୱ ସନ୍ତୋଷ କୁମାର ମିଶ୍ରଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ସ୍ୱା/-ଅବଣ୍ଟନ ଅଧିକାରୀ-୧
OIPR-13001/13033/1/26-27/0041 13001/587/2627 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

୮ ସ୍କାଉଟ୍ ଓ ୧୧ ଗାଇଡ୍‌ଙ୍କୁ ପୁରସ୍କାର

ତିହିଡ଼ି,୨୨।୫/ଏନ୍ଏନ୍ଏସ୍: ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ମଙ୍ଗଳପୁର ପଞ୍ଚାୟତର ଆନନ୍ଦ ପ୍ରସାଦ ସିଦୋଳ ପଞ୍ଚାୟତ ସହଯୋଗ ଉଚ୍ଚବିଦ୍ୟାଳୟର ୮ ଜଣ ସ୍କାଉଟ୍ ଓ ୧୧ ଜଣ ଗାଇଡ୍ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କଠାରୁ ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ରାଜ୍ୟ ସ୍କାଉଟ୍ ଏବଂ ଗାଇଡ୍‌ର ପଦାଧିକାରୀମାନେ ଉପସ୍ଥିତ ଥିଲେ। ସ୍କାଉଟ୍ ମାଷ୍ଟର୍ ମନୋଜ କୁମାର ନାଥ ଓ ଗାଇଡ୍ କ୍ୟାପଟେନ୍ ଆନନ୍ଦ ପ୍ରସାଦ ସ୍କୁଲ୍‌ର ମଞ୍ଜୁଲତା ଜେନାଙ୍କ ନେତୃତ୍ୱରେ ୧୫ ଜଣିଆ ପ୍ରତିନିଧି ଦଳ ଉପସ୍ଥିତ ଥିଲେ। ଆନନ୍ଦ ପ୍ରସାଦ ହାଇସ୍କୁଲ୍, କମାରିଆର ସ୍କାଉଟ୍ ରମାକାନ୍ତ ଦାସ ଓ ଗାଇଡ୍ ଦୀପିକା

ବେହେରା ରାଜ୍ୟପାଳଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି, ଜିଲ୍ଲା ସ୍କାଉଟ୍ ଟ୍ରେନିଂ କମିଶନର୍ ବିପ୍ଳବ କୁମାର ପହି, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ସାହୁ ଓ ଜିଲ୍ଲା ସ୍କାଉଟ୍ ଗାଇଡ୍ ସମ୍ପାଦକ ରାଜେନ୍ଦ୍ର କୁମାର ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା ସ୍କାଉଟ୍ କମିଶନର୍ ଅକ୍ଷୟ କୁମାର ହୋତା, ଜିଲ୍ଲା ସ୍କାଉଟ୍ ଟ୍ରେନିଂ କମିଶନର୍ ବିପ୍ଳବ ପହି, ଗାଇଡ୍ ଟ୍ରେନିଂ କମିଶନର୍ ପ୍ରଭାସିନୀ ବିଶ୍ୱାଳ ଓ ଜିଲ୍ଲା ସ୍କାଉଟ୍ ଗାଇଡ୍ ସହସମ୍ପାଦକ ଅଜୟ କୁମାର ନନ୍ଦ, ସଂଗଠନ କମିଶନର୍ ବିଜୟ ମିଶ୍ର ପ୍ରମୁଖ ଜିଲ୍ଲା ସ୍କାଉଟ୍ ଗାଇଡ୍ ଟିମ୍‌କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ମୁଖ୍ୟ କମିଶନର୍ ଡ. କାଳୀ ପ୍ରସାଦ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

NOTICE

The partnership firm M/S K.S.U.B. INDANE RURBAN VITRAK bearing Regd No-11201800205/2018 its Head office at-Bhanjanagar Bellaguntha Main road Po/Ps-Bhanjanagar Dist-Ganjam Odisha has been Reconstituted on 27/04/2026 due to Admission of partner Shri Amar Nath Rath w.e.f 27.04.2026

Smt Bhagyashree Gouda
Managing partner
M/S K.S.U.B. INDANE RURBAN VITRAK

LOST

I, Satya Prasan Guru, aged about 44 years, S/o-Pramod Kumar Guru, Vill-kalikuda, Po-Anoliapatna, Ps-Kujang, Dist-Jagatsinghpur, Odisha, state that I have Lost my Original R.S.D No-10751601362, Date -21.09.2016, Sub Registrar Kujang, Land of Mouza-Janapal, Khata No-328/142, Plot No-559/172. That the said original R.S.D which was in my bag has lost at Kujang Tahasil Office Road on date-30.04.2026 and repeated search I could not get back it. It is beyond recovery.

Sd/- Satya Prasan Guru
Cont No-9692438752

Cuttack Municipal Corporation
Biju Bhawan, Choudhary Bazaar,
Cuttack-753001

Notice for Selection of Agency for Disposal/Sale of Fruits of Mango at CMC Nursery & Mango Orchard"

Cuttack Municipal Corporation invites sealed bids for the auction of mango produce from its mango orchard and nursery, which has approximately 76 mango trees. The auction will be conducted on an H1 basis (highest bidder wins) with a base price of ₹50,000/-. For details visit https://cmccuttack.odisha.gov.in

SL No.	List of Key Events	Critical Dates
1	Availability of Application form in the website	From 12.00 P.M. of 22.05.2026 to 28.05.2026 up to 3:00 P.M.
2	Last date of receipt of application	28.05.2026 up to 3:00 P.M.
3	Date of opening of financial bid	Date: 29.05.2026 at 11:30 A.M. at Biju Bhawan
4	Mode of Receipt of Bids	Through Speed Post/ Registered Post (India Post)/ Courier / By Hand
5	Correspondence Address	The Commissioner Cuttack Municipal Corporation, Biju Bhawan, Choudhary Bazaar, Cuttack-753001
6	Contact Person	Asst. Commissioner (Park & Plantation)

The complete bidding documents, fee details, descriptions of items and key dates can be viewed/downloaded from the website: https://cmccuttack.odisha.gov.in . Please note that CMC reserves the right to accept or reject the Bid process at any stage without assigning any reason whatsoever.

Sd/- Commissioner,
OIPR-13001/13031/1/26-27/0031 13001/596/2627 Cuttack Municipal Corporation

Government of Odisha,
Office of the Superintending Engineer,
Rural Works Division, Jharsuguda

25001/206/2627

Bid Identification No. Online-SEJSG-02 of 2026-27
NOTICE INVITING TENDER FOR BUILDING WORK IN ODISHA
NATIONAL COMPETITIVE BIDDING THROUGH e-Procurement
Email : eerw_jharsuguda@yahoo.co.in, Tel : 06645-271643

1. Name of the work : Road Works as per DTCN available in the www.tendersorisa.gov.in
2. Total No. of work : 18 (Eighteen) Nos.
3. Estimated cost : Rs.59.19 Lakh to 98.83 Lakh
4. Period of completion : 03 (Three) & 05 (Five) calendar months
5. Period and time of availability of bid document in the portal for bidding : Dt.26.05.2026 at 11.00 AM to 16.06.2026 upto 5.00 PM
6. Date and time of bid opening: Dt.17.06.2026 at 11.00 AM
7. Name and address of the officer inviting bid : S.E., R.W Division, Jharsuguda

(1) Other details can be seen from detailed notice inviting tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/-
Superintending Engineer
OIPR-25001/25104/1/26-27/0001 R.W. Division, Jharsuguda

GOVERNMENT OF ODISHA, DEPARTMENTOF WATER RESOURCES
Office of the Additional Chief Engineer, Mechanical Circle, Berhampur
Email Address: acemechanicalcircleberhampur@gmail.com
E-Procurement Notice- Bid Identification No.- ACE/MCB/MDB-02-06/2026-27

1. Name of the Work : Mechanical Gate Works
2. No. of Works : 05 (Five)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACE/MCB/MDB-02 to 06 /2026-27
5. Amount put to tender : Rs. 10.76 Lakhs to 15.35 Lakhs
6. Period of Completion : 60 Days (Each).
7. Date & time of availability of bid : From dt. 26/05/2026 (10.00 AM) to dt 05/06/2026 (5.30 PM)Documents in the Portal
8. Last date/ time for receipt of bid In the Portal : dt.05/06/2026 (up to 5.30 PM)
9. Date and Place of opening of Technical Bid : dt.06/06/2026 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Additional Chief Engineer, Mechanical Circle, Berhampur

Further details can be seen from the e-procurement portal https://tendersodisha.gov.in

Sd/- Additional Chief Engineer,
OIPR-32001/32498/1/26-27/0002 32001/269/2627 Mechanical Circle, Berhampur

ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

ସୋର,୨୨।୫/ଏନ୍ଏନ୍ଏସ୍: ସୋର ସହର ଓ ଏହାର ଆଖପାଖ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଯୋଗୁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ତିନି ଦିନ ହେବ ସହରର ପାରଦ ୪୩ ଡିଗ୍ରୀ ଉପରେ ରହୁଥିବାବେଳେ ଆକାଶରୁ ଯେମିତି ନିଆଁ ବର୍ଷୁଛି। ଏହି କାରଣରୁ ଦିନ ୧୦ଟା ପରେ ସହରର ମୁଖ୍ୟ ରାସ୍ତାଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଉଛି। ଜରୁରୀ କାମ ନଥିଲେ ଲୋକେ ଘରୁ ବାହାରିବାକୁ ଉଚିତ୍ ମଣୁନାହାନ୍ତି। ଏଭଳି ସ୍ଥିତିରେ ବାହାରୁ ଆସୁଥିବା ପଥିକ ଓ ସ୍ଥାନୀୟ ଲୋକଙ୍କ ପାଇଁ ପାନୀୟଜଳ ସବୁଠୁ ବଡ଼ ସମସ୍ୟା ପାଲଟିଛି। ସହରର ବସ୍‌ଷ୍ଟାଣ୍ଡ ଓ ମୁଖ୍ୟ ଛକ ସ୍ଥାନମାନଙ୍କରେ ପାନୀୟଜଳର କୌଣସି ସୁବ୍ୟବସ୍ଥା ନଥିବାରୁ ଲୋକେ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଶୋଷ ମେଣ୍ଟାଇବାକୁ ସାଧାରଣ ଜନତା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସଂଘାତିକ ପରିସ୍ଥିତି ପ୍ରତି ସୋର ମ୍ୟୁନିସିପାଲିଟି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଉଥିବାବେଳେ ଚଳିତ ବର୍ଷ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଦେଖିବାକୁ ମିଳିନାହିଁ। ମ୍ୟୁନିସିପାଲିଟିର ଏହି ଉଦାସୀନତାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ କିଛିଦିନ ପର୍ଯ୍ୟନ୍ତ ଏପରି ପ୍ରଚଣ୍ଡ ତାପମାତ୍ରା ଓ ଗୁଳୁଗୁଳି ଜାରି ରହିବ। ତେଣୁ ସ୍ଥିତି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି। ସହରବାସୀ ଏବଂ ବାହାରୁ ଆସୁଥିବା ଯାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ତୁରନ୍ତ ସମସ୍ତ ମୁଖ୍ୟ ଜନଗହଳି ପୂର୍ଣ୍ଣ ସ୍ଥାନରେ ପାଣି ଓ ଓଆରଏସ୍‌ର ବ୍ୟବସ୍ଥା କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. CAOCRSPBBS-24-2026

କାର୍ଯ୍ୟର ନାମ : (1) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ବାଲୁଗାଁ (BALU) ଓ ଚିଲିକା (CLKA) ଷ୍ଟେସନ ମଧ୍ୟରେ କି.ମି. 531/3-5 ଠାରେ ଲେଭେଲ କ୍ରସିଂ ନଂ. 261 ପରିବର୍ତ୍ତେ ଆପ୍ରୋଚ ଅଂଶ ନିମନ୍ତେ NH-16 ପାର୍ଶ୍ୱରେ 10 X 20.04 M RCC T-ବିମ୍ ଗର୍ଡର ଏବଂ ବଲଭକୁ ପାଇଁ ନିବାସ ପାର୍ଶ୍ୱରେ 8 X 25.0 M ଏବଂ ରେଳବାଇ କି.ମି. 531/1-3 ଠାରେ (1 X 60.0 M) କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ।
(2) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଚିଲିକା (CLKA) ଓ ଖଲିକୋଟ (KLT) ଷ୍ଟେସନ ମଧ୍ୟରେ କି.ମି. 538/19-21 ଠାରେ ଆପ୍ରୋଚ ଅଂଶ ନିମନ୍ତେ NH-16 ପାର୍ଶ୍ୱରେ 8 X 20.04 M ଏବଂ ପଥର କେଟୀ ପାର୍ଶ୍ୱରେ 7 X 25.04 Mର ପ୍ରସ୍ତାବିତ ସ୍ପାନ, ଏବଂ ଲେଭେଲ କ୍ରସିଂ ନଂ. 267 ପରିବର୍ତ୍ତେ କି.ମି. 538/15-17 ଠାରେ ରେଳବାଇ ଅଂଶ ନିମନ୍ତେ 1 X 60.0 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର ସହିତ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ : ₹ 122,05,33,081.21, EMD : ₹ 2,44,10,700/-, ସମାପ୍ତ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.05.06.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2026ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଟେଣ୍ଡରଗୁଡ଼ିକ ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଛି।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ /
PR-55/CJ/26-27 RSP / ଭୁବନେଶ୍ୱର

ADMISSION NOTICE
POST GRADUATE ENTRANCE TEST- 2026

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET)- 2026 for admission into following Post Graduate Courses & Institutes

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist-Cuttack-754010 (Odisha)
Website : https://svnirtar.nic.in, E-Mail: svnirtarpget@gmail.com
Courses Offered: 1. Master of Physiotherapy 2. Master of Occupational Therapy 3. Master in Prosthetics & Orthotics

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website : https://pdunippd.nic.in, E-Mail: diriph@nic.in
Course Offered: 1. Master in Prosthetics & Orthotics

ALI YAVAR JUNG NATIONAL INSTITUTE OF SPEECH AND HEARING DISABILITIES (DIVYANGJAN) (AYJNISHD)
K.C. Marg, Bandra (W) Reclamation, Mumbai – 400 050
&
REGIONAL CENTRE, SECUNDERABAD
Manovikas Nagar, Secunderabad-500009
Website: https://ayjnishd.nic.in, E-Mail: ayjnihh-mum@nic.in
Course Offered: 1. Master of Science in Audiology (M.Sc. Audiology)

Institutes under DEPwD (Divyangjan),
Ministry of Social Justice and Empowerment, Govt. of India

Eligibility: The Candidate should Pass Bachelor of Physiotherapy for MPT, Bachelor of Occupational Therapy for MOT, BPO/ B.Sc. (PO) for MPO and BASLP for M.Sc. Audiology Courses.

Starting of online publication of Information Brochure and Application form	: 20.05.2026
Closing date of online receipt of Application form	: 19.06.2026
Date of Post Graduate Entrance Test	: 12.07.2026

For details Log on to: https://admission.svnirtar.nic.in

Sd/-
Director Cum Chairman,
PGET- 2026

ବାପାକୁ ହାଣିଲେ ୨ ପୁଅ

ସୋର,୨୨।୫/ଏନ୍ଏନ୍ଏସ୍: ସୋର କୋର୍ଟ ସମ୍ମୁଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବାପାକୁ ଗୋଡ଼େଇ ଗୋଡ଼େଇ ତେଲେଙ୍ଗା କଟୁରିରେ ଦୁଇ ପୁଅ ହାଣିଥିବାବେଳେ ବାପା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୋର ପୌରପାଳିକା ଅନ୍ତର୍ଗତ ଦୁଣ୍ଡପଡ଼ା ଗ୍ରାମର ଗଣେଶ ବାରିକ (୪୫) ତାଙ୍କ ଜମିରୁ ଭାଗ ନଦେବାରୁ ଦୀର୍ଘଦିନ ଧରି ବାପା ଓ ଦୁଇ ପୁଅଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ମଧ୍ୟାହ୍ନରେ ବଡ଼ପୁଅ କିରଣ କୁମାର ବାରିକ (୨୩) ଓ ସାନପୁଅ କ୍ଷୀରୋଦ କୁମାର ବାରିକ (୧୯) ବାପା ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡକାଇଥିଲେ।

ସେଠାରେ ଜମିବାଡ଼ି ବିବାଦରୁ ବଚସା ହେବା ପରେ ଦୁଇ ପୁଅ ଏକ ତେଲେଙ୍ଗା କଟୁରିରେ ବାପାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାପା ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସାନପୁଅ କ୍ଷୀରୋଦକୁ ସ୍ଥାନୀୟ ଲୋକେ କାବୁ କରି ସୋର ପୁଲିସ୍‌କୁ ହସ୍ତାନ୍ତର କରିଥିବାବେଳେ ବଡ଼ପୁଅ କିରଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ, ଜିଲ୍ଲା - ବଲାଙ୍ଗିର

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ରବିଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀ ମାନଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ (WSHG) ମାନଙ୍କରେ ସାପ୍ତାହିକ ୬ ଦିନ (କେବଳ ରବିବାର ଦିନ ବ୍ୟତୀତ) ସକାଳ ୭ଘଣ୍ଟା ରୁ ପୂର୍ବାହ୍ନ ୧୧ ଘଣ୍ଟା ମଧ୍ୟରେ ଗ୍ରହଣ କରାଯିବ ଏବଂ ଅପରାହ୍ନ ୩ ଘଣ୍ଟା ପରେ ପ୍ରେରଣ କରାଯିବ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷ ମୁକ୍ତ ହୋଇଥିବ।"

ଧାନର ଗୁଣାତ୍ମକ ମାନ

କ୍ର.ନଂ	ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ	ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%)
୧.	ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି)	୧.୦ %
୨.	ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଙ୍କ, ଅଗାଡ଼ି ବା ପୋକ ଇତ୍ୟାଦି)	୧.୦%
୩.	ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ)	୫.୦%
୪.	ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି	୩.୦ %
୫.	ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ)	୬.୦ %
୬.	ଆର୍ଦ୍ରତା ବା ଜଳୀୟ ଅଂଶ	୧୭.୦%

-: ଏହି ବର୍ଷର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

କ୍ର.ନଂ.	ଧାନର କିସମ	ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପ୍ରତି)
କ.	ସାଧାରଣ ଧାନ	ଟ. ୨୩୬୯/-
ଖ.	ଇନ୍‌ପୁଟ୍ ସହାୟତା	ଟ. ୭୩୧/-
	ମୋଟ	ଟ. ୩୧୦୦/-



ପାଟଣାଗଡ ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ତା. ୨୫.୦୫.୨୦୨୬ ରିଖ ରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଧାନକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର ରୁ (SMS) ଜରିଆରେ ଅନ୍ୟୁନ ୭ ଦିନ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରି ଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ, କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ।

ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତ ହୋଇଥିବା ଟୋକନ ଆଣିବେ। ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଅନୁରୋଧ। ପଞ୍ଜୀକୃତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜୀକୃତ ହୋଇଥିବା ମୋ. ନଂ ରୁ ଟୋଲଫ୍ରି ନଂ ୧୯୬୭ ଡାଏଲ କରି ତାଙ୍କର ଯାଞ୍ଚକୃତ (verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଓ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପାରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା - ସଂପାଦକ
ନିୟନ୍ତ୍ରିତ ବଜାର କମିଟୀ, ପାଟଣାଗଡ

ସ୍ୱା - ଉପଜିଲ୍ଲାପାଳ ପାଟଣାଗଡ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟୀ, ପାଟଣାଗଡ

ପ୍ରଥମ ପୃଷ୍ଠାରୁ

ଓଭରଲୋଡ୍ ସହ ଟ୍ରାନ୍ସଫର୍ମର ...

ପ୍ରବାହ ସମୟରେ ବିଦ୍ୟୁତ୍ ବିଲ୍ ବାକି ଥିବା ଆଳରେ କୌଣସି ବି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇପାରିବ ନାହିଁ । ମୌସୁମୀ ବାୟୁ ଆସିବା ପର୍ଯ୍ୟନ୍ତ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ରହିବ । ସେହିପରି ଟାଟା ପାୱାର ଦ୍ୱାରା ପରିଚାଳିତ ସମସ୍ତ ଡିସକମ୍ସ (ବିତରକ କମ୍ପାନୀ)ଙ୍କୁ କୌଣସି ପ୍ରକାରର ଅଘୋଷିତ ବା ମନମୁଖୀ ବିଦ୍ୟୁତ୍ କାଟ୍ ନକରିବାକୁ ଚେତାବନୀ ଦିଆଯାଇଛି । ଯଦି କୌଣସି ଜରୁରୀକାଳୀନ ମରାମତି ବା ରକ୍ଷଣାବେକ୍ଷଣ ପାଇଁ ପାୱାର କଟ୍ ଆବଶ୍ୟକ ହୁଏ, ତେବେ ତାହା ପୂର୍ବରୁ ଗ୍ରାହକମାନଙ୍କୁ ଏସ୍ଏମ୍ଏସ୍ ଆଲର୍ଟ ଏବଂ ମାଇକ୍ ପ୍ରଚାର ମାଧ୍ୟମରେ ଜଣାଇବା ବାଧ୍ୟତାମୂଳକ କରାଯାଇଛି । ଗ୍ରାହକମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଦ୍ୟୁତ ବିଭାଗର କଲ୍ ସେଣ୍ଟର କ୍ଷମତାକୁ ପ୍ରତିଦିନ ୧୦୦ ରୁ ୧୫୦ ଲଗଇନ୍‌କୁ ବୃଦ୍ଧି କରାଯାଇଛି । ଏହା ସହିତ ମିସ୍ଡ୍-କଲ୍ ଏବଂ ସିଙ୍ଗଲ-କ୍ଲିକ୍ ସେବା ଆରମ୍ଭ କରାଯାଇଛି, ଯାହାଦ୍ୱାରା ଗ୍ରାହକମାନେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସୂଚନା ତୁରନ୍ତ ଲାଇଭ୍ ପାଇପାରିବେ । ରାଜ୍ୟରେ ଜାରି ରହିଛି ପାୱାର କଟ୍ । ଗୋଟିଏ ପଟେ ପ୍ରବଳ ଗରମ, ଅନ୍ୟପଟେ ପାୱାର କଟ୍ ବା ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଗ୍ରାମରୁ ସହର ପର୍ଯ୍ୟନ୍ତ ଲୋକେ ଅସହ୍ୟ ଗରମରେ ହନ୍ତସନ୍ତ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ କର୍ତ୍ତୃପକ୍ଷ ଶୁଣୁନଥିବା ଅଭିଯୋଗ ହୋଇଛି । ଏପଟେ ଏହାକୁ ନେଇ ଏବେ ଲୋକେ ପ୍ରତିବାଦକୁ ଓହ୍ଲାଇଛନ୍ତି । କିଛି ସ୍ଥାନରେ ରାସ୍ତାକୁ ମଧ୍ୟ ଅବରୋଧ କରାଯାଉଥିବାର ଦେଖିବାକୁ ମିଳୁଛି ।

ପାୱାର କମ୍ପାନୀଙ୍କ ଉପରେ ...

ଆନ୍ଦୋଳନ କରିପାରିବେ ନାହିଁ । ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ରହିବାକୁ ମଧ୍ୟ ଏହି ଆଇନ ଅନୁଯାୟୀ ଧର୍ମଘଟର ଶ୍ରେଣୀରେ ଗଣାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି ।

ସଂରକ୍ଷଣ ବ୍ୟବସ୍ଥାରେ ...

ପିଲାମାନଙ୍କୁ ଓବିସି ସଂରକ୍ଷଣର ଲାଭ ମିଳିପାରିବ ନାହିଁ । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ମଧ୍ୟରେ 'କ୍ରିମିଲେୟାର' ଚିହ୍ନଟ କରିବା ପାଇଁ କେବଳ ଦରମାରୁ ମିଳୁଥିବା ଆୟ ହିଁ ଏକମାତ୍ର ନିର୍ଣ୍ଣାୟକ ମାପଦଣ୍ଡ ନୁହେଁ । ଯଦି କେବଳ ଦରମାକୁ ହିଁ ଏକମାତ୍ର ମାପଦଣ୍ଡ ଭାବେ ଗ୍ରହଣ କରାଯାଏ, ତେବେ ଡ୍ରାଇଭର, ପିଅନ, କ୍ଲର୍କ ଏବଂ ଅନ୍ୟାନ୍ୟ ନିମ୍ନ ପଦବୀରେ ଥିବା ସରକାରୀ କର୍ମଚାରୀମାନେ ମଧ୍ୟ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହୋଇପାରନ୍ତି । ଅନ୍ୟପକ୍ଷେ ଏହି ମାମଲାରେ ସୁପ୍ରିମକୋର୍ଟ ୩ଟି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି । ଖଣ୍ଡପୀଠଙ୍କ ଅନୁସାରେ ସଂରକ୍ଷଣ ବ୍ୟବସ୍ଥାରେ ସନ୍ତୁଳନ ରହିବା ଅତ୍ୟନ୍ତ ଜରୁରୀ । ଯେଉଁ ପରିବାରଗୁଡ଼ିକ ସାମାଜିକ ଏବଂ ଆର୍ଥିକ ସ୍ତରରେ ଉନ୍ନତି କରିସାରିଛନ୍ତି, ସେମାନଙ୍କୁ ମଧ୍ୟ ସଂରକ୍ଷଣର ଲାଭ ମିଳିଚାଲିଛି । ଉଚ୍ଚଶିକ୍ଷା ଏବଂ ଉତ୍ତମ ଆର୍ଥିକ ସ୍ଥିତି ସହିତ ସାମାଜିକ ପ୍ରତିଷ୍ଠାରେ ମଧ୍ୟ ସୁଧାର ଆସିଥାଏ । ସାମାଜିକ ସ୍ତରରେ ପଛୁଆ ଥିବା ଲୋକଙ୍କ ପାଇଁ ସଂରକ୍ଷଣ ଠିକ୍, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ । ଏହି ମାମଲା ଉପରେ ପ୍ରଥମେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି ହୋଇଥିଲା ।

ଚାରିକୁ କମିଲା କାରକେଡ୍ ...

ସେଥିପାଇଁ ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରିବା ସହ ଅଧିକ ମାତ୍ରାରେ ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ହେବ । କେବଳ ଆବଶ୍ୟକ ସ୍ଥଳରେ ଗାଡ଼ି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ୍ କରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

ରାଜା ସ୍ୱାଇଁଙ୍କ ଗାଡ଼ି ...

ବୋଲି ବିଜେଡି ଅଭିଯୋଗ କରିଛି । ବିଜେଡି ନେତାମାନେ ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜଣେ ୮ ଥରର ବରିଷ୍ଠ ବିଧାୟକଙ୍କ ସୁରକ୍ଷାରେ କେମିତି ତ୍ରୁଟି ରହିଲା, ସେ ନେଇ ସେମାନେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି । ଅନ୍ୟପକ୍ଷେ କ୍ଷମତାସୀନ ବିଜେପି ନିଜ ସ୍ପଷ୍ଟୀକରଣରେ ଏହି ଅଭିଯୋଗକୁ ଅସ୍ୱୀକାର କରିଛି । ପ୍ରଦେଶ ବିଜେପିର ତୁଙ୍ଗ ନେତାମାନଙ୍କ କହିବା କଥା ଯେ ଏହା କୌଣସି ଆକ୍ରମଣ ନଥିଲା, ବରଂ ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ନିଜର ଅସନ୍ତୋଷ ପ୍ରକାଶ କରି ଏପ୍ରକାର ବିରୋଧାଭାସ ପ୍ରଦର୍ଶନ କରିଛନ୍ତି । ତେବେ ଏହି ଘଟଣା ଜଣାପଡ଼ିବା ମାତ୍ରେ ତିରିଆ ଅଞ୍ଚଳରେ ଶତାଧିକ ବିଜେଡି ସମର୍ଥକ ଏକତ୍ରିତ ହୋଇଥିଲେ । ସେମାନେ ବ୍ଲକ୍ ଅଫିସ ବାହାରେ ରାସ୍ତାରୋକ କରିବା ସହ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ପାଲଟା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଦୁଇ ଦଳ ମଧ୍ୟରେ ମୁହାଁମୁହିଁ ସ୍ଥିତିକୁ ରୋକିବା ପାଇଁ ତିରିଆରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଗଣ୍ଡଗୋଳରେ ସାମିଲ ଥିବା କିଛି ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି । ପୁଲିସ୍ ପ୍ରଶାସନ କହିଛି ଯେ, ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ । ତେବେ ଏହି ଘଟଣାରେ ବିଧାୟକ ଶ୍ରୀ ସ୍ୱାଇଁଙ୍କ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ ।

ବାଘଛାଲ ଡିଲ୍ ବେଳେ ...

ପଠାଯାଇଛି । ସେହିପରି ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଖୁଣ୍ଟା ଥାନା କୁସୁମଘାଟି ଗାଁର ଗଙ୍ଗାଧର ମୁର୍ମୁ (୬୨), କୁଳିଅଣା ଥାନା କାଠରୁମାର ରାମଦାସ ହେମ୍ବ୍ରମ (୪୦) ଏବଂ ବାଙ୍ଗିରିପୋଷି ଥାନା ଯୋକା ଗାଁର ଭୀମା ବାସ୍କେ (୪୦) । ଅଭିଯୁକ୍ତମାନେ ବାଘଛାଲ ଡିଲ୍ ପାଇଁ ଡୁକୁରା ଅଞ୍ଚଳରେ ଏକଜୁଟ୍ ହୋଇଥିଲେ । ବିଶେଷ ସୂତ୍ରରୁ ଖବର ପାଇ ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରିଥିଲା । ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଶ୍ୱ ମାନଚିତ୍ରରେ କେବଳ ଓଡ଼ିଶାର ଶିମିଳିପାଳ ଅଭୟାରଣ୍ୟରେ ହିଁ ପ୍ରାକୃତିକ ଭାବେ ଏହି ବିରଳ ଜେନେଟିକ ମ୍ୟୁଟେସନ ବା କଳା ମହାବଳ ବାଘ ଦେଖିବାକୁ ମିଳନ୍ତି । ଗତ ଗଣନା ଅନୁଯାୟୀ ଏମାନଙ୍କ ସଂଖ୍ୟା ମାତ୍ର ୧୮ ରହିଥିଲା । ଏହି କଳା ବାଘ ଚମଡ଼ା ଜବତ ଘଟଣା ବନ ବିଭାଗ ଏବଂ ବନ୍ୟପ୍ରାଣୀ ପ୍ରେମୀଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି, କାରଣ ଏହାକୁ ମିଶାଇ ଗତ କିଛି ମାସ ମଧ୍ୟରେ ଶିମିଳିପାଳ ଅଞ୍ଚଳରୁ ଏହା ତୃତୀୟ କଳା ବାଘ ଶିକାର ଘଟଣା (ଏହା ପୂର୍ବରୁ ୨୦୨୫ ଏବଂ ମାର୍ଚ୍ଚ ୨୦୨୬ରେ ମଧ୍ୟ ବାଘ ଚମଡ଼ା ଜବତ ହୋଇଥିଲା) । ଏହି ସିଣ୍ଡିକେଟ୍ ପଛରେ ଥିବା ଅନ୍ତର୍ଜାତୀୟ ର୍ୟାକେଟ୍ ଏବଂ ଅନ୍ୟ ଶିକାରୀମାନଙ୍କୁ ଧରିବା ପାଇଁ ବନ ବିଭାଗ, ଏସ୍‌ଟିଏଫ ଏବଂ ବନ୍ୟପ୍ରାଣୀ ଗୁଇନ୍ଦା ସଂସ୍ଥା ମିଳିତ ଭାବେ ତଦନ୍ତ ଚଳାଇଛନ୍ତି ।

ଜୁନ୍ ୧ରେ ବିଜ୍ଞପ୍ତି ...

ରାଜସ୍ଥାନର ରାଜେନ୍ଦ୍ର ଗେହଲଟ୍, ନୀରଜ ଡାଙ୍ଗି ଏବଂ ରଭନୀତ ସିଂହଙ୍କ ଦ୍ୱାରା ସ୍ଥାପିତ ଆସନଗୁଡ଼ିକ ମଧ୍ୟ ଖାଲି ହୋଇଯିବ । ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ଜୁନ୍ ୧ ରେ ବିଜ୍ଞପ୍ତି ଜାରି କରାଯିବ । ପ୍ରାର୍ଥୀମାନେ ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିପାରିବେ । ନାମାଙ୍କନ ପତ୍ର ଯାଞ୍ଚ ଜୁନ୍ ୯ ତାରିଖରେ ହେବ ଏବଂ ପ୍ରାର୍ଥୀମାନେ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିପାରିବେ । ତେବେ ନିର୍ବାଚନ କମିଶନ ଭୋଟ୍ ପ୍ରକ୍ରିୟା ସମ୍ପର୍କରେ ବିଶେଷ ନିର୍ଦ୍ଦେଶ ଜାରି କରିଛନ୍ତି । କମିଶନ ସ୍ପଷ୍ଟ କରିଛନ୍ତି ଯେ ଭୋଟ୍ ସମୟରେ କେବଳ ନିର୍ବାଚନ ଅଧିକାରୀ ପ୍ରଦାନ କରିଥିବା ସ୍ୱତନ୍ତ୍ର ବାଇଗଣୀ ସ୍କେଚ୍ ପେନ୍ ବ୍ୟବହାର କରାଯିବ । ଅନ୍ୟ କୌଣସି ପେନ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ । ନିରପେକ୍ଷ ମତଦାନ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ମଧ୍ୟ ନିଯୁକ୍ତ କରାଯିବ ।

'ଅଗ୍ନି-୧'ର ସଫଳ ...

କମାଣ୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗୁରୁତ୍ୱପୂର୍ଣ୍ଣ ରାତ୍ରିକାଳୀନ ବା ସାମରିକ ପରୀକ୍ଷଣ କରାଯାଇଛି । ପରୀକ୍ଷା ସମୟରେ ଏହି କ୍ଷେପଣାସ୍ତ୍ରଟି ନିଜର ସମସ୍ତ ଉଚ୍ଚ ବୈଷୟିକ ମାନଦଣ୍ଡକୁ ସୂଚାରୁରୂପେ ପୂରଣ କରିବା ସହିତ ଶତ୍ରୁ ପକ୍ଷର ନିର୍ଦ୍ଧାରିତ ଲକ୍ଷ୍ୟଭେଦ କରିବାରେ ପୂର୍ଣ୍ଣ ସଫଳତା ହାସଲ କରିଛି । ଏହି ସଫଳ ଉତ୍କ୍ଷେପଣ ସମୟରେ ବିମାନବନ୍ଦର ଓ ଉପକୂଳରେ ଥିବା ବିଭିନ୍ନ ପ୍ରତିଫଳନ ଚିହ୍ନଟକାରୀ ଯନ୍ତ୍ର, ଦୂରମାପକ ପ୍ରଣାଳୀ ଏବଂ ବୈଦ୍ୟୁତିକ-ଆଲୋକୀୟ ବ୍ୟବସ୍ଥା ମାଧ୍ୟମରେ ଏହାର ଗତିପଥ ଓ ସାମର୍ଥ୍ୟ ଉପରେ କ୍ରମାଗତ ଭାବେ ତୀକ୍ଷ୍ଣ ନଜର ରଖାଯାଇଥିଲା । ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଏହି 'ଅଗ୍ନି-୧' କ୍ଷେପଣାସ୍ତ୍ର ପ୍ରାୟ ୭ ଶହରୁ ୧୨ ଶହ କିଲୋମିଟର ଦୂରତାରେ ଥିବା ଶତ୍ରୁ ଶିବିରକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାର ପ୍ରଭାବଶାଳୀ କ୍ଷମତା ରଖିଛି । ଏହା ସହିତ ଏହି ପ୍ରତିରକ୍ଷା ଅସ୍ତ୍ରଟି ନିଜ ସହ ପ୍ରାୟ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ପାରମ୍ପରିକ ଏବଂ ପରମାଣୁ ଯୁଦ୍ଧାସ୍ତ୍ର ବହନ କରି ଆକାଶରୁ ଶତ୍ରୁକୁ ମାତ୍ ଦେବାରେ ସମ୍ପୂର୍ଣ୍ଣ ସକ୍ଷମ । ଏହି ଏକକ-ସ୍ତରୀୟ କଠିନ ଇନ୍ଧନ ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଆଜି ଦେଶର ସାମରିକ ଶକ୍ତି, ପ୍ରତିରକ୍ଷା ବ୍ୟୁହ ଏବଂ ସୁରକ୍ଷା ବ୍ୟବସ୍ଥାକୁ ବିଶ୍ୱ ଦରବାରରେ ଆହୁରି ଅଧିକ ଶକ୍ତିଶାଳୀ ଓ ସୁଦୃଢ଼ କରିପାରିଛି ।

ଦେବୀ ନଦୀରେ ବୁଡ଼ିଗଲେ ଦୁଇ ଯୁବକ

ଜଣେ ମୃତ, ଅନ୍ୟଜଣେ ଜୀବିତ ଉଦ୍ଧାର

ଜଗତସିଂହପୁର,୨୨।୫/ଏନ୍ଏନ୍ଏସ୍: ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଅସିଲ ଗ୍ରାମ ଦେଇ ପ୍ରବାହିତ ହୋଇଥିବା ଦେବୀ ନଦୀରୁ ମାଛ ଧରିବାକୁ ଯାଇଥିବା ଉକ୍ତ ପଞ୍ଚାୟତର ସଂଗ୍ରାମ ପରିଡ଼ା (୨୮) ପାଣିରେ ବୁଡି ପ୍ରାଣ ହରାଇଛନ୍ତି । ଅନ୍ୟ ଜଣେ ସହଯୋଗୀ ମିଲୁ ପରିଡ଼ାଙ୍କୁ ନଦୀ ଅରପରିରେ ଜାଲ ପକାଇ ମାଛ ଧରୁଥିବା ସେହି ଗ୍ରାମର ଯୁବକ ବଳରାମ ମହାନ୍ତି ସୁରକ୍ଷିତ ଭାବେ ଉଦ୍ଧାର କରି ଆଣିଛନ୍ତି । ସୂଚନା ଅନୁଯାୟୀ, ସୁକିଦା ଗ୍ରାମର ସଂଗ୍ରାମ ଯିଏକି କଟକରେ ରହି ନିଜର ବ୍ୟବସାୟ କରିଥାନ୍ତି ସେ ଗତ ୨ ଦିନ ତଳେ ନିଜ ଗ୍ରାମକୁ ଆସିଥିଲେ । ସେ ଜଣେ ଭଲ କ୍ରିକେଟ୍ ଖେଳାଳି ହୋଇଥିବା କାରଣରୁ ତାଙ୍କ ଟିମ ଆଜି ଅପଣ୍ଡରା ଠାରେ ସେମିଫାଇନାଲ ମ୍ୟାଚ ଖେଳିବା ନେଇ ସେ ଘରେ ରହିଥିଲେ । ଏପରିକି ସାଙ୍ଗମାନଙ୍କ ସହ ଘରେ ଭୋଜି କରି କ୍ରିକେଟ ଖେଳିବା ପାଇଁ ଯିବେ ବୋଲି ଘରକୁ ଡେରିକି ବଜାରକୁ ଭୋରରୁ ଉଠି ମଟନ ଆଣି ଘରେ ରଖିଥିଲେ । ସମୟ ପ୍ରାୟ ସକାଳ ୮ ଟା ସମୟରେ ଗ୍ରାମ ଠାରୁ ୨୦୦ ମିଟର ଦୂର ଅସିଲ ଗ୍ରାମକୁ ଯାଇ ଦେବୀ ନଦୀରେ ନିଜ କ୍ରିକେଟ ଟିମର ସାଥି ଖେଳାଳି ମାଛ ଧରୁଥିବା ଦେଖି ନିଜର ୪ ଜଣ ସାଙ୍ଗ ସହ ନଦୀ କୂଳକୁ ଯାଇଥିଲେ । ନଦୀ ଆର ପଟେ ମାଛ ଧରୁଥିବା ନିଜ ଟିମର

ବଳରାମ ମହାନ୍ତି ନଦୀ ମଧ୍ୟରେ ପ୍ରବେଶ ପାଇଁ ବାରମ୍ବାର ବାରଣ କରିବା ସତ୍ତ୍ୱେ ୨ ଜଣ ସାଙ୍ଗଙ୍କୁ ନଦୀ କୂଳରେ ଠିଆ କରାଇ ନିଜ ପିନ୍ଧିଥିବା ଗଞ୍ଜିକୁ ଧରାଇ ଦେଇ ନଦୀ ମଧ୍ୟରେ ପ୍ରବେଶ କରିଥିଲେ । ଏହି ସମୟରେ ଜଣେ ବନ୍ଧୁ ଟିକିଏ ଆଗକୁ ଯାଇ ବୁଡି ଯାଉଥିବା ସମୟରେ ବଳରାମ ଏହା ଦେଖି ତାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡି ସଂଗ୍ରାମକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବା ସମୟରେ ସେ ବୁଡି ଯାଇଥିଲା । ବଳରାମ ବହୁ ଖୋଜାଖୋଜି କରିବା ପରେ ଉଦ୍ଧାର କରି ନପାରି ଶେଷରେ ବାଲିକୁଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା । ପରେ ବାଲିକୁଦା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅଗ୍ନିଶମ ବିଭାଗ ପ୍ରାୟ ୩ ଘଣ୍ଟା ଖୋଜିବା ପରେ ଉଦ୍ଧାର ପାଇଁ ସଫଳ ହୋଇ ନଥିବାରୁ ଓଡ୍ରାଫ ଟିମର ସହାୟତା ନିଆଯାଇଥିଲା । ଓଡ୍ରାଫ ଟିମ ପହଞ୍ଚି ପ୍ରାୟ ଏକ ଘଣ୍ଟା ପରେ ଉଦ୍ଧାର କରିବା ସମୟରେ ସଂଗ୍ରାମଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଆମ୍ବୁଲାନ୍ସ ଯୋଗେ ବାଲିକୁଦା ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ପରେ ବାଲିକୁଦା ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମୁଖ୍ୟ ମେଡିକାଲ ଶବ ବ୍ୟବଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି ।

ଠିକାଦାରୀ କାମକୁ ନେଇ ଠିକାଦାରଙ୍କୁ ହତ୍ୟା ଧମକ

କେନ୍ଦ୍ରାପଡ଼ା,୨୨।୫/ଏନ୍ଏନ୍ଏସ୍: କେନ୍ଦ୍ରାପଡା ଜିଲ୍ଲା ତଥା ଆଖପାଖ ଅଞ୍ଚଳରେ ଠିକାଦାରୀ କାମକୁ ନେଇ ଠିକାଦାର ୱାର୍ ଲାଗିବାର ଯଥେଷ୍ଟ ସମ୍ଭାବନା ଦେଖାଦେଲାଣି । କେତେବେଳେ ଯେ ଠିକାଦାର କାମକୁ ନେଇ କୌଣସି ଅଘଟଣ ନ ଘଟିବ ତାହା କହିହେବ ନାହିଁ । ଆଜି ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ସଦର ଥାନା ପୁରୁଷୋତ୍ତମପୁର ଗ୍ରାମର ସନ୍ତୋଷ କୁମାର ସେଠୀ ଓ ତାଙ୍କର ସମ୍ପର୍କୀୟଙ୍କୁ ଭୁବନ ସିଂହ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଆକବର, ଶୁଭାଶିଷ ପ୍ରମୁଖଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ଠିକାଦାର ଆଜି ଦିନି ୧୧.୩୦ ସମୟରେ ତାଙ୍କ ଘରେ ପହଞ୍ଚି ସନ୍ତୋଷ ସେଠୀଙ୍କୁ ଖୋଜିବା ସହିତ ବିଭିନ୍ନ ଭାଷାରେ ଗାଳିଗୁଲଜ ଓ ମାଡ ମାରି ହତ୍ୟା ଧମକ ଦିଆଯାଇଥିବା ନେଇ ରାଜଶ୍ରୀ ସେଠୀ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୋଗକାରିଣୀ ଏତଲାରେ ଦର୍ଶାଇଛନ୍ତି ଯେ ସନ୍ତୋଷ ଘରେ ଉପସ୍ଥିତ ନଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଠିକାଦାର ତାଙ୍କ ଘର ନିକଟରେ ପହଞ୍ଚି ସନ୍ତୋଷଙ୍କୁ ବିଭିନ୍ନ ପ୍ରକାରର ଧମକ ଚମକ ଦେଇଥିଲେ । ଏପରିକି ମାରଣାସ୍ତ୍ର ଧରି ଆକ୍ରମଣ କରିବାର ଧମକ ଦେଇଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି । ରାଜଶ୍ରୀଙ୍କୁ ମଧ୍ୟ ବିଭିନ୍ନ ଜାତିଆଣ ନେଇ ଗାଳିଗୁଲଜ କରିଥିଲେ । ମହିଳା ଜଣଙ୍କ ଭୟଭୀତ ହୋଇ

ଲେସ୍‌ରେ ଟେଣ୍ଡର ପକାଇବା ଘଟଣା

୧୧୨କୁ ଫୋନ୍ କରିବାରୁ ୧୧୨ ଗାଡି ଘଟଣାସ୍ଥଳରେ ପହଞ୍ଚିବାରୁ ଆସାମୀମାନେ ଘଟଣାସ୍ଥଳ ଛାଡି ପଳାଇବା ସହିତ ରାଜଶ୍ରୀଙ୍କ ମାମୁ ଶ୍ୱଶୁର ସନ୍ତୋଷ ସେଠୀଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଶେଷ କରିଦେବୁ ବୋଲି ଧମକ ଦେଇଥିଲେ । ଏଥିସହିତ ସନ୍ଧ୍ୟା ୭ଟାରେ ସନ୍ତୋଷ ସେଠୀ ଘରକୁ ଫେରୁଥିବାବେଳେ ପୌରାଞ୍ଚଳ ଫକିରାବାଦ ନିକଟରେ କିଛି ଠିକାଦାର ତାଙ୍କୁ ଅଟକାଇ ଭୁଜାଲି ଲଗାଇ ଧମକ ଦେବା ସହିତ ପିସ୍ କରି କାଟି ବସ୍ତାରେ ଘରକୁ ପାର୍ସଲ କରିଦେବୁ ବୋଲି ଧମକ ମଧ୍ୟ ଦେଇଛନ୍ତି । ସନ୍ତୋଷ ହେଉଛନ୍ତି ଜଣେ ଠିକାଦାର । ଜିଲା ଠିକାଦାର ମହାସଂଘର ନିଷ୍ପତ୍ତି ଅନୁଯାୟୀ କୌଣସି ଠିକାଦାର ଲେସରେ କାମ ପକାଇଲେ ସଂପୃକ୍ତ ଠିକାଦାରଙ୍କ ଘର ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଠିକାଦାର ସଂଘ ପକ୍ଷରୁ ସଂଘ ବୈଠକରେ ନିଷ୍ପତ୍ତି ନେଇଥିଲେ । କିନ୍ତୁ ସନ୍ତୋଷ ଲେସରେ କାମ ପକାଇଥିବାରୁ ତାଙ୍କ ଘର ଆଗରେ ୨୦ରୁ ଊର୍ଦ୍ଧ୍ୱ ଠିକାଦାର ଧାରଣା ଦେଇଥିଲେ । ଅଭିଯୋଗ ହୋଇଥିବା ଠିକାଦାର ମାନେ ଏହାକୁ ଭିତ୍ତିହୀନ ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କ ସହିତ ଯୋଗାଯୋଗ କରିବାରୁ ସଂପୃକ୍ତ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି । ପ୍ରକାଶ, ଗତ କିଛି ଦିନ ତଳେ ଏହି ଠିକାଦାରୀ କାମକୁ ନେଇ କେନ୍ଦ୍ରାପଡା ଅଞ୍ଚଳର ଜଣେ ବରିଷ୍ଠ ଠିକାଦାର ଖୋର୍ଦ୍ଧା ଚିଲିକା ଅଞ୍ଚଳର ଜଣେ ଠିକାଦାରଙ୍କୁ ଲେସ୍‌ରେ ଟେଣ୍ଡର ପକାଇଥିବା ନେଇ ଫୋନ୍‌ରେ ଧମକ ଦେବା ସହିତ ମାରପିଟ୍ କରିବା ନେଇ ଏକ ଭିଡିଓ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଠିକାଦାର କାର୍ଯ୍ୟକୁ ନେଇ ଜିଲ୍ଲାର ବିଭିନ୍ନ ଠିକାଦାର ଗୋଷ୍ଠୀଙ୍କ ମଧ୍ୟରେ କେତେବେଳେ ଯେ ଅଘଟଣ ନ ଘଟିବ ତାହା କହି ହେବ ନାହିଁ ।

୧୭ ଲିଟର ମହୁଲି ଜବତ, ଜଣେ ଗିରଫ

ଯାଜପୁର,୨୨।୫/ଏନ୍ଏନ୍ଏସ୍: ଯାଜପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ସସ୍ମିତା ହୋତାଙ୍କ ନେତୃତ୍ୱରେ ଯାଜପୁର ସଦର ଅବକାରୀ ଥାନା ଓଆଇସି ଖଗେଶ୍ୱର କଟାଙ୍କ ଟିମ୍ ସହଯୋଗରେ ଅବକାରୀ ବିଭାଗର ପାଟ୍ରୋଲିଂ ହେଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଯାଜପୁର ସଦର ଅଞ୍ଚଳର ଜଇପୁର ଗ୍ରାମରୁ ଜଣେ ମଦ ବେପାରୀକୁ ୧୭ ଲିଟର ଦେଶୀ ମହୁଲି ମଦ ସହ ୭୫ କେଜି ପୋଚ ମଦ ଜବତ କରିବା ସଙ୍ଗେ ସଙ୍ଗେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଅବକାରୀ ଟିମ୍ । ଏବଂ ସଙ୍ଗେ ସଙ୍ଗେ ଜବତ ହୋଇଥିବା ୭୫ କେଜି ପୋଚ୍ ମଦକୁ ଅବକାରୀ ଟିମ୍ ପୋଡ଼ି ନଷ୍ଟ କରିଦେଇଛି । ଅଭିଯୁକ୍ତ ହେଲେ ସ୍ୱର୍ଗତ ବୈଷ୍ଣବ ସାହୁଙ୍କ ପୁଅ ଶରତ ସାହୁ । ଏହି ଚଢ଼ାଉରେ ଅଭିଯୁକ୍ତକୁ ଗିରଫ କରି ଏକ ମାମଲା ୨୯-୨୬/୨୭ ଦଫାରେ ପଞ୍ଜିକରଣ କରି କୋର୍ଟଚାଲାଣ କରାଯାଇ ହାଜତକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗର ଓଆଇସି ଖଗେଶ୍ୱର କଟା ,ଏଏସ୍ଆଇ ସରୋଜ କୁମାର ବେହେରା, କନ୍‌ଷ୍ଟେବଳ ସୌମ୍ୟ ରଞ୍ଜନ ସାହୁ, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ ।

ବାଘବୁଦା ଗାଁ ସମିତି ଘର ଉଚ୍ଛେଦ ମାସେ ସ୍ଥଗିତ

ରାଜକନିକା,୨୨।୫/ଏନ୍ଏନ୍ଏସ୍: ଗାଁ ର ସଂହତି ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ । ଉଚ୍ଛେଦ ପାଇଁ ପ୍ରଶାସନର ସବୁ ପ୍ରସ୍ତୁତି ସରିଥିଲେ ବି ଗାଁ ଲୋକଙ୍କ ମେଳି ଆଗରେ ଫିକା ସାବ୍ୟସ୍ତ ହୋଇଥିଲା ସବୁ ଆଦବକାଇଦା । ଶାନ୍ତିପୂର୍ଣ୍ଣ ଭାବରେ ଆଜି ସକାଳ ୮ ଟାରୁ ନୁଆସାହି ଗାଁର ସବୁ ପରିବାରର ମହିଳା, ପୁରୁଷ ପିଲାଛୁଆ ଧରି ପ୍ରଶାସନର ଉଚ୍ଛେଦ ହେବାକୁ ନୋଟିସ ମିଳିଥିବା ସମିତି ଘର ସମ୍ମୁଖରେ ପାଲ ପକାଇ ବସି ରହି ଗାଁ ର ଏହି ସଂସ୍କୃତିକ କେନ୍ଦ୍ରକୁ ଉଚ୍ଛେଦ ନ କରିବା ଦାବିରେ ନାରାବାଜି କରିଥିଲେ । ଦୀର୍ଘ ୩ ଘଣ୍ଟା ଧରି ଶତାଧିକ ଗ୍ରାମବାସୀ ନାରାବାଜି କରି ଘଟଣାସ୍ଥଳରେ ବସି ରହିଥିବା ବେଳେ ପୂର୍ବାହ୍ନ ୧୧ଟା ବେଳେ କନିକା ତହସିଲଦାର ପହଞ୍ଚି ଏହି ଘର ଯେହେତୁ ଏହା ସରକାରୀ ଜାଗାରେ ଅଛି, ନୋଟିସ ମୁତାବକ ଉଚ୍ଛେଦ ହେବା ପାଇଁ ଆଲୋଚନା କରିବାରୁ ତହସିଲଦାରଙ୍କୁ ପ୍ରବଳ ବିରୋଧ ହୋଇଥିଲା । କନିକା ତହସିଲର ସବୁ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହୋଇ ନ ଥିବା ବେଳେ କଣ ପାଇଁ ଗାଁ ର ଏକ ସମିତି ଘର ଯେଉଁଠି, ଭାଗବତ ଟୁଙ୍ଗି ହେବା, କୀର୍ତ୍ତନ ଦୋଳଉତ୍ସବ ଆଦି ପାଳନ ହୋଇ ଆସୁଛି, ତାକୁ ଉଚ୍ଛେଦ କରାଯିବ ବୋଲି ପ୍ରଶ୍ନ ଆଣିଥିଲେ । ପୁନଶ୍ଚ ଗାଁ ଲୋକଙ୍କ ସହ ଆଲୋଚନା ନ କରି ସାମୂହିକ କାର୍ଯ୍ୟ ହେଉଥିବା ଏହି ସମିତି ଘରକୁ ଉଚ୍ଛେଦ ପାଇଁ ପ୍ରଶାସନ ବେଶୀ ଆଗ୍ରହ ଦେଖାଉଥିବାରୁ ଘଟଣାସ୍ଥଳରେ ତହସିଲଦାର ବହୁ ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ । ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଥିବା ବେଳେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡଃ ଦେବସ୍ମିତା ଶର୍ମା ପହଞ୍ଚି ଯେହେତୁ ଏହା ଏକ ସମ୍ବେଦନଶୀଳ ଘଟଣା ଆଉ ମାସେ ସମୟ ଦାବି କରିଥିଲେ । ସମିତିଘର ଉଚ୍ଛେଦ କରିବାକୁ ଯାଇଥିବା ପ୍ରଶାସନ ଶେଷରେ ନିଜ ଆଡୁ ଓହରି ଆସିବା ଦ୍ୱାରା ଗାଁ ରେ ଖୁସି ଖେଳାଇଦେଇଛି । ଅନ୍ୟପକ୍ଷରେ ଏହି ମାମଲାରେ ସମିତିଘରର ସୁରକ୍ଷା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର ହୋଇଥିବାରୁ ଏହି ମାମଲା ଏବେ ରୋଚକ ମୋଡ଼ରେ ପହଞ୍ଚିଛି ।

ମେସିନ୍ ଉପରେ ଟଳିପଡ଼ିଲେ ଅପରେଟର୍

ପରଜଙ୍ଗ,୨୨।୫/ଏନ୍ଏନ୍ଏସ୍: ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସରାଙ୍ଗ ଗ୍ରାମରେ ଘଟିଛି ଅଭାବନୀୟ ଘଟଣାଙ୍ଗ ଏକ୍ସାଭେଟର ମେସିନ ଉପରେ ଉପରେ ଟଳି ପଡ଼ିଲେ ମେସିନ ଅପରେଟର । ମୃତ ଅପରେଟର ଜଣଙ୍କ ପରଜଙ୍ଗ ଥାନା ମାଣିକମରା ଗ୍ରାମର ଗଙ୍ଗାଧର ପାତ୍ରଙ୍କ ପୁତ୍ର ଗଗନ ପାତ୍ର (୪୨) । ସୂଚନା ମୁତାବକ, ଗଗନ ଦୀର୍ଘ ବର୍ଷ ଧରି ଓଏମ୍‌ସି କମ୍ପାନୀରେ ମେସିନ୍ ଅପରେଟର ଭାବେ କାର୍ଯ୍ୟ କରି ଆସୁଥିଲେ । ଗତ ଗୁରୁବାର ରାତିରେ ଖାଇପିଇ ଶୋଇଥିଲେ । ଅଧିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେବାରୁ ଘରୁ ବାହାରି ଆସି ଏକ୍ସାଭେଟର ମେସିନ ଉପରେ ଶୋଇଥିଲେ ।ତେବେ ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କର ଅଂଶୁଘାତ କାରଣରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ତେବେ ସେ ଯେଉଁ ଓଏମ୍‌ସି କମ୍ପାନୀରେ କାର୍ଯ୍ୟରତ ଥିଲେ କମ୍ପାନୀ ତାଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ସାହାଯ୍ୟ କରିବା ପରେ ଘଟଣାସ୍ଥଳରୁ ପରଜଙ୍ଗ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପାଇଁ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି । ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

୫ ମୁଖ୍ୟ ଅଭିଯୁକ୍ତ ଗିରଫ

ଧର୍ମଶାଳା,୨୨।୫/ଏନ୍ଏନ୍ଏସ୍: ଧର୍ମଶାଳା ଥାନା ବାରବାଟି ପଞ୍ଚାୟତ ବେତଣ୍ଡା ଗ୍ରାମରେ ଗତ ଏପ୍ରିଲ ୧୬ ତାରିଖରେ ସଙ୍ଗଠିତ ଶ୍ରୀକାନ୍ତ ମଲିକ ହତ୍ୟାକାଣ୍ଡରେ ଲିପ୍ତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲଣ କରିଛି । ପ୍ରକାଶ, ଗତ ଏପ୍ରିଲ ୧୬ ତାରିଖରେ ବେତଣ୍ଡା ଗ୍ରାମର ଶ୍ରୀକାନ୍ତ ମଲିକ ବାରବାଟି ବଜାରକୁ ଯାଇ ରାତି ସାଢେ ୯ଟାରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଫର୍ସା, ଭୁଜାଲି, ସାବଳ ଓ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଫଳରେ ଘଟଣାସ୍ଥଳରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିଲା । ଏନେଇ ଶ୍ରୀକାନ୍ତଙ୍କ ପତ୍ନୀ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଉକ୍ତ ଗ୍ରାମର ୭ଜଣ ମହିଳା ସମେତ ୯ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ହେଲେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇ ସୁରତକୁ ପଳାଇଥିଲେ । ଧର୍ମଶାଳା ପୁଲିସ ପାଖରେ ଅପହଞ୍ଚ ଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ ଯୋଜନା ଚଳାଇଥିଲା । ତେବେ ମୁଖ୍ୟ ଅଭିଯୁକ୍ତମାନେ ସୁଦୁର ସୁରତରେ ରହୁଥିବା ଠାବ କରି ପୁଲିସର ଏକ ଟିମ

ଶ୍ରୀକାନ୍ତ ହତ୍ୟାକାଣ୍ଡ ଘଟଣା

ସେଠାରେ ଚଢାଉ କରି ୫ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଧର୍ମଶାଳା ଥାନାକୁ ଆଣିଥିଲା । ଗିରଫ ଅଭିଯୁକ୍ତମାନେ ଏହି ଥାନା ବେତଣ୍ଡା ଗ୍ରାମର ବିପିନ ମଲିକ(୩୧),ତପିନ ମଲିକ(୨୭),ସଞ୍ଜୟ ମଲିକ(୩୦), ରାଜୁ ମଲିକ(୩୪) ଓ ମାନଗୋବିନ୍ଦ ମଲିକ(୩୩) ବୋଲି ଜଣାପଡିଛି । ଆଜି ପୂର୍ବାହ୍ନରେ ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଏସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

ଶୃଙ୍ଖଳିତ ରଥଯାତ୍ରା ...

ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡ଼ପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, ଭିଡ଼ ନିୟନ୍ତ୍ରଣ, ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ବାରିକେଡ଼ିଂ ବ୍ୟବସ୍ଥା, ସେବାୟତ, ନିଯୋଗ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ବାବଦରେ ସଚେତନତା ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା ।

ଏହି ଅବସରରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯେପରି ରଥକାଠ ଆୟୋଜନ, ରଥ ଦଉଡ଼ି, ରଥ କପଡ଼ା ସହ ନୀତିକାନ୍ତି ପାଇଁ ଆବଶ୍ୟକ ଝୁଣା, ଚନ୍ଦନକାଠ ଆଦି ସାମଗ୍ରୀ ଇତ୍ୟାଦିର ମହଜୁଦ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ଆଇନ ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଦଇତାପତି ନିଯୋଗର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

୨ ନାବାଳିକାଙ୍କ ...

ବାଟ ଘୋଷାଡ଼ି ନେଇ ଗଛରେ ପିଟିଥିଲା । ତେବେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣ ଶିଶୁ ସମେତ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହେବା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଗୁରୁତର ଅନ୍ୟ ୬ଜଣଙ୍କର ଚିକିତ୍ସା ଜାରି ରହିଛି । ପୁଲିସ ମୃତଦେହଗୁଡ଼ିକ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ଅଟୋ ଜବତ କରିଛି । ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଥିବା ବେଳେ ହେଲ୍ପର ଗାଡି ନେଇ ଥାନାରେ ହାଜର ହୋଇଥିବା ପୁଲିସ୍ କହିଛି । ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି । ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ୪ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି । ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାପାଳ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ରେଡ଼କ୍ରସ ଫଣ୍ଡରୁ ୩୦ ହଜାର ଲେଖାଏ ପ୍ରଦାନ କରାଯାଇଛି । ଆହାତଙ୍କ ଚିକିତ୍ସା ବଡ଼ ମେଡିକାଲରେ ମାଗଣାରେ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ମୃତକଙ୍କ ପରିବାରଙ୍କୁ ଛତ୍ରପୁର ଉପଜିଲ୍ଲାପାଳ ସୁଭାଶିଷ ବରାଳ ଓ ପୁରୁଷୋତ୍ତମପୁର ଏସଡ଼ିପିଓ ସୁଜିତ ନାୟକ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଆଇଆଇସି କୃଳମଣି ସେଠୀ, ଦୁଇ ଅତିରିକ୍ତ ତହସିଲଦାର ଏବଂ ଆରଆଇ ପ୍ରମୁଖ ଭେଟିଥିବା ଜଣାପଡିଛି । ଅନ୍ୟପକ୍ଷରେ ବ୍ରହ୍ମପୁର ବଡ ମେଡିକାଲରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁତର ଆହତଙ୍କୁ ଭେଟିଛନ୍ତି । ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ ।

ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ଗତ ୨୦ ତାରିଖରେ ସିଏଚ୍ଏସଇ ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱର, ତମାଣ୍ଡୋ ଭ୍ରମରବର ଉଚ୍ଚ ବିଦ୍ୟାଳୟ ନିକଟସ୍ଥ 'ଅଜୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ' ଦ୍ୱାଦଶ ଶ୍ରେଣୀର (ବିଜ୍ଞାନ ବିଭାଗ) ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରି ଅନୁଷ୍ଠାନ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ୧୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଶତକଡା ୯୦ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୫ ଜଣ ଛାତ୍ରଛାତ୍ରୀ ଶତକଡ଼ା ୮୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ମହାବିଦ୍ୟାଳୟର ଚେୟାରମ୍ୟାନ୍ ବ୍ରହ୍ମାନନ୍ଦ ମଙ୍ଗରାଜଙ୍କର ପ୍ରୟାସ ଚିରସ୍ମରଣୀୟ। ନିର୍ଦ୍ଦେଶିକା ଇତିଶ୍ମିତା ସ୍ୱାଇଁ, ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଣ୍ଡା, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ମହାବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଛାତ୍ରଛାତ୍ରୀ ମାନଙ୍କର ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

କିଟ୍ ସହ ୟୁଏନ୍ଏସ୍ଏସ୍‌ସି ଓ ୟୁଏନ୍‌ଭିର ଏମ୍ଓୟୁ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ କିଟ୍ ୟୁନାଇଟେଡ୍ ଭଲ୍ୟୁଣ୍ଟିୟର୍ସ (ୟୁଏନ୍‌ଭି) ଓ ୟୁନାଇଟେଡ୍ ନେସନ୍ସ ସିଷ୍ଟମ୍ ଷ୍ଟାଫ୍ କଲେଜ (ୟୁଏନ୍ଏସ୍ଏସ୍‌ସି) ମଧ୍ୟରେ ଦୁଇଟି ପୃଥକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍‌ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଏହି ଅବସରରେ ୟୁଏନ୍‌ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସମ୍ପର୍କରେ ଶ୍ରୀ ସାମନ୍ତ ଫଳପ୍ରଦ ଆଲୋଚନା କରିଥିଲେ। ଏହା ଦ୍ୱାରା କିଟ୍‌ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ। ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହିତ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ। ଏହା ସହିତ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର୍ ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍ଏସ୍ଏସ୍‌ସି ସହିତ କିଟ୍‌ର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜ ସେବା ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ। ଏଥିରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ ଯେ ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ; ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା। କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ୟୁଏନ୍‌ଭି ଓ ୟୁଏନ୍ଏସ୍ଏସ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ବୁଝାମଣାପତ୍ର କିଟ୍ ତଥା କିସ୍ ଛାତ୍ରଛାତ୍ରୀ ଏବଂ ଭାରତର ଯୁବଗୋଷ୍ଠୀଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମରୁ ଶିଖିବା ଓ ସମାଜ ସେବା ପାଇଁ ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଉଭୟ କାର୍ଯ୍ୟକ୍ରମରେ ୟୁଏନ୍ଏସ୍ଏସ୍‌ସିର ଡେପୁଟି ଡାଇରେକ୍ଟର ସିଲ୍‌କେ ୱେନ୍‌ଲିଚ୍ ଓ ୟୁଏନ୍‌ଭି ପକ୍ଷରୁ ଡେପୁଟି ଏକ୍‌ଜିକ୍ୟୁଟି କୋଅର୍ଡିଟେର୍ ଲାଉସ୍ ଚାମ୍ବରଲେନ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ବସ୍ତିରେ ନିଃଶୁଳ୍କ ପଟ୍ଟଚିତ୍ର ତାଲିମ୍

୩୦ ଯୁବକଯୁବତୀଙ୍କୁ ମିଳିଲା ପ୍ରମାଣପତ୍ର

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ବିଶ୍ୱସ୍ତରୀୟ ସାମାଜିକ ସଂସ୍ଥା ହ୍ୟୁମାନ୍ ପୋଟେନ୍ସିଆଲ୍ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରର ସାଲିଆସାହି ଓ ତପୋବନ ବସ୍ତିର ୩୦ଜଣ ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରାଇବାର ଉଦ୍ଦେଶ୍ୟ ନେଇ ଏକ ପଟ୍ଟଚିତ୍ର ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ତାଲିମ୍ ପାଇଁ ଲାଇଟ୍‌ହାଉସ୍ କମ୍ୟୁନିଟି ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଗତ ଜାନୁଆରୀ ମାସରେ ଆରମ୍ଭ ହୋଇଥିବା ଏହି ତାଲିମ୍ କାର୍ଯ୍ୟକ୍ରମର ସମାପନ ଉତ୍ସବ ତଥା ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ଗତ ମେ ୨୧ ତାରିଖ ଦିନ ସାଲିଆସାହିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହ୍ୟ ଗ୍ରାମ ରଘୁରାଜପୁରରୁ ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଭାସ୍କର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ

ସାର୍ଟିଫିକେଟ ବିତରଣ କରିଥିଲେ। ତାଲିମପ୍ରାପ୍ତ ଯୁବକଯୁବତୀଙ୍କ ଦ୍ୱାରା ଅଙ୍କିତ ପଟ୍ଟଚିତ୍ରଗୁଡିକୁ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନେ କିପରି ଆଗକୁ ବଢ଼ି ଏହାକୁ ରୋଜଗାରର ମାଧ୍ୟମ କରିପାରିବେ, ସେ ବିଷୟରେ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରାଜକୁମାର ସୁତାର, ଟ୍ରଷ୍ଟି ସଂଗ୍ରାମ କେଶରୀ ପଟ୍ଟନାୟକ, ପୃଷ୍ଠପୋଷକ ପ୍ରଫେସର ଶୁଭେନ୍ଦୁ କୁମାର ଦାଶ, ଯସ୍ମିତା ଦାଶ, ଲାଇଟ୍‌ହାଉସ୍ କମ୍ୟୁନିଟି ଫାଉଣ୍ଡେସନ୍‌ର ଅପରେସନ୍ ମ୍ୟାନେଜର୍ ସଫାକ ଆନସାରୀ, ସହକାରୀ ପ୍ରବନ୍ଧକ ଅଭିଜିତ କୁଣ୍ଡୁ ଓ ମିଶନ ଶକ୍ତିର ବବିତା ସ୍ୱାଇଁ ଉପସ୍ଥିତ ରହି ଏହି ଉଦୀୟମାନ କଳାକାରଙ୍କୁ ତାଲିମ୍‌ର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ଅନୁସୂୟା ପୃଷ୍ଟି ଓ ପ୍ରଶିକ୍ଷକ ବନୋଜ କୁମାର ପଣ୍ଡିତଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଥିଲା। ଟ୍ରଷ୍ଟର ପ୍ରୋଜେକ୍ଟ ମ୍ୟାନେଜର୍ ମିନା ସୁବୁଦ୍ଧି ଓ ପ୍ରୋଗ୍ରାମ୍ ମ୍ୟାନେଜର୍ ସୋନାଲି ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରାଜେଶ୍ୱରୀ ରେଡ୍ଡୀ, ଜିତୁ ସାହୁ ଓ ବିପିନ ରେଡ୍ଡୀ ଏଥିରେ ସହଯୋଗ କରିଥିଲେ।

ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ବାଣ୍ଟିବେ ନିଯୁକ୍ତିପତ୍ର

ଓଡ଼ିଶାର ୧୮୬ ପ୍ରାର୍ଥୀ ପାଇବେ ନିଯୁକ୍ତି

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ଆଜି ଶନିବାର ପୂର୍ବାହ୍ନ ୧୧ଟାରେ ଦେଶର ୪୭ଟି ସ୍ଥାନରେ ୧୯ତମ ରୋଜଗାର ମେଳା ଆୟୋଜିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୫୧,୦୦୦ରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ ଏବଂ ଏହି ଅବସରରେ ସମାବେଶକୁ ସମ୍ବୋଧିତ କରିବେ।

ଦେଶବ୍ୟାପୀ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ ଭୁବନେଶ୍ୱରଠାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳୱେ ଅଡିଟୋରିୟମରେ ରୋଜଗାର ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ ଓଡ଼ିଶାର ୧୮୬ ଜଣ ପ୍ରାର୍ଥୀ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତି ପତ୍ର ଗ୍ରହଣ କରିବେ। ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସାମିଲ ରହିଛି। ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ରୋଜଗାର ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଯୁବକଯୁବତୀମାନଙ୍କୁ ସାର୍ଥକ ସୁଯୋଗ ପ୍ରଦାନ କରିବା। ଏହାର ଆରମ୍ଭଠାରୁ ଦେଶରେ ଆୟୋଜିତ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତି ପତ୍ର ବଣ୍ଟନ କରାଯାଇସାରିଛି, ଯାହା ରୋଜଗାର ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

କବିତା ସଙ୍କଳନ 'ଇତି ! କିନ୍ତୁ ଶେଷ ନୁହେଁ' ଲୋକାର୍ପିତ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ବୁଦ୍ଧମନ୍ଦିର ସଭାଗୃହରେ ଶିଳାଶ୍ରୀ ପ୍ରକାଶନୀରୁ ପ୍ରକାଶିତ ବାସନ୍ତୀ ଦାସଙ୍କର ଅଷ୍ଟାଦଶ ପୁସ୍ତକ କବିତା ସଙ୍କଳନ 'ଇତି ! କିନ୍ତୁ ଶେଷ ନୁହେଁ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ଡ଼. ଦେବାଶିଷ ମହାପାତ୍ର, ମୁଖ୍ୟଅତିଥି ବିଜୟ କୁମାର ଦାସ, ମୁଖ୍ୟବକ୍ତା ଡ଼. ବିବେକାନନ୍ଦ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ରତ୍ନାକର ରାଉତ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିବା ସହିତ ନିଜନିଜ ଅଭିବ୍ୟକ୍ତି ରଖିଥିଲେ। ଡ଼.ଦେବାଶିଷ ମହାପାତ୍ର ସଭାପତିତ୍ୱ କରିବାସହ ଅତିଥି ପରିଚୟ, ସଭାପତି ଭାଷଣ ଦେଇଥିଲେ। ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ବାସନ୍ତୀ ଦାସ। ସାହିତ୍ୟ କିପରି ସମାଜକୁ ଦିଗଦର୍ଶନ ଦିଏ ତାହା ଅତିଥିମାନେ ନିଜ ଭାଷଣରେ ପ୍ରକାଶ କରିଥିଲେ। ଯାହା କହିହୁଏନି ତାହା

କବିତାରେ ପ୍ରକାଶ ପାଏ। 'ଇତି ! କିନ୍ତୁ ଶେଷ ନୁହେଁ' ପୁସ୍ତକରେ ସେମିତି କବିତା, ସନେଟ୍ ସବୁ ଅଛି ଯାହା ସମସ୍ତ ପାଠକଙ୍କୁ ବୋଧଗମ୍ୟ ହେବ। ସଭା ଆରମ୍ଭରେ ରଜ ଉପଲକ୍ଷେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମହିଳାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କରିଥିଲେ ମଞ୍ଜୁଳା ତ୍ରିପାଠୀ ଓ ବସୁମତୀ ଶତପଥି। ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ବରଦା ପ୍ରସାଦ ମହାପାତ୍ରଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ମାନପତ୍ର ଓ ଉତ୍ତରୀୟ ଦେଇ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯିବା ସହ ଶ୍ରେଷ୍ଠ ପାଠକ ଯୁଗ୍ମ ସମ୍ମାନ ବିଜୟ କୁମାର ଦାସ ଓ ଶଶୀପ୍ରଭା ଦାସଙ୍କୁ ଦିଆଯାଇଥିଲା। ଶେଷରେ ଶୁଭଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ରେ ଆଧୁନିକୀକରଣ କାର୍ଯ୍ୟ

ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ରେ ଅତ୍ୟାବଶ୍ୟକ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ କେତେକ ପାସେଞ୍ଜର ଟ୍ରେନର ଚଳାଚଳରେ ସାମୟିକ ପରିବର୍ତ୍ତନ କରାଯାଇଥିବା ନେଇ ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଛି। ରେଳ ସୁରକ୍ଷା ମାନଦଣ୍ଡରେ ବ୍ୟାପକ ଉନ୍ନତି ଆଣିବା, ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ଏବଂ ସମଗ୍ର ରେଳ ନେଟୱର୍କର ଦୀର୍ଘକାଳୀନ ବିଶ୍ୱସନୀୟତା ସୁନିଶ୍ଚିତ କରିବା

ଯାତ୍ରୀଙ୍କ ପାଇଁ ଗାଇଡ୍‌ଲାଇନ ଜାରି

ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏହି ପରିବର୍ତ୍ତନ ଅନୁସାରେ ଟ୍ରେନଗୁଡ଼ିକର ଆଂଶିକ ବାତିଲ ବା ସଂକ୍ଷିପ୍ତ-ଉତ୍ପତ୍ତି କରାଯାଇଛି, ଯେଉଁଥିରେ ଟ୍ରେନ ନମ୍ବର ୬୪୧୧/୬୪୧୨ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଆସନ୍ତା ୨୩ ଏବଂ ୨୪ ମେ ୨୦୨୬ ତାରିଖ ଦିନ ଖଲ୍ଲିକୋଟ ରେଳ ଷ୍ଟେସନ ପର୍ଯ୍ୟନ୍ତ ଚାଲିବ ଏବଂ ସେହି ଷ୍ଟେସନରୁ ହିଁ ନିଜର ଓଲଟା ଯାତ୍ରା ଆରମ୍ଭ କରିବ। ଏହା ବ୍ୟତୀତ ଆସନ୍ତା ୨୩ ଏବଂ ୨୪ ମେ ୨୦୨୬ ରିଖ ଦିନ କେତେକ ପ୍ରମୁଖ ଟ୍ରେନ ସେବାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି, ଯେଉଁଥିରେ ଟ୍ରେନ ନମ୍ବର ୬୪୩୮/୬୪୩୭ କଟକ-ଭଦ୍ରକ-କଟକ ମେମୁ, ଟ୍ରେନ ନମ୍ବର ୫୪୦୬/୫୪୦୫ ପାରାଦୀପ-କଟକ-ପାରାଦୀପ ପାସେଞ୍ଜର ଏବଂ ଟ୍ରେନ ନମ୍ବର ୬୪୩୫/୬୪୩୬ କଟକ-ପାରାଦୀପ-କଟକ ମେମୁ ସାମିଲ ରହିଛି। ସୁରକ୍ଷା-ସମ୍ବନ୍ଧୀୟ ଏହି ଜରୁରୀ ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବା ସମୟରେ ଯାତ୍ରୀମାନଙ୍କୁ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା ପ୍ରସ୍ତୁତ କରିବାକୁ ଏବଂ ରେଳ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଟ୍ରେନ ଚଳାଚଳର ସଦ୍ୟତମ ସୂଚନା ତଥା କୌଣସି ପ୍ରକାର ଅସୁବିଧାରୁ ବର୍ତ୍ତିବା ପାଇଁ ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ମୋବାଇଲ ଆପ୍ କିମ୍ବା ଅଫିସିଆଲ୍ ରେଲବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ୟୁଜି, ପିଜି, ବି.ଇଡି ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକ ତଥା +୩ ଶେଷ ବର୍ଷ ପରୀକ୍ଷା ଫଳ ସହ ପିଜି ଏବଂ ବି.ଇଡି ରେଜଲ୍ଟ ମଧ୍ୟ ପ୍ରକାଶ ପାଇଛି। ୟୁଜିରେ ଚଳିତବର୍ଷ କଳା, ବିଜ୍ଞାନ ଏବଂ ବାଣିଜ୍ୟରେ ମୋଟ ୬୮୦୫ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୦୨୧ଜଣ ପାସ୍ କରିଛନ୍ତି। ପାସ୍ ହାର ୮୮.୫% ରହିଛି। ତେବେ କଳାରେ ୫୩୩୫ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୧୧୨୮ଜଣ ଏବଂ ବାଣିଜ୍ୟରେ ୩୪୨ ଛାତ୍ରୀ ପରୀକ୍ଷା ଦେଇଥିଲେ। ପାସ କରିଥିବା ଛାତ୍ରୀଙ୍କ ମଧ୍ୟରୁ ୩ଟି ଷ୍ଟ୍ରିମ୍‌ରେ ସର୍ବାଧିକ ୯.୬୪ ସିଜିପିଏ ମାର୍କ ରଖି ଛାତ୍ରୀ ଆଧାତ୍ମା ନାୟକ ୟୁଜି ବେଷ୍ଟ ଗ୍ରାଜୁଏଟ୍ ମାନ୍ୟତା ହାସଲ କରିଛନ୍ତି। ସେହିପରି କଳାରେ ସର୍ବାଧିକ ୯.୪୬ ସିଜିପିଏ ରଖି ସ୍ମୃତିପଞ୍ଜା ଜେନା ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ୯.୬୪ ସିଜିପିଏ ରଖିଥିବା ଆଧାତ୍ମା ନାୟକ ଏବଂ ବାଣିଜ୍ୟରେ ସର୍ବାଧିକ ୯.୦୬ ସିଜିପିଏ ରଖିଥିବା ଲକ୍ଷ୍ମୀପ୍ରୀୟା ଦାଶ ଟପ୍ପର ହୋଇଛନ୍ତି।

ସେହିପରି ପିଜିରେ ଏମ୍‌ଏ, ଏମ୍.ଏସ୍‌ସି, ଏମ୍ କମ୍ ଏବଂ ଏମ୍‌ବିଏରେ ମୋଟ ୭୦୬ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୯୪ଜଣ ପାସ୍ କରିଛନ୍ତି। ପାସହାର ୯୧.୯ % ରହିଛି। ତେବେ ଏମଏ (କଳା)ରେ ୪୫୩ଜଣ ପରୀକ୍ଷା ଦେଇଥିବା ବେଳେ ଏମ୍ ଏସ୍‌ସି (ବିଜ୍ଞାନ)ରେ ୧୬୨ଜଣ, ଏମ୍ କମ୍ (ବାଣିଜ୍ୟ)ରେ ୪୫ଜଣ ଏବଂ ଏମ୍‌ବିଏରେ ୪୬ ଜଣ ପରୀକ୍ଷା ଦେଇଥିଲେ। ବି.ଇଡି ପରୀକ୍ଷାରେ ମୋଟ୍ ୫୦ ଜଣଙ୍କ ମଧ୍ୟରୁ କଳାରେ ୨୫ ଏବଂ ବିଜ୍ଞାନରେ ୨୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀ ପାସ କରିଥିବା ବେଳେ ଚଳିତବର୍ଷ ଏଥିରେ ପାସହାର ଶତପ୍ରତିଶତ ରହିଛି। ତେବେ ବିଇଡି (କଳା)ରେ ଶର୍ବାଣୀ ଗାଙ୍ଗୁଲି ସର୍ବାଧିକ ୧୪୮୫ ମାର୍କ ରଖିଥିବା ବେଳେ ବିଜ୍ଞାନରେ ପ୍ରିୟଙ୍କା ପଣ୍ଡା ସର୍ବାଧିକ ୧୫୧୧ ମାର୍କ ରଖିଛନ୍ତି।

ଶାରୀରିକ ଶିକ୍ଷା ଅଧିକାରୀଙ୍କ ରାଜ୍ୟସ୍ତରୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ରାଜ୍ୟର ଶାରୀରିକ ଶିକ୍ଷା ଅଧିକାରୀମାନଙ୍କୁ ନେଇ ଦୁଇ ଦିବସୀୟ ଦିଗଦର୍ଶନ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କର୍କରା ଉଦ୍‌ଘାଟନ କରିବା ସହ ସମସ୍ତ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇଛନ୍ତି। ସେହିପରି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୁଗ୍ମ ନିର୍ଦ୍ଦେଶକ ଫୁଲମଣି ମୁର୍ମୁ ଉପସ୍ଥିତ ଥିଲେ। ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ୬ଟି କ୍ରୀଡ଼ା ଯଥା- ଯୋଗାସନ, ତାଏକ୍ୱୋଣ୍ଡୋ, ସଫ୍ଟବଲ, ଉଷୁ, ସାଇକେଲିଂ ଓ ସ୍କେଟିଂ କ୍ରୀଡାର ପ୍ରଶିକ୍ଷମାନେ ଯୋଗ ଦେଇଥିଲେ ଏବଂ ଶାରୀରିକ ଶିକ୍ଷା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଷୁର ଅନ୍ତର୍ଜାତୀୟ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ବେହେରା, ସାଇକେଲିଂ ଆସୋସିଏସନର ସମ୍ପାଦକ ପ୍ରସନ୍ନ ରାଉତ, ସ୍କେଟିଂ ସଂଘର ସହସଂଯୋଜକ ପ୍ରଦ୍ୟୁମ୍ନ କିଶୋର ପ୍ରହରାଜ ଓ କୋଚ୍ ନିମିଶ୍ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମେ ୨୧-୨୨ ରେ ଅନୁଷ୍ଠିତ ହୋଇଥିବା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରୁ ତାଲିମ୍ ନେବା ପରେ ନିଜ ନିଜ ଜିଲ୍ଲାରେ ଏହାର ପ୍ରଚାରପ୍ରସାର କରିବା ନିମନ୍ତେ ନିର୍ଦ୍ଦେଶକ ଶ୍ରୀ କର୍କରା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ପରିଚାଳନା କରିଥିଲେ।

ଏଫ୍ଏଫ୍ଏଫ୍ଏଆଇର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଲଜିଷ୍ଟିକ୍ସ କ୍ଷେତ୍ର ଦେଶ ଗଠନର ମୁଖ୍ୟ ଆଧାର: ରାଜ୍ୟପାଳ

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ପୁରୀଠାରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ୍ ଅଫ୍ ଫ୍ରେଟ୍ ଫରୱାର୍ଡର୍ସ ଆସୋସିଏସନ୍ ଇନ୍ ଇଣ୍ଡିଆର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ। ଦେଶର ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମ୍‌ରେ ଏଫ୍ଏଫ୍ଏଫ୍ଏଆଇର ଅବଦାନ ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟପାଳ କହିଥିଲେ ଯେ ଏହି ସଂଗଠନ ସାରା ଦେଶରେ କଷ୍ଟମ୍ସ ବ୍ରୋକର ଏବଂ ଫ୍ରେଟ୍ ଫରୱାର୍ଡର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ସଂସ୍ଥା ଭାବରେ ଉଭା ହୋଇଛି। ଆଜି ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରୁଥିବା ହଜାର ହଜାର ବୃତ୍ତିଗତ ଏବଂ ଉଦ୍ୟୋଗକୁ ସମର୍ଥନ କରିଆସୁଛି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମାଲବାହୀ ଫରୱାର୍ଡର ଏବଂ କଷ୍ଟମ୍ସ ବ୍ରୋକରଙ୍କ ଭୂମିକା ପ୍ରାୟତଃ ପରଦା ପଛରେ ରହିଥାଏ, ତଥାପି ଏହା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ନଗ୍ରହଣ କରିଥାନ୍ତି। ବାଣିଜ୍ୟର ନୀରବ ସମର୍ଥକ ଭାବେ କଷ୍ଟମ୍ସ ଅନୁପାଳନ, ଲଜିଷ୍ଟିକ୍ସ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଏବଂ ବାଣିଜ୍ୟ ସୁବିଧାରେ ସେମାନଙ୍କର ବିଶେଷଜ୍ଞତା ଅର୍ଥନୀତିର ଚକ୍ରକୁ ସୁଗମ ଭାବରେ ଗତିଶୀଳ ରଖିଥାଏ। ଯେତେବେଳେ ଭାରତ ପାଞ୍ଚ ଟ୍ରିଲିୟନ ଡଲାରର ଅର୍ଥନୀତି ଏବଂ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବାକୁ ଆକାଂକ୍ଷା କରେ, ସେତେବେଳେ ଏଫଏଫଏଫଏଆଇ ଭଳି ସଂଗଠନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ଭୂ-ରାଜନୈତିକ ଉତ୍ତେଜନା, ଯୋଗାଣ ଶୃଙ୍ଖଳ ବାଧା, ବର୍ଦ୍ଧିତ ମାଲ ପରିବହନ ମୂଲ୍ୟ ଏବଂ ଜାହାଜ ଚଳାଚଳ ମାର୍ଗରେ ଅନିଶ୍ଚିତତା ସମେତ ବିଶ୍ୱ ବାଣିଜ୍ୟ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ଉଲ୍ଲେଖ କରି ସ୍ଥିରତା, ନବସୃଜନ ଏବଂ ସମନ୍ୱିତ ପଦକ୍ଷେପ ଦିଗରେ ସରକାର ଏବଂ ଶିଳ୍ପସଂସ୍ଥାଗୁଡିକ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଦକ୍ଷତା ବୃଦ୍ଧି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଲକ୍ଷ୍ୟରେ ଜାତୀୟ ଲଜିଷ୍ଟିକ୍ସ ନୀତି, ପ୍ରଧାନମନ୍ତ୍ରୀ ଗତି ଶକ୍ତି, ଡିଜିଟାଲ୍ କଷ୍ଟମ୍ସ ପ୍ରକ୍ରିୟା ଏବଂ ବିକଳ୍ପ ବାଣିଜ୍ୟ କରିଡର କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ବନ୍ଦର ଯୋଗାଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆର୍ଥିକ ଆତ୍ମସୁରକ୍ଷା' ପରାମର୍ଶକୁ ପାଳନ କରିବାକୁ ରାଜ୍ୟପାଳ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଭବନରେ ପ୍ରଚଳିତ ପ୍ରୋତ୍ସାହନ ଭିତ୍ତିକ ଇଭି ଚାର୍ଜିଂ ବ୍ୟବସ୍ଥାକୁ ଉଦାହରଣ ଭାବେ ଦର୍ଶାଇ ବୈଦ୍ୟୁତିକ ଯାନର ବହୁଳ ବ୍ୟବହାର ସହିତ ଭାରି ବୈଦ୍ୟୁତିକ ଯାନ ବିକଳ୍ପ ଆପଣେଇବାକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଏଫଏଫଏଫଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନର ସଭାପତି ହରିହର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜଧାନୀରେ ନକଲି ଜାତୀୟ ତଦନ୍ତ ସଂସ୍ଥା ଅଫିସର୍

ଭୁବନେଶ୍ୱର,୨୨।୫/ଏନ୍ଏନ୍ଏସ୍: ରାଜଧାନୀ ଭୁବନେଶ୍ୱରରେ ନକଲି ଜାତୀୟ ତଦନ୍ତ ସଂସ୍ଥା ଅଧିକାରୀକୁ ମାଡିବସିଛି ପୁଲିସ। ଥାନାରେ ଦଲାଲି କରିବାକୁ ଆସି ଶେଷରେ ଧରାପଡିଛି ଜଣେ ଠଗ। ଥାନାକୁ ଆସି ମିଛ ମାମଲା ରୁଜୁ କରିବା ପାଇଁ ପୁଲିସ ଉପରେ କ୍ରମାଗତ ଭାବେ ଚାପ ପକାଉଥିଲା। ତେବେ ଶେଷରେ ଖାରବେଳନଗର ଥାନା ପୁଲିସ ହାତରେ ଏହି ଚାଲାକ ଠକ ଧରାପଡ଼ିଛି। ଗିରଫ ଅଭିଯୁକ୍ତର ନାଁ ଆଶିଷ ରେଡ଼ି ଏବଂ ସେ ପଶ୍ଚିମବଙ୍ଗର ବୋଲି ପ୍ରାଥମିକ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ମହିଳାଙ୍କ ଗଣଦୁଷ୍କର୍ମ ଅଭିଯୋଗକୁ ନେଇ ଥାନାରେ ଦଲାଲି

କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଆଶିଷ ଆସିଥିଲା। ନିଜକୁ ଜାତୀୟ ତଦନ୍ତ ସଂସ୍ଥାର ଅଫିସର ପରିଚୟ ଦେଇ ସେ ପୁଲିସକୁ କଡ଼ା ଧମକଚମକ ମଧ୍ୟ ଦେଉଥିଲା। ଚଳଚ୍ଚିତ୍ର ଶୈଳୀରେ ଜାତୀୟ ତଦନ୍ତ ସଂସ୍ଥାର ପ୍ରତୀକ ଚିହ୍ନ ଲାଗିଥିବା ଜ୍ୟାକେଟ୍ ପିନ୍ଧି ବୁଲୁଥିବା ବେଳେ ପୁଲିସର ସନ୍ଦେହ ହୋଇଥିଲା। ଏହାପରେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରାଯିବାରୁ ସମସ୍ତ ଅସଲ ଚିତ୍ର ସାମ୍ନାକୁ ଆସିଥିଲା। ନକଲି ପରିଚୟ ଦେଇ ସେ ସାଧାରଣ ଲୋକଙ୍କୁ ଧମକ ଦେବା ସହ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିବା ନେଇ ପୁଲିସ ସନ୍ଦେହ କରୁଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଏକ ଖଣ୍ଡା ସହ ଅନ୍ୟାନ୍ୟ ଅନେକ ସାମଗ୍ରୀ ଜବତ କରିଛି। ବର୍ତ୍ତମାନ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗତ ୧୦ରୁ ୧୫ ଦିନ ଧରି ସେ ଏହିପରି ନକଲି ଅଫିସର୍ ସାଜି ବୁଲୁଥିବା ବେଳେ, ସେ ଆଉ କେତେ ଲୋକଙ୍କୁ ଠକିଛି ସେନେଇ କମିଶନରେଟ ପୁଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।

ପ୍ରାର୍ଥନା ହେଉଛି ଆତ୍ମାର ଲାଳସା । ଏହାକୁ ପ୍ରତିଦିନ ଆମ ଦୁର୍ବଳତାର ସ୍ୱୀକାରୋକ୍ତି ବୋଲି କୁହାଯାଇପାରେ । - ଗାନ୍ଧୀ ବାଣୀ

ନିତିଦିନ NITIDIN

ବାଜୁଛି ଯୋଡ଼ି ମହୁରୀ

ମନୋରମା ମିଶ୍ର

ଅଜାଘର ଆସି କୁନା କୁନିଙ୍କର
ମନ ଯାଉଅଛି ପୂରି,
ସାନ ମାଉସୀର ବାହାଘର ଆଜି
ବାଜୁଛି ଯୋଡ଼ି ମହୁରୀ ।
ବନ୍ଧୁ ବାନ୍ଧବରେ ପୂରିଅଛି ଘର
ଆହୁରି ଆସନ୍ତି ଯେତେ,
ଘର ବାହାର ଓ ବେଦି ଚାରିପଟ
ସଜା ହୋଇଅଛି କେତେ ।
ଆଈଙ୍କୁ ଟିକିଏ ଫୁରୁସତ ନାହିଁ
ବୁଝନ୍ତି ସଭିଙ୍କ କଥା,
ବର ଆସିବାର ବେଳ ହୋଇଲାଣି
ଅଜାଙ୍କ ମୁଣ୍ଡରେ ଚିନ୍ତା ।
ନୂତନ ପୋଷାକ ପିନ୍ଧି କୁନା କୁନି
ବେଦି ପାଶେ ଡେଉଁଛନ୍ତି
ଖାଇବାକୁ ମାଆ ଡାକୁଛନ୍ତି ଯେତେ
ରହ ରହ କହୁଛନ୍ତି ।
ମାମୁଙ୍କର ଝିଅ ବେବିନା ଦିଶୁଛି
କୁନିପରୀଟିଏ ପରି
ଜରିଲଗା ଲମ୍ବା ଫ୍ରକ୍ ପିନ୍ଧିଛି
ମାନୁଛି ତାହାକୁ ଭାରି ।
ଏତିକି ବେଳରେ ବର ଆସିଗଲା
ବରଯାତ୍ରୀ ସାଥେ ଧରି
କୁନାକୁନି ଆଉ ସଭିଏଁ ଦେଖିଲେ
ବରଟି ସୁନ୍ଦର ଭାରି ।

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୮୬୩୭୨୧୩୦୨୦

ବୋଉ ମୋ ବୋଉ

ଦିଲ୍ଲୀପ କୁମାର ସାହୁ

ଜହ୍ନମାମୁଁକୁ ତୁ ହାତ ଠାରି ଡାକୁ
ମୋ ସାଥେ ଖେଳିବା ପାଇଁ
ଶୋଇ ଦେଉ ମୋତେ ନରମ ଶେଯରେ
ମନ ଛୁଆଁ ଗୀତ ଗାଇ
ବୋଉ ମୋ ବୋଉ
ଏତେ ଆପଣାର ଏତେ ମୋ ନିଜର
ତୋ ପରି କିଏ ସେ କାହିଁ ?
ଆଉଁସି ଦେଲେ ତୁ ଅପସରି ଯାଏ
ଜୀବନର ସବୁ ଦୁଃଖ
କୋଳରେ ତୋହର ମୁଣ୍ଡ ଗୁଞ୍ଜିଦେଲେ
ମିଳଇ ସରଗ ସୁଖ
କେତେ ଯେ ଯାତନା ସହିଛୁ ମୋ ପାଇଁ
ହିସାବ ରଖିନି କେହି
ବୋଉ ମୋ ବୋଉ
ସ୍ନେହ ମମତାର ପାରାବାର ତୁଯେ
ମୋ ପାଇଁ ଶରଧା ନଈ
ତୋ ପରି କିଏ ସେ କାହିଁ ?
କହିବାକୁ ମୋତେ ଶିଖାଇଛୁ କଥା
ଶିଖାଇଛୁ କେତେ 'ବୋଲି'
ତୋ ଲାଗି ଆଜି ମୁଁ ଦୁରୁଗମ ପଥେ
ସଳଖି ପାରୁଛି ଚାଲି
ମୋ ବୁକୁର କୋହ ମୋ ଆଖିର ଲୁହ
ତୁ ଜମା ପାରୁନା ସହି
ବୋଉ ମୋ ବୋଉ
ଆଶିଷରେ ତୋର ଅମାରାତି ମୋର
ନିମିଷକେ ଯାଏ ପାହି
ତୋପରି କିଏ ସେ କାହିଁ ?

ଶଙ୍କରପୁର, ତାରବାଟିଆ
ମୋ: ୭୦୭୭୨୦୬୯୭୭

ଆମ ଗର୍ବ, ଆମ ଗୌରବ

ଲକ୍ଷ୍ମୀପ୍ରିୟା ଦାଶ
ଜନ୍ମତାରିଖ: ୨୧ ଜୁନ୍ ୧୯୬୬
ଜନ୍ମସ୍ଥାନ: ଘୋରଡ଼ିଆ, ଡେଲାଙ୍ଗ, ଜି-ପୁରୀ
ବର୍ତ୍ତମାନ ଠିକଣା: ଗଡ଼ ମୋଟରୀ,
ପୋ: ଡେଲାଙ୍ଗ, ଜି-ପୁରୀ
ମୋ: ୮୩୨୭୭୩୩୮୧୩

ରାଜ୍ୟର ଜଣେ ଜଣାଶୁଣା ଶିଶୁସାହିତ୍ୟିକ । ପିଲାଙ୍କ କବିତା, ମୁନିର ଗପପେଡ଼ି, ପରିବେଶ ଗୀତ, କୁନାକୁନିଙ୍କ କୁନି ଗୀତ ସମେତ ୧୨ ଖଣ୍ଡ ପୁସ୍ତକ ରଚନା କରିଛନ୍ତି । ଏକ ଶିଶୁ କିଶୋର ପତ୍ରିକାର ମଧ୍ୟ ସଂପାଦନା କରୁଛନ୍ତି । ଶିଶୁସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ନାନାବାୟା ସାରସ୍ୱତ ସମ୍ମାନ, ଶ୍ରୀକ୍ଷେତ୍ର ଶିଶୁସାହିତ୍ୟ ସମ୍ମାନ, ଦୟା ସାହିତ୍ୟ ସଂସଦ ସମ୍ମାନ, ଟିକି ତାରା ସମ୍ମାନ ଆଦି ବହୁ ପୁରସ୍କାର ଲାଭ କରିଛନ୍ତି । ଏହା ଛଡ଼ା ପ୍ରକୃତି ମିତ୍ର ପୁରସ୍କାରରେ ମଧ୍ୟ ସେ ସମ୍ମାନିତ । ଜଣେ ଦକ୍ଷ ସଂଗଠିକା ରୂପେ ତାଙ୍କର ଯଥେଷ୍ଟ ସୁନାମ ରହିଛି ।

ଆମ ପ୍ରଶ୍ନ: ଶିଶୁସାହିତ୍ୟ ରଚନା କରିବା ବେଳେ ଲେଖକମାନେ ବୟସ ବର୍ଗ ପ୍ରତି ଉଚିତ ଧ୍ୟାନ ଦେଉଛନ୍ତି କି ?

ଆପଣଙ୍କ ଉତ୍ତର: ଅଧିକାଂଶ ଲେଖକ ଏଦିଗରେ ସଠିକ ଧ୍ୟାନ ଦେଉନାହାନ୍ତି । କାରଣ ଶିଶୁମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ନରଖି ସେମାନେ ନିଜକୁ ସୁହାଇବା ଢଙ୍ଗରେ ଶିଶୁ ସାହିତ୍ୟ ରଚନା କରୁଛନ୍ତି । ଶିଶୁ କହିଲେ ମୁଖ୍ୟତଃ ୪ରୁ ୮ ବର୍ଷ, ୮ରୁ ୧୨ ବର୍ଷ ବୟସର ପିଲାଙ୍କୁ ବୁଝାଏ । ଅବଶ୍ୟ ୧୨ରୁ ୧୮ ବର୍ଷ ବୟସ କିଶୋରମାନଙ୍କ ପାଇଁ ମଧ୍ୟ ଶିଶୁ ସାହିତ୍ୟ ରଚନା କରାଯାଏ । ୮ରୁ ୧୨ ବର୍ଷ ବୟସର ଶିଶୁମାନେ ଯେଉଁ ଶବ୍ଦ ଓ ଭାବାର୍ଥ ବୁଝିପାରିବେ, ତାହା ୪ରୁ ୮ ବର୍ଷ ବୟସର ଶିଶୁ ବୁଝିପାରିବେ ନାହିଁ । ସେହିଭଳି ୧୨ ବର୍ଷରୁ ୧୮ ବର୍ଷର କିଶୋରମାନଙ୍କ ପାଇଁ ଯାହା ଲେଖାଯିବ, ତାହା ୧୨ ବର୍ଷରୁ କମ ବୟସର ପିଲାଙ୍କର ବୋଧଗମ୍ୟ ହେବ ନାହିଁ । ଶିଶୁସାହିତ୍ୟିକମାନେ ଶିଶୁ ସାହିତ୍ୟର ଏହି ଦିଗକୁ ଭୁଲି ଯାଉଛନ୍ତି । ଫଳରେ ଶିଶୁସାହିତ୍ୟ ମୂଳ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ । ଲେଖାରେ ସମସ୍ତେ ବୁଝିପାରିବାଭଳି ସରଳ ଶବ୍ଦ ଓ ବାକ୍ୟ ସଂଯୋଜନା ଜରୁରୀ ।

ସହର ଜଳୁଛି

ସହର ଜଳୁଛି ଖରାର ଛାତିରେ
ନିଆଁ ଧାସ ଚଉଦିଗେ,
ଡହଡହ ଜାଳେ ସୁରୁଯ କିରଣ
ସଭିଙ୍କୁ ଯେ ଗ୍ରାସେ ବେଗେ ।
ରାସ୍ତା ଘାଟ ତାତି ତରଳୁଛି ପିଚୁ
କଳକାରଖାନା ବାଷ୍ପେ,
ଘରଦ୍ୱାର ଆଉ କୋଠାବାଡ଼ି ତାତେ
ତାତିଲା ଧାସରେ ଆପେ ।
ଏସି କୁଲରର ଘର୍ଘର ନାଦ
ଆହୁରି ଅଥୟ ପ୍ରାଣ,
ଶକ୍ତି ସଂରକ୍ଷଣ ଥାଉ ପଛେ କାହିଁ
ଶକ୍ତି ଅପଚୟ ଘନ ।
ବଇଶାଖୀ ଝଞ୍ଜି ପିଟୁ ଅଛି କେତେ
ମଣିଷର ପ୍ରାଣ ଜଳେ,
ଜଳର ଅଭାବ ଅପଚୟ ଘଟି
ଦୁର୍ଦ୍ଦଶା ବଢୁଛି ବଳେ ।
ଗଛ ପତରର ଅଭାବ ବହୁତ
ଛାଇ ଟିକେ ମିଳେ ନାହିଁ,
ଶୁଦ୍ଧ ଅମ୍ଳଜାନ କାହୁଁ ଯେ ମିଳିବ
ଗଛ କେ ଲଗାଏ କାହିଁ ।
ଝଞ୍ଜି ପ୍ରକୋପରେ ଅଂଶୁଘାତ ଘଟେ
ମଣିଷ ବିକଳ ହୁଏ,
ଦିନୁ ଦିନ ଯହିଁ ବିପଦ ବଢ଼ଇ
କହିବ କାହାକୁ କିଏ ।
ଆସ ଲଗାଇବା ଗଛ ଯେ ସଭିଏଁ
ପଡ଼ିଆ, ବଣର ଭୁଇଁରେ,
ପାହାଡ଼ ପ୍ରାନ୍ତରେ ରାସ୍ତା କଡ଼ରେ
ଦେଖିଣ ଖାଲି ସ୍ଥାନରେ ।
ଗଛ ଲଗାଇବା ଯତନ କରିବା
ଖରା ମୁକାବିଲା ପାଇଁ,
ତାପମାତ୍ରା ଆମେ କମାଇ ଯେ ଦେବା
ଅମ୍ଳଜାନ ଭରି ଦେଇ ।
ମହତ ଆକାଂକ୍ଷା ମହତ ଉଦ୍ଦେଶ୍ୟ
ରଖିବା ମନରେ ଯେବେ,
ସଚେତନ ବାର୍ତ୍ତା ସଭିଙ୍କୁ ଦେଇଣ
ପୃଥିବୀ ରଖିବା ତେବେ ।

ଶେଉଳ ନନାଙ୍କ ଦେଉଳ ଯାତ୍ରା

ଡ. ବିଜୟା ପାତ୍ର

ଶେଉଳ ନନା ଦେଉଳ ଯିବେ
ହାତରେ ଭୋଗ ଡାଲା
ଦୀପ, ଧୂପ ଓ କଦଳୀ ନେଲେ
ସାଥିରେ ଫୁଲମାଳା ।
ପଇସା ଭରା କରାଟ ଖୋସି
ଅଣ୍ଟାରେ ଆମ ନନା
କାନ୍ଧେ ପକାଇ ପୁରୀ ଗାମୁଛା
ବାହାରି ଗଲେ ଅନା ।
କଚେରୀ ଆଜି ଯିବାକୁ ଅଛି,
ଦେବ ଦର୍ଶନ ସାରି
ଗଲେ ନିଶ୍ଚିତ ଶୁଭ ହୋଇବ
ଭାବି ସେ ଖୁସି ଭାରି ।
ସଡ଼କ କଡ଼େ ବରଗଛରେ
ହନୁଟେ ବସିଥିଲା
ଭୋଗ ଡାଲାରେ କଦଳୀ ଦେଖି
ଲୋଭ ତା' ବଢ଼ିଗଲା ।
ଏକା ଝାମ୍ପରେ ଛଡ଼ାଇ ନେଲା
ଡାଲା ଗଛରୁ ଡେଇଁ
ଡିଆଁଟେ ମାରି ଗଛକୁ ଗଲା
କଦଳୀ ତକ ନେଇ ।
ହାଉଳି ଖାଇ ପଡ଼ିଲେ ନନା
ଖଣ୍ଡିଆ ହେଲା ଦେହ
କହିଲେ, ଆଜି ଦିନ ମୋ ପାଇଁ
ଜମାରୁ ଭଲ ନୁହଁ ।

କୋଟିତୀର୍ଥ ଲେନ୍,
ଭୁବନେଶ୍ୱର-୨
ମୋ: ୯୪୩୭୦୧୪୩୨୨

ପଶୁପକ୍ଷୀ କାହାଣୀ

ଝିଙ୍କ ସଙ୍ଗାତ

ଶୁଭନାରାୟଣ ଶତପଥୀ

ଜଙ୍ଗଲଟିଏ । ନନାଦି ଫୁଲ, ଫଳରେ ଭରପୂର । ବେଶ୍ ମନମୁଗ୍ଧକର ପରିବେଶ । ଯିଏ ଥରେ ସେ ଜଙ୍ଗଲ ଯିବ ସେ ଜମାରୁ ଫେରିବାକୁ ଇଚ୍ଛା କରିବନି । ତା ଭିତରେ ପଶୁପକ୍ଷୀମାନେ ରହି ଖୁସିରେ ଦିନ କାଟୁଥାନ୍ତି । ଗୋଟିଏ ମହାବଳ ବାଘ କେଉଁଠି ଥିଲା କେଜାଣି ଦିନେ ସେହି ଜଙ୍ଗଲକୁ ଆସିଲା । ଭାରି ଦୁର୍ଦ୍ଦାନ୍ତ ସେ । ଯିଏ ତା ହାବୁଡ଼ରେ ପଡ଼େ ତାକୁ କୁହେ ଖାଇବାକୁ । ଝାମ୍ପ ମାରିବାକୁ ବାହାରେ । ମହାବଳର ଏପରି ପ୍ରକୃତି ଦେଖି ତା ପାଖରୁ ସମସ୍ତେ ଚାଲିଯାଆନ୍ତି । ଏମିତି ପରିସ୍ଥିତିରେ ମହାବଳ ଭାରି ଖୁସି ହୁଏ ସିନା ଅନ୍ୟ ପଶୁପକ୍ଷୀମାନେ ପ୍ରତିଦିନ ମୃତ୍ୟୁକୁ ନିକଟରୁ ଦେଖୁଥାନ୍ତି । ମହାବଳ ବାଘ ଡରରେ କେହି ପାଟି ଫିଟାଉନଥାନ୍ତି । ଯାହା ଭାଗ୍ୟ ଭଲଥାଏ ସେ ଆସନ୍ତା କାଲିକୁ ଦେଖେ । ଏମିତି କେମିତି ବଂଚିବେ ସମସ୍ତଙ୍କ ଚିନ୍ତା ଥାଏ । ଜଙ୍ଗଲର ସବୁ ପଶୁପକ୍ଷୀ ଭୟରେ ଦିନ କାଟୁଥାନ୍ତି ।

ଏମିତି କିଛିଦିନ ଗଲା । ସବୁଦିନ ସମାନ ନଥାଏ । ଦିନେ ଆଉ ଏକ ଜୀବ ସେହି ଜଙ୍ଗଲକୁ ଆସିଲା । ସେ ମୁହଁ ପୋତି ଚାଲୁଛି ଓ ତାର ପିଠି ସାରା କଣ୍ଟା । ନୂଆ ଜୀବଟିଏ ଆସିଥିବାରୁ ସମସ୍ତେ ତାକୁ ଆଶ୍ଚର୍ଯ୍ୟ ହୋଇ ଚହୁଁଥାନ୍ତି । ଧିରେ ଧିରେ ସେହି ଜନ୍ତୁଟି ସହିତ ଜଙ୍ଗଲର ପଶୁପକ୍ଷୀ ମିଶିଲେ । ତେବେ ବିଲୁଆ ଓ ନୂଆ ଜନ୍ତୁଟିର ବେଶି ଭାବ ବଢ଼ିବାରୁ ସମାନେ ସଙ୍ଗାତ ବସିଲେ । ବିଲୁଆ ଜାଣିଲା ସେହି ନୂଆଜନ୍ତୁଟି ହେଉଛି ଝିଙ୍କ । ଏମିତି କିଛିଦିନ ଯିବା ପରେ ମହାବଳ ବାଘର ଦୌରାତ୍ମ୍ୟ ବିଷୟରେ ବିଲୁଆ କହିଲା । ବିଲୁଆର ଡର ଦେଖି ଝିଙ୍କ କହିଲା ସଙ୍ଗାତ ଏଥର ଯୁଆଡ଼େ ତୁମେ ଯିବ ମୁଁ ତୁମ ଆଗେ ଆଗେ ଯିବି । ସେଇଆ ହେଲା । ବିଲୁଆ ଆଗରେ ଥାଏ ଝିଙ୍କ । ବାଟରେ ଗଲାବେଳେ ହାବୁଡ଼ରେ ପଡିଲା ମହାବଳ ବାଘ । ବାଘ ଦେଖିଲା, ଝିଙ୍କ ପଛରେ ବିଲୁଆ ଆସୁଛି । ବିଲୁଆକୁ ଶିକାର କରିବାକୁ ଝାମ୍ପ ମାରିଲା । କାରଣ ବାଘ ଜାଣିଛି ଝିଙ୍କ ପିଠିରେ କଣ୍ଟା । ତେଣୁ ତାକୁ ଝାମ୍ପମାରିଲେ ଦେହସାରା କଣ୍ଟା ଗଳିଯିବ । ଏବେ ବାଘ ଝିଙ୍କ ଉପର ଦେଇ ଝାମ୍ପ ମାରିଲା ବିଲୁଆ ଉପରକୁ । ସଙ୍ଗାତ ପ୍ରତି ବିପଦ ଦେଖି ଝିଙ୍କ ନିଜକୁ ପସ୍ତୁତ କଲା । ଝିଙ୍କ ଉପର ଦେଇ ବାଘଟି ଝାମ୍ପ ମାରିଲାବେଳେ ନିଜ ପିଠିକୁ ଝାଡ଼ିଦେଲା । ହଠାତ୍ ମହାବଳ ବାଘଟା ଭୂଇଁରେ ଦୁମ କରି ପଡ଼ିଲା । ଝିଙ୍କ ଓ ବିଲୁଆ ତାପାଖକୁ ଯାଇଦେଖନ୍ତି ତ ମହାବଳ ବାଘ ମରିପଡ଼ିଛି । ତା ଆଖି ତଣ୍ଟିରେ କଣ୍ଟା ପଶିଯାଇଛି । ମହାବଳ ବାଘ ମରିବା ଖବର ଚାରିଆଡ଼େ ପ୍ରସାରିତ ହୋଇଗଲା । ସବୁ ପଶୁପକ୍ଷୀ ଆଶ୍ୱସ୍ତ ଅନୁଭବ କଲେ । ଦୁଷ୍ଟ ମହାବଳକୁ ନୂଆ ଜୀବ ଝିଙ୍କ ମାରିଦେଲା । ଏବେ ଝିଙ୍କର ପ୍ରଶଂସା କହିଲେ ନସରେ । ଜଙ୍ଗଲରେ ଶାନ୍ତି ଫେରିଆସିଲା । ବିଲୁଆ କହୁଥିଲା ସଙ୍ଗାତ ଯୋଗୁଁ ମୁଁ ନୂଆ ଜୀବନ ପାଇଲି ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

ଲୁଣ ରାଜଧାନୀ

ଜାଣ ଅଜଣା

ଗୁଜୁରାଟ ଭାରତର 'ଲୁଣ ରାଜଧାନୀ' ରୂପେ ପରିଚିତ । ଦେଶର ୭୫ ପ୍ରତିଶତ ଲୁଣ ଏହି ରାଜ୍ୟରେ ହିଁ ଉତ୍ପାଦିତ ହୋଇଥାଏ । ଏହାର ଭୌଗଳିକ ସ୍ଥିତି, ଦୀର୍ଘ ବେଳାଭୂମି ଓ ଶୁଷ୍କ ବାତାବରଣ ହିଁ ବହୁଳ ପରିମାଣ ଲୁଣ ଉତ୍ପାଦନରେ ସହାୟତା କରିଥାଏ । କଚ୍ଛ ଜିଲ୍ଲାର ରଣ ଅଞ୍ଚଳ ଲୁଣ ଉତ୍ପାଦନ ପାଇଁ ପ୍ରସିଦ୍ଧ । ଏହା ଛଡ଼ା ଖରାଘୋଡ଼ା, ଭାବ୍‌ନଗର ଓ ପୋରବନ୍ଦର ଅଞ୍ଚଳରେ ମଧ୍ୟ ପ୍ରଚୁର ପରିମାଣର ଲୁଣ ଉତ୍ପାଦନ ହୋଇଥାଏ । ତାମିଲନାଡୁର, ଟୁଥୁକୋଡ଼ି (ଟୁଟିକୋରିନ)କୁ ମଧ୍ୟ କେହି କେହି 'ଲୁଣ ରାଜଧାନୀ' କହିଥାନ୍ତି । କାରଣ ୧୦୦ରୁ ଅଧିକ ବର୍ଷ ଧରି ସେଠାରେ ଅଧିକ ପରିମାଣର ଲୁଣ ଉତ୍ପାଦନ କରାଯାଉଛି ।

ଶବ୍ଦଧନ୍ଦା

ଏଥିରେ ଗୋଟିଏ ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ ଓ ତାହାର ଅର୍ଥ ଦିଆଯାଇଛି । ସେହି ଶବ୍ଦରେ ଗୋଟିଏ ବା ଦୁଇଟି ଅକ୍ଷର ଯୋଡ଼ିଲେ କି ଅର୍ଥ ବାହାରିବ ତାହା ଭାବି କୁହ ?

ଅମ୍ବୁ-ଜଳ

ପ୍ରଶ୍ନ ୧- ଅମ୍ବୁ+ଜ, ୨- ଅମ୍ବୁ+ଜା, ୩- ଅମ୍ବୁ+ଦ, ୪- ଅମ୍ବୁ+ଧି, ୫- ଅମ୍ବୁ+ରୁହ, ୬- ଅମ୍ବୁ+ଜିନୀ

ଉତ୍ତର- ୧- ଚନ୍ଦ୍ର, ୨- ଲକ୍ଷ୍ମୀ, ୩- ମେଘ, ୪- ସମୁଦ୍ର, ୫- ପଦ୍ମ, ୬- ପଦ୍ମଭରା ପୋଖରୀ

ଭାସମାନ ଗ୍ରାମ

ଜାଣିଛ କି

ଏମିତି କେଉଁ ଗାଁ ଅଛି, ଯିଏ କି ପାଣିରେ ଭାସୁ ଥିବ ! ଏହା ମିଛ ଲାଗୁଥିଲେ ବି ସତ । ଏମିତି ଏକ ଗାଁ ଅଛି ମଣିପୁରରେ । ମଣିପୁର ରାଜଧାନୀ ଇମ୍ଫାଲ ଘାଟିରେ ରହିଛି ଲୋକ୍‌ତକ ହ୍ରଦ । ସେହି ହ୍ରଦ ଭିତରେ ରହିଛି ଏଭଳି ଗାଁ । ଗାଆଁଟିର ନାମ ଚମ୍ପୁ ଖାଙ୍ଗପୋକ । ହ୍ରଦଟିର କ୍ଷେତ୍ରଫଳ ପ୍ରାୟ ୨୫୦ ବର୍ଗ କିଲୋମିଟର । କିନ୍ତୁ ବର୍ଷା ଦିନେ ଏହା ୫୦୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଯାଇଥାଏ । ପାଣିରେ ସଢ଼ି ଭାସୁଥିବା ଛୋଟ ଛୋଟ ଗଛପତ୍ର । ପାଣି ତଳୁ ଉପରକୁ ଉଠି ଆସୁଥିବା ପଙ୍କ ଏବଂ କୂଳ ପାଖରୁ ଭାସି ଆସୁଥିବା ମାଟି । ବିଭିନ୍ନ ଜୈବିକ ପଦାର୍ଥ, ପାଣିରେ ଭାସୁଥିବା ଖଣ୍ଡ ବିଖଣ୍ଡିତ ଜିନିଷପତ୍ର ଓ ଆବର୍ଜନା ଏକତ୍ର ହୋଇ ପାଣି ଉପରେ ଏକ ମୋଟା ସ୍ତର ସୃଷ୍ଟି କରିଥାନ୍ତି । ସେଗୁଡ଼ିକ ସ୍ୱଞ୍ଜ ଭଳି କାର୍ଯ୍ୟକରେ । ସେହି ସ୍ତର ଉପରେ ଲୋକମାନେ ଘର ତିଆରି କରି ରହିଥାନ୍ତି । ଫୁମ ସାଙ୍ଗ ନାମକ ଏକ ସ୍ୱତନ୍ତ୍ର ପୋଲା ବାଉଁଶରେ ଲୋକମାନେ ଚଟାଣ ତିଆରି କରିବା ପରେ ତା' ଉପରେ ଘର କରିଥାନ୍ତି । ବାଉଁଶଗୁଡ଼ିକ ପୋଲା ହୋଇଥିବାରୁ ଘରଗୁଡ଼ିକ ନବୁଡ଼ି ଭାସମାନ ଅବସ୍ଥାରେ ରହିଥାଏ । ସେଠାରେ ରହୁଥିବା ଲୋକମାନେ ହ୍ରଦରୁ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି ।

ପରପାଇଁ ତା ଜନମ

ଡକ୍ଟର ପ୍ରବୀଣା ପରିଡ଼ା

ଧବଳ ପସରା ମେଲି ଦେଇ ମଲ୍ଲୀ
ମହକାଇ ଦିଏ ବାସ,
ଚାନ୍ଦିନୀ ଜୋଛନା ଧରଣୀରେ ପଡ଼ି
ଶୀତଳତା ପରକାଶ ।
ସୁଲୁସୁଲୁ ବାଆ ବହେ ଥିରିଥିରି
ମଲ୍ଲୀର ସୁରଭି ନେଇ
ପାତର ଅନ୍ତର ଭାବନା ନ ଥାଇ
ଚଉଦିଗେ ବାଣ୍ଟୁଥାଇ ।
ପାହିଗଲେ ରାତି ଦେଉଳରେ ଆସି
ପୂଜାରୀ ହୁଏ ହାଜର
ମଲ୍ଲୀ ଫୁଲ ନେଇ ମାଳାରେ ସଜାଏ
ଦେବଦେବୀ ପାଇଁ ହାର ।
ମାଳିଆଣୀ ତୋଳେ ମଲ୍ଲୀଫୁଲ କଢ଼ି
ହାଟରେ ବିକିବା ପାଇଁ
ଝିଅ ବୋହୂମାନେ ଫୁଲ କିଣି ନେଇ
ଗଭାକୁ ଦିଏ ସଜାଇ ।
ମଲ୍ଲୀଫୁଲଟିର ନାହିଁ ଅହଂକାର
ସୁଧରମ ବିକଶଇ
ଫୁଟିବା ପରଠୁ ମହକ ବାଣ୍ଟଇ
ଜନମ ତ ପର ପାଇଁ ।

ଷ୍ଟାର ସିଟି, ପଟିଆ,
ଭୁବନେଶ୍ୱର
ମୋ: ୮୮୯୫୫୫୪୭୭୬

ତୁମ ପାଇଁ ବହି



କାଶ୍ମୀର କୋଳରେ ପାଞ୍ଚ ରାତି
ଲେଖକ : ଅଜୟ କୁମାର ଜେନା
ପ୍ରକାଶକ : ଜଗା ଶିଶୁ ସାହିତ୍ୟ ସଂସଦ, ନାଥପୁର, ବରୀ, ଯାଜପୁର
ମୂଲ୍ୟ :୭୫ ଟଙ୍କା

ଏହା ଏକ ଭ୍ରମଣ କାହାଣୀ । ଲେଖକ ଏଥିରେ ନିଜର ଜମ୍ମୁ-କାଶ୍ମୀର ଭ୍ରମଣ ଅନୁଭୂତି ବର୍ଣ୍ଣନା କରିଛନ୍ତି । ବିଶେଷକରି ଶ୍ରୀନଗର, ଡାଲ ହ୍ରଦ, ବୋଟ ହାଉସର ମଜା ମଉଜକୁ ପିଲାଙ୍କ ସାମ୍ନାକୁ ଆଣିଛନ୍ତି । ଏହାଛଡ଼ା ବହିଟିରେ ଗୁଲମାର୍ଗ, ପହେଲଗାଉଁ, ଶେଷନାଗ ହ୍ରଦ ଏବଂ ମାତା ବୈଷ୍ଣୋଦେବୀ ମନ୍ଦିର ସଂପର୍କରେ ଅନେକ ତଥ୍ୟ ସ୍ଥାନ ପାଇଛି । ଏହା ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ସୁଖପାଠ୍ୟ ।

କୁନାକୁନିଙ୍କ ଚିତ୍ର

ଶ୍ରୀଶାନ୍ତ କୁମାର ପଣ୍ଡା,
କ୍ଲାସ୍-୧୦,
ରୋଟାରୀ ପବ୍ଲିକ୍ ସ୍କୁଲ,
ବରଗଡ଼

ଦମୟନ୍ତୀ ଟୁଡୁ,
କ୍ଲାସ୍-୫, ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ଉଦଳା,
ମୟୂରଭଞ୍ଜ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ଆଜିର ମ୍ୟାଚ୍

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବନାମ ପଞ୍ଜାବ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଲକ୍ଷ୍ନୌ

ନିତିଦିନ NITIDIN

ବେଙ୍ଗାଲୁରୁକୁ ୫୫ ରନ୍‌ରେ ହରାଇଲା ହାଇଦ୍ରାବାଦ

ହାଇଦ୍ରାବାଦ,୨୨।୫/ଏଜେନ୍ସି: ଚଳିତ ଆଇପିଏଲ୍‌ରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ୫୫ ରନ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୫୫ ରନ୍‌ରେ ହରାଇ ଦେଇଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ ପ୍ରଥମେ ୪ ୱିକେଟ୍ ହରାଇ ୨୫୫ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ୪ ୱିକେଟ୍‌ରେ ୨୦୦ ରନ୍ କରିବାକୁ ସମର୍ଥ ହୋଇଥିଲା।

୨୫୬ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରୁଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ରୁତ ଆରମ୍ଭ କରିଥିଲା। ଟିମ୍ ୪.୩ ଓଭର୍‌ରେ ୬୦ ରନ୍ କରିବା ପରେ ପ୍ରଥମେ ଭେଙ୍କଟେଶ ଆୟର୍‌ଙ୍କ ୱିକେଟ୍ ହରାଇଥିଲା। ଭେଙ୍କଟେଶ ୧୯ ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୪୪ ରନ୍ କରିଥିଲେ। ବିରାଟ କୋହଲି ମାତ୍ର ୧୫ ରନ୍ କରି ସାକିବ୍ ହୁସେନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଇଶାନ୍ ମାଲିଙ୍ଗା ବ୍ୟକ୍ତିଗତ ୨୧ ରନ୍‌ରେ ଦେବଦତ୍ତ ପାଡିକ୍କଲ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ୯୪ ରନ୍‌ରେ ୩ ୱିକେଟ୍‌ର ପତନ ପରେ କ୍ୟାପ୍ଟେନ୍ ରଜତ ପାଟିଦାର ଓ କୃଣାଳ ପାଣ୍ଡ୍ୟା ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ପାଟିଦାରଙ୍କୁ ଆଉଟ୍ କରି ଟ୍ରାଭିସ୍ ହେଡ୍ ଏହି ଯୋଡ଼ି

ଭାଙ୍ଗିଥିଲେ। ପାଟିଦାର ୩୯ ବଲ୍‌ରେ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୫୬ ରନ୍ କରିଥିଲେ। କୃଣାଳ ପାଣ୍ଡ୍ୟା ୩୧ ବଲ୍‌ରେ ୪୧ ଏବଂ ଟିମ୍ ଡେଭିଡ୍ ୭ ବଲ୍‌ରେ ୧୫ ରନ୍ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଇଶାନ୍ ମାଲିଙ୍ଗା ଦୁଇଟି ୱିକେଟ୍ ନେଇଥିବା ବେଳେ ସାକିବ୍ ହୁସେନ୍ ଏବଂ ଟ୍ରାଭିସ୍ ହେଡ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ହାଇଦ୍ରାବାଦ ପକ୍ଷରୁ ତିନିଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଅଭିଷେକ ଶର୍ମା ୨୨ ବଲ୍‌ରେ ୪ ଚୌକା ଓ ୫ ଛକା ବଳରେ ୫୬ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ଦ୍ରୁତ ଆରମ୍ଭ ଦେଇଥିଲେ। ସେହିପରି ଇଶାନ୍ କିଶନ୍ ୪୬ ବଲ୍‌ରେ ୮ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍ କରି ଇନିଂସ୍ ସମ୍ଭାଳିଥିଲେ। ହେନ୍‌ରିକ୍ କ୍ଲାସେନ୍ ମଧ୍ୟ ୨୪ ବଲ୍‌ରେ ୫୧ ରନ୍‌ର ଇନିଂସ୍ ଖେଳିଥିଲେ। ଇଶାନ୍ ଏବଂ କ୍ଲାସେନ୍‌ଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୪୮ ବଲ୍‌ରେ ୧୧୩ ରନ୍‌ର ଧୂଆଁଧାର

ଇଶାନ୍, ଅଭିଷେକ ଓ କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ

ଶତକୀୟ ପାର୍ଟନରଶିପ୍ ହୋଇଥିଲା। ଶେଷରେ ନୀତୀଶ କୁମାର ରେଡ୍ଡୀ ୧୨ ବଲ୍‌ରେ ୨୯ ରନ୍ ଯୋଡ଼ି ଟିମ୍‌ର ସ୍କୋର୍ ୨୫୦ ରନ୍ ପାର କରାଇଥିଲେ। ଓପ୍ନର୍ ଟ୍ରାଭିସ୍ ହେଡ୍ ୧୬ ବଲ୍‌ରେ ୨୬ ରନ୍ କରି ପ୍ରଥମେ ଆଉଟ୍ ହୋଇଥିଲେ। ବେଙ୍ଗାଲୁରୁ ବୋଲର୍‌ମାନେ ମ୍ୟାଚ୍‌ରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ରସିକ୍ ସଲାମ ୨ଟି ୱିକେଟ୍ ନେଇଥିବା ବେଳେ ସୁୟଶ ଶର୍ମା ଓ କୃଣାଳ ପାଣ୍ଡ୍ୟାଙ୍କୁ ୧-୧ ସଫଳତା ମିଳିଥିଲା।

ଆଇପିଏଲ୍ ୨୦୨୬ରୁ ଅଙ୍ଗକୃଷ ରଘୁବଂଶୀ ବାଦ୍

କୋଲ୍‌କାତା,୨୨।୫/ଏଜେନ୍ସି: କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୱିକେଟ୍‌କିପର୍ ବ୍ୟାଟର୍ ଅଙ୍ଗକୃଷ ରଘୁବଂଶୀ ଆଇପିଏଲ୍ ୨୦୨୬ ସିଜନ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଘରୋଇ ମ୍ୟାଚ୍‌ରେ ରଘୁବଂଶୀ କନ୍‌କସନ୍‌ର ସମ୍ମୁଖୀନ ହେବା ସହିତ ତାଙ୍କ ବାମ ଆଙ୍ଗୁଠି ଭାଙ୍ଗିଯାଇଥିଲା। ଇଡେନ୍ ଗାର୍ଡେନ୍ସରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଟିମ୍‌ର କର ବା ମର ମ୍ୟାଚ୍ ପୂର୍ବରୁ ଶୁକ୍ରବାର ଫ୍ରାଞ୍ଚାଇଜି ପକ୍ଷରୁ ଏହି ଘୋଷଣା କରାଯାଇଛି।

ବୁଧବାରର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଇନିଂସ୍‌ର ଏକାଦଶ ଓଭର୍‌ରେ ତିଳକ ବର୍ମାଙ୍କୁ ଆଉଟ୍ କରିବା ପାଇଁ ଏକ କ୍ୟାଚ୍ ଧରିବାକୁ ଯାଇ ରଘୁବଂଶୀ ସାଥୀ ଖେଳାଳି ବରୁଣ ଚକ୍ରବର୍ତ୍ତୀଙ୍କ ସହ ଧକ୍କା ହୋଇଥିଲେ। ତେବେ ୧୪ଶ ଓଭର୍‌ରେ ତିଳକ ବର୍ମା ଆଉଟ୍ ହେବା ପରେ ରଘୁବଂଶୀ ପଡ଼ିଆ ଛାଡ଼ିଥିଲେ ଏବଂ ତାଙ୍କ ସ୍ଥାନରେ ତେଜସ୍ୱୀ ଦାହିୟା ବଦଳ ୱିକେଟ୍‌କିପର୍ ଭାବେ ବାକି ମ୍ୟାଚ୍ ଖେଳିଥିଲେ।

୨୧ ବର୍ଷୀୟ ରଘୁବଂଶୀ ଚଳିତ ଆଇପିଏଲ୍‌ରେ ୪୨.୨ ହାର ଏବଂ ୧୪୬.୫୨ ଷ୍ଟ୍ରାଇକ୍ ରେଟ୍‌ରେ କେକେଆର୍ ପାଇଁ ସର୍ବାଧିକ ୪୨୨ ରନ୍ କରିଛନ୍ତି। ଏହା ମଧ୍ୟରେ ୫ଟି ଅର୍ଦ୍ଧଶତକ ମଧ୍ୟ ସାମିଲ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଅନ୍ତିମ ମ୍ୟାଚ୍ ପୂର୍ବରୁ ତାଙ୍କ ଆଘାତ ଟିମ୍ ପାଇଁ ବଡ଼ ଧକ୍କା ସଦୃଶ। ପ୍ଲେଅଫ୍‌ରେ ସ୍ଥାନ ସୁରକ୍ଷିତ ପାଇଁ ଏହି ମ୍ୟାଚ୍ କେକେଆର୍ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ।

ଋତୁରାଜଙ୍କୁ ୨୪ ଲକ୍ଷ ଜୋରିମାନା

ଅହମଦାବାଦ,୨୨।୫/ଏଜେନ୍ସି: ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) କ୍ୟାପ୍ଟେନ୍ ଋତୁରାଜ ଗାଏକ୍‌ୱାଡ଼୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜୋରିମାନା ହୋଇଛି। ଗୁରୁବାର ଅହମଦାବାଦରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଟିମ୍‌ର ଦ୍ୱିତୀୟ ଥର ମନ୍ଥର ଓଭର୍-ରେଟ୍ କାରଣରୁ ତାଙ୍କୁ ଏହି ଜୋରିମାନା କରାଯାଇଛି। ଏହି ଅପରାଧ ପାଇଁ ଟିମ୍‌ର ବାକି ଖେଳାଳି ଏବଂ ସିଏସ୍‌କେର ଇମ୍ପାକ୍ଟ ପ୍ଲେୟାର୍‌ଙ୍କୁ ୬ ଲକ୍ଷ ଟଙ୍କା କିମ୍ବା ମ୍ୟାଚ୍ ଫି'ର ୨୫% ଜୋରିମାନା ମଧ୍ୟ କରାଯାଇଛି। ଆଇପିଏଲ୍‌ର ଏକ ବୟାନରେ କୁହାଯାଇଛି, ଏହା ଆଇପିଏଲ୍ ଆଚାର ସଂହିତାର ଅନୁଚ୍ଛେଦ ୨.୨୨ ଅଧୀନରେ ଏହା ଚଳିତ ସିଜନ୍‌ରେ ଟିମ୍‌ର

ଦ୍ୱିତୀୟ ଅପରାଧ ଥିଲା। ଏହି କାରଣରୁ ଗାଏକ୍‌ୱାଡ଼୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ଏହା ସହିତ ଇମ୍ପାକ୍ଟ ପ୍ଲେୟାର୍‌ଙ୍କ ସମେତ ଚୂଡ଼ାନ୍ତ ଏକାଦଶରେ ସାମିଲ ଖେଳାଳିଙ୍କୁ ୬ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୨୫% ଜୋରିମାନା କରାଯାଇଛି।

ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରୁ ବିଜୟ ଶଙ୍କରଙ୍କ ସନ୍ନ୍ୟାସ

ନୂଆଦିଲ୍ଲୀ,୨୨।୫/ଏଜେନ୍ସି: ଭାରତୀୟ ଅଲ୍‌ରାଉଣ୍ଡର୍ ବିଜୟ ଶଙ୍କର ଶୁକ୍ରବାର ଘରୋଇ କ୍ରିକେଟ୍ ଏବଂ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ)ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସୋସିଆଲ୍ ମିଡିଆରେ ସନ୍ନ୍ୟାସ ଘୋଷଣା କରି ସେ କହିଛନ୍ତି, କ୍ରିକେଟ୍ ଖେଳିବା ଜାରୀ ରଖିବା ପାଇଁ ନୂଆ ସୁଯୋଗର ସନ୍ଧାନ କରିବେ। ତାମିଲନାଡୁର ୩୫ ବର୍ଷୀୟ ଶଙ୍କ ୨୦୨୫-୨୬ ସିଜନ୍‌ରେ ତ୍ରିପୁରା ଟିମ୍‌ର ପ୍ରତିନିଧିତ୍ୱ କରିଥିଲେ। ୨୦୧୮ରୁ ୨୦୧୯ ମଧ୍ୟରେ ଭାରତ ପାଇଁ ୧୨ ଦିନିକିଆ ଏବଂ ୯ ଟି-୨୦ ମ୍ୟାଚ୍ ଖେଳିଥିବା ବିଜୟ ଶଙ୍କର ୨୦୧୯ ଦିନିକିଆ ବିଶ୍ୱକପ୍ ଟିମ୍‌ର ସଦସ୍ୟ ମଧ୍ୟ ଥିଲେ। ଭାରତୀୟ ଟିମ୍ ପାଇଁ ମାଞ୍ଚେଷ୍ଟରରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ନିଜର ଶେଷ ମ୍ୟାଚ୍ ଖେଳିଥିଲେ। ପାଦ ଆଙ୍ଗୁଠିରେ ଆଘାତ କାରଣରୁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର ହେବାକୁ ପଡ଼ିଥିଲା ଏବଂ ଏହାପରେ ସେ ଆଉ ଜାତୀୟ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିପାରି ନଥିଲେ। ଆଇପିଏଲ୍‌ରେ ଶଙ୍କର ଚାରିଟି ଟିମ୍‌ର ପ୍ରତିନିଧିତ୍ୱ କରିଛନ୍ତି।

ଏହା ମଧ୍ୟରେ ଚେନ୍ନାଇ ସୁପର୍ କିଙ୍ଗ୍ସ (୨୦୧୪ ଏବଂ ୨୦୨୫), ସନ୍‌ରାଇଜର୍ସ ହାଇଦ୍ରାବାଦ (୨୦୧୭, ୨୦୧୯-୨୦୨୧), ଦିଲ୍ଲୀ କ୍ୟାପିଟାଲ୍ସ (୨୦୧୮) ଏବଂ ଗୁଜରାଟ ଟାଇଟନ୍ସ (୨୦୨୨-୨୦୨୪) ସାମିଲ। ଚଳିତ ସିଜନ୍‌ରେ ସେ କୌଣସି ଟିମ୍‌ର ସଦସ୍ୟ ନଥିଲେ। ଡାହାଣହାତୀ ବ୍ୟାଟର୍ ଏବଂ ଫାଷ୍ଟ ବୋଲର୍ ଶଙ୍କର ୨୦୧୨ରେ ପଦାର୍ପଣ ପରେ ମୋଟ ୭୭ ପ୍ରଥମ ଶ୍ରେଣୀ, ୧୧୨ ଲିଷ୍ଟ-ଏ' ଏବଂ ୧୫୯ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ୪୬.୭୩ ହାରରେ ୧୩ ଶତକ ଏବଂ ୨୩ ଅର୍ଦ୍ଧଶତକ ସମେତ ମୋଟ ୪୨୫୩ ରନ୍ କରିଛନ୍ତି। ଏହା ବ୍ୟତୀତ ୪୩ ୱିକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଲିଷ୍ଟ-ଏ'ରେ ସେ ୩୪.୮୭ ହାରରେ ୨୭୯୦ ରନ୍ କରିଥିବା ବେଳେ ତାଙ୍କର ନାମରେ ଦୁଇଟି ଶତକ, ୧୫ ଅର୍ଦ୍ଧଶତକ ଏବଂ ୭୩ ୱିକେଟ୍ ରହିଛି। ଟି-୨୦ରେ ସେ ୨୫୮୩ ରନ୍ କରିଥିବା ବେଳେ ୩୮ ୱିକେଟ୍ ନେଇଛନ୍ତି।

ହାଇକୋର୍ଟରୁ ବିନେଶଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୨।୫/ଏଜେନ୍ସି: ଅଲିମ୍ପିଆନ୍ ପହେଲମାନ୍ ବିନେଶ ଫୋଗାଟ୍‌ଙ୍କୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଘରୋଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ବିନେଶଙ୍କୁ ଅଯୋଗ୍ୟ କରିବା ମାମଲାରେ କୋର୍ଟ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ କହିଛନ୍ତି, ପ୍ରସିଦ୍ଧ ଖେଳାଳିମାନଙ୍କୁ ପୂର୍ବରୁ ଏପରି ଆଶ୍ୱସ୍ତି ଦିଆଯାଉଥିବା ବେଳେ ଏବେ ବିନେଶଙ୍କ ସହିତ ଅଲଗା ବ୍ୟବହାର କାହିଁକି କରାଯାଉଛି। ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ୍ କାରିଆଙ୍କ ବେଞ୍ଚ୍ ବିନେଶଙ୍କ ମାଲାରେ ଏକ ବିଶେଷଜ୍ଞ ପ୍ୟାନେଲ୍ ଗଠନ ପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି।

ଅଯୋଗ୍ୟ ଘୋଷିତ ନିଷ୍ପତ୍ତିରେ କୁସ୍ତି ମହାସଂଘକୁ ଭର୍ତ୍ସନା

କୋର୍ଟ କହିଛନ୍ତି, ମାତୃତ୍ୱ ଅବକାଶ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବିନେଶଙ୍କୁ ଆଗାମୀ ଏସିଆନ୍ ଗେମ୍ସର ଟ୍ରାଏଲ୍‌ରେ ଅଂଶଗ୍ରହଣର ସୁଯୋଗ ମିଳିବା ଉଚିତ। କୋର୍ଟ କହିଛନ୍ତି, ଭାରତରେ ମାତୃତ୍ୱର ସମ୍ମାନ କରାଯାଇଥାଏ ଏବଂ କୌଣସି ବି ଖେଳ ସଂଘ ପ୍ରତିଶୋଧ ଭାବନରେ କାମ କରିବା ଉଚିତ ନୁହେଁ। ଶୁଣାଣି ଅବସରରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କେତେକ ମାମଲାରେ ଖେଳାଳିମାନଙ୍କୁ ନିୟମରେ ଛାଡ଼ ଦିଆଯାଇପାରିବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ମେ ୧୮ ତାରିଖରେ ହାଇକୋର୍ଟଙ୍କ ଜଣିକିଆ ବେଞ୍ଚ୍ ବିନେଶ୍‌ଙ୍କୁ ମେ ୩୦ ଓ ୩୧ରେ ହେବାକୁ ଥିବା ଏସିଆନ୍ ଗେମ୍ସ ଚୟନ ଟ୍ରାଏଲ୍‌ରେ ସାମିଲ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ। ଡବ୍ଲ୍ୟୁଏଫ୍‌ଆଇ ଆଣ୍ଟି-ଡୋପିଂ ନିୟମର ଦୁହାଇ ଦେଇ ଫୋଗାଟ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରିବା ସହିତ ଚଳିତ ବର୍ଷ ଜୁନ୍ ୨୬ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତାରେ ଭାଗ ନେବାରୁ ଅଯୋଗ୍ୟ ଘୋଷିତ କରିଥିଲା। ବିନେଶ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଆଜି କୋର୍ଟରେ ଶୁଣାଣି ହୋଇଛି।

ମାଲେସିଆ ମାଷ୍ଟର୍ସ

କ୍ୱାର୍ଟର୍‌ରେ ଅଶ୍ମିତାଙ୍କ ଅଭିଯାନ ଶେଷ

କ୍ୱାଲାଲମ୍ପୁର,୨୨।୫/ଏଜେନ୍ସି: ମାଲେସିଆ ମାଷ୍ଟର୍ସ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ଭାରତର ଅଶ୍ମିତା ଚାଲିହାଙ୍କ ଅଭିଯାନ ଶୁକ୍ରବାର ଶେଷ ହୋଇଛି। ଚାଲିହା କ୍ୱାର୍ଟର୍ ଫାଇନାଲ୍‌ରେ ବିଶ୍ୱ ନମ୍ବର ୨୩ ଖେଳାଳି ଡେନ୍‌ମାର୍କର ଲାଇନ ହୋଜ୍‌ମାର୍କ କଜର୍ସଫେଲ୍ଟଙ୍କ ବିପକ୍ଷରେ କଡ଼ା ସଂଘର୍ଷ କରିଥିଲେ। ଆଘାତରୁ ସୁସ୍ଥ ହେବା ପରେ ପ୍ରତ୍ୟାବର୍ତ୍ତନ କରିଥିବା ବିଶ୍ୱର ୭୧ ର୍ୟାଙ୍କିଙ୍ଗ୍‌ର ଭାରତୀୟ ଖେଳାଳି କଡ଼ା ସଂଘର୍ଷ ପରେ ପ୍ରଥମ ଗେମ୍ ଜିତିଥିଲେ। ତେବେ ସେ ଏହାର ଲାଭ ଉଠାଇ ନପାରି ଏକ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିବା ମୁକାବିଲାରେ ଅଷ୍ଟମ ସିଡ୍ ଖେଳାଳିଙ୍କଠାରୁ ୨୩-୨୧, ୧୮-୨୧, ୧୧-୨୧ରେ ପରାଜିତ ହୋଇଛନ୍ତି।

ଚାଲିହା ଚମତ୍କାର ଆରମ୍ଭ କରି ପ୍ରଥମ ଗେମ୍‌ରେ ଇଣ୍ଟରଭାଲ୍ ବେଳକୁ ୧୧-୬ରେ ଆଗୁଆ ହୋଇଥିଲେ। ଏହାପରେ ଲାଇନ୍ ପ୍ରତ୍ୟାବର୍ତ୍ତନ କରି ୧୯-୧୮ରେ ଆଗୁଆ ହୋଇଥିଲା। ମାତ୍ର ଭାରତୀୟ ଖେଳାଳି ଧୈର୍ଯ୍ୟ ବଜାୟ ରଖିବା ସହିତ ଗେମ୍ ନିଜ ନାମରେ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଚାଲିହା ପୁଣିଥରେ ୧୦-୫ରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଡେନ୍‌ମାର୍କ ଖେଳାଳି ୧୩-୧୩ରେ ସ୍କୋର୍ ବରର୍ରେ କରିଥିଲେ। ଏହାପରେ ଲାଇନ୍ ମ୍ୟାଚ୍‌କୁ ନିର୍ଣ୍ଣାୟକ ଗେମ୍ ପର୍ଯ୍ୟନ୍ତ ନେଇଥିଲେ। ଅନ୍ତିମ ଗେମ୍‌ରେ ଲାଇନ୍ ୮-୪ରେ ଆଗୁଆ ରହି ଦବ୍‌ଦବା କାଏମ ରଖିବା ସହିତ ଚାଲିହାଙ୍କୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ପାକିସ୍ତାନ ଟିମ୍

ବାବର-ଶାଦାବ୍ ଓ ନସୀମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ଲାହୋର,୨୨।୫/ଏଜେନ୍ସି: ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ସିରିଜ୍ ପାଇଁ ଶୁକ୍ରବାର ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ୧୬ ଜଣିଆ ଟିମ୍ ଘୋଷଣା କରିଛି। ସିନିୟର୍ ବ୍ୟାଟର୍ ବାବର ଆଜମ୍, ଅଲ୍‌ରାଉଣ୍ଡର୍ ଶାଦାନ୍ ଖାନ୍ ଏବଂ ଫାଷ୍ଟ ବୋଲର୍ ନସୀମ୍ ଶାହଙ୍କ ଟିମ୍‌ରେ ପ୍ରତ୍ୟାବର୍ତ୍ତନ ଘଟିଛି। ଏହି ତିନି ଖେଳାଳି ବାଂଲାଦେଶ ଗସ୍ତରେ ହ୍ୱାଇଟ୍ ବଲ୍ ଟିମ୍‌ର ସଦସ୍ୟ ନଥିଲେ। ତେବେ ଏହି ଗସ୍ତ ପାଇଁ ଟିମ୍‌ରେ ଥିବା ମହମ୍ମଦ ରିଜ୍‌ୱାନ୍, ଫହିମ୍ ଅଶରଫ୍, ଫୈସଲ୍ ଅକରମ୍, ସାଦ୍ ମସୁଦ୍, ମହମ୍ମଦ ୱାସିମ୍ ଜୁନିୟର୍ ଏବଂ ହୁସେନ୍ ତଲାତ୍‌ଙ୍କୁ ବାଦ୍ ଦିଆଯାଇଛି। ଏହା ମଧ୍ୟରେ ପାକିସ୍ତାନ ଟିମ୍‌ରେ ଦୁଇଜଣ ନୂଆ ଖେଳାଳିଙ୍କୁ ସୁଯୋଗ ଦେଇଛି। ଫାଷ୍ଟ ବୋଲର୍ ଅହମଦ ଦାନିୟଲ୍ ଏବଂ ଅଲ୍‌ରାଉଣ୍ଡର୍ ଅରାଫାନ୍ ମିନ୍‌ହାସ୍‌ଙ୍କୁ ପ୍ରଥମ ଥର ଦିନିକିଆ ଟିମ୍‌ରେ ସାମିଲ କରାଯାଇଛି। ଓପ୍ନର୍ ଫଖର୍ ଜମାନ୍ ଏବଂ ସାମ୍ ଅୟୁବ୍ ଆଘାତ କାରଣରୁ ଚୟନ ପାଇଁ ଉପଲବ୍ଧ ନଥିଲେ। ବାମହାତୀ ଫାଷ୍ଟ ବୋଲର୍ ଶାହିନ୍ ଶାହ ଆଫ୍ରିଦିଙ୍କୁ ଟିମ୍‌ର କ୍ୟାପ୍ଟେନ୍ ଏବଂ ସଲ୍‌ମାନ୍ ଅଲି ଆଗାଙ୍କୁ ଭାଇସ୍ କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ସିରିଜ୍ ମେ ୩୦ ତାରିଖରୁ ରାୱଲ୍‌ପିଣ୍ଡିରେ ଆରମ୍ଭ ହେବ। ବାକି ଦୁଇ ମ୍ୟାଚ୍ ଜୁନ୍ ୨ ଏବଂ ଜୁନ୍ ୪ ତାରିଖରେ ଲାହୋରରେ ଖେଳାଯିବ।

ପାକିସ୍ତାନ ଦିନିକିଆ ଟିମ୍: ଶାହିନ୍ ଶାହ ଆଫ୍ରିଦି (କ୍ୟାପ୍ଟେନ୍), ସଲ୍‌ମାନ୍ ଅଲି ଆଗା (ଭାଇସ୍ କ୍ୟାପ୍ଟେନ୍), ଅବ୍‌ଦୁଲ୍ ସମଦ, ଅବରାର୍ ଅହମଦ, ଅହମଦ ଦାନିୟଲ୍, ଅରାଫାନ୍ ମିନ୍‌ହାସ୍, ବାବର ଆଜମ୍, ହାରିସ୍ ରଉଫ୍, ମାକ୍ ସାଦାକତ୍, ଗାଜୀ ଘୋରୀ, ନସୀମ୍ ଶାହ, ସୋହେଲ୍ ନଜୀର, ସାହବଜାଦା ଫରହାନ୍, ଶାଦାବ୍ ଖାନ୍, ଶାମିଲ୍ ହୁସେନ୍ ଏବଂ ସୁଫିୟାନ୍ ମୁକିମ୍।

ଦେଶ ବିଦେଶ

ଏଭରେଷ୍ଟ ଆରୋହଣ ପରେ ଫେରୁଥିବା ଦୁଇ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୨।୫/ଏଜେନ୍ସି: ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ଫେରୁଥିବା ବେଳେ ଦୁଇଜଣ ଭାରତୀୟ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ନେପାଳ ଅଭିଯାନ ସଂଚାଳକ ସଂଘର ସାଧାରଣ ସମ୍ପାଦକ ଋଷି ଭଣ୍ଡାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସନ୍ଦୀପ ଅରେ ଏବଂ ଅରୁଣ କୁମାର ତିୱାରୀ ନାମକ ଦୁଇ ପର୍ବତାରୋହୀ ଏଭରେଷ୍ଟରୁ ଓହ୍ଲାଉଥିବା ସମୟରେ ଗମ୍ଭୀର ଭାବେ ଥକି ଯାଇଥିଲେ। ଫଳରେ ସେମାନଙ୍କ ଶ୍ୱାସରୁଦ୍ଧ ହୋଇଯାଇଥିଲା। ଭଣ୍ଡାରୀ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ କହିଛନ୍ତି, ସନ୍ଦୀପ ଅରେ ବୁଧବାର ଏବଂ ଅରୁଣ ତିୱାରୀ ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାରେ ଏଭରେଷ୍ଟ ଆରୋହଣ କରିଥିଲେ। ଅରୁଣଙ୍କ ମୃତ୍ୟୁ ହିଲେରୀ ଷ୍ଟେପ୍ ନିକଟରେ ହୋଇଥିବା ବେଳେ ସନ୍ଦୀପ ଅରେଙ୍କୁ ଶେରପା ରେସ୍‌କ୍ୟୁ ଟିମ୍ ଉଦ୍ଧାର କରି କ୍ୟାମ୍ପ-୨ ଆଣିଥିଲେ। ତେବେ କ୍ୟାମ୍ପରେ ପହଞ୍ଚିବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ସନ୍ଦୀପ ଅରେ ଅନ୍ୟ ଦୁଇ ଭାରତୀୟ ପର୍ବତାରୋହୀ ତୁଳସୀ ରେଡ୍ଡୀ ପାଲପୁନୁରୀ ଏବଂ ଅଜୟ ପାଲ୍ ସିଂହ ଧାଲିୱାଲ୍‌ଙ୍କ ସହ ୮,୮୪୮ ମଟର ଉଚ୍ଚ ଶୃଙ୍ଗରେ ପହଞ୍ଚିଥିଲେ। ପରଦିନ ଅର୍ଥାତ୍ ଗୁରୁବାର ଭାରତର ଅରୁଣ ତିୱାରୀ ଏବଂ ଲକ୍ଷ୍ମୀକାନ୍ତ ମଣ୍ଡଳ ଶୃଙ୍ଗ ଆରୋହଣ କରିଥିଲେ।

ବିଶ୍ୱ ଶାନ୍ତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୌରବପୂର୍ଣ୍ଣ ମୁହୂର୍ତ୍ତ

ଆଚାର୍ଯ୍ୟ ବାଳକୃଷ୍ଣ 'ଆଇ ଏମ୍ ପିସ୍‌କିପର୍-ଚାମ୍ପିଅନ୍ ହେଲ୍‌ଥ ଆୱାର୍ଡ ୨୦୨୬'ରେ ସମ୍ମାନିତ

ହରିଦ୍ୱାର,୨୨।୫/ଏଜେନ୍ସି: ଯୋଗ, ଆୟୁର୍ବେଦ ଏବଂ ଭାରତୀୟ ଜ୍ଞାନ ପରମ୍ପରାର ପଥପ୍ରଦର୍ଶକ ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ଅନ୍ତର୍ଜାତୀୟ ମଞ୍ଚରେ ଆଉ ଏକ ପ୍ରତିଷ୍ଠିତ ସମ୍ମାନରେ ଅଳଙ୍କୃତ କରାଯାଇଛି। ମୁମ୍ବାଇରେ ଆୟୋଜିତ ବୈଶ୍ୱିକ 'ବିଲିୟନାୟର୍ ଫର୍ ପିସ୍ କନ୍‌କ୍ଲେଭ୍ ୨୦୨୬ରେ ତାଙ୍କୁ 'ଆଇ ଏମ୍ ପିସ୍‌କିପର୍-ଚାମ୍ପିଅନ୍ ହେଲ୍‌ଥ ଆୱାର୍ଡ ୨୦୨୬'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ବିଶ୍ୱ ଶାନ୍ତି, ମାନବିକତା, ସ୍ୱାସ୍ଥ୍ୟ ସେବା ଏବଂ ବୈଶ୍ୱିକ କଲ୍ୟାଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରଦାନ କରାଯାଇଛି। ଆୟୁର୍ବେଦ ଏବଂ ଭାରତୀୟ ଚିକିତ୍ସା ପଦ୍ଧତିକୁ ସାରା ବିଶ୍ୱରେ ଅଭୂତପୂର୍ବ ସ୍ୱୀକାର୍ଯ୍ୟତା ମିଳିଥିବା ବେଳେ ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ଏହି ସମ୍ମାନ ମିଳିଛି। ନିଜର ଅନୁକରଣୀୟ ଶୋଧ, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ବୈଶ୍ୱିକ ଉଦ୍ୟମ ଜରିଆରେ ଆୟୁର୍ବେଦକୁ ସେ କେବଳ ପାରମ୍ପରିକ ଚିକିତ୍ସା ପଦ୍ଧତିରେ ସୀମିତ ରହିବାକୁ ଦେଇନାହାନ୍ତି। ଅପିତୁ ତାକୁ ଆଧୁନିକ ବୈଜ୍ଞାନିକ ଅନୁସନ୍ଧାନ ଏବଂ ସମଗ୍ର ସ୍ୱାସ୍ଥ୍ୟ ସହିତ ଯୋଡ଼ି ନୂଆ ଦିଗ ପ୍ରଦାନ କରିଛନ୍ତି। ତାଙ୍କ ନେତୃତ୍ୱରେ ପତଞ୍ଜଳି ଦ୍ୱାରା ଭାରତୀୟ ପୌରାଣିକ ଗ୍ରନ୍ଥରେ ସମାହିତ ଜ୍ଞାନକୁ ଆଧୁନିକ ବିଜ୍ଞାନର ସାକ୍ଷ୍ୟ ଆଧାରିତ ପରିଣାମ ଜରିଆରେ ବିଶ୍ୱ ସମ୍ମୁଖରେ ପ୍ରସ୍ତୁତ କରାଯାଉଛି।

ସମ୍ମାନ ପାଇବା ପରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଏକ ସୁସ୍ଥ ମାନବ ହିଁ ଶାନ୍ତିପୂର୍ଣ୍ଣ ସମାଜ ଏବଂ ସଶକ୍ତ ରାଷ୍ଟ୍ର ନିର୍ମାଣ କରିବାରେ ସମର୍ଥ ହୋଇଥାଏ। ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବତାକୁ ସନ୍ତୁଳିତ, ନିରୋଗ ଏବଂ ସକାରାତ୍ମକ ଜୀବନର ଦିଗ ପ୍ରଦାନ କରୁଥିବା ବିଜ୍ଞାନ। ଭାରତ ସର୍ବଦା 'ବସୁଧୈବ କୁଟୁମ୍ବକମ୍' ଭାବନାର ପ୍ରତିନିଧିତ୍ୱ କରିଆସୁଛି ଏବଂ ଆଜି ସାରା ବିଶ୍ୱ ଶାନ୍ତି, ସହାବସ୍ଥାନ ଏବଂ ସମଗ୍ର ସ୍ୱାସ୍ଥ୍ୟ ପାଇଁ ଭାରତ ଆଡ଼କୁ ଆଶାର ଦୃଷ୍ଟିରେ ଚାହିଁ ରହିଛି। ଆଜି ବିଶ୍ୱ ଯେଉଁ ମାନସିକ ଚିନ୍ତା, ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ସଂକଟ ଦେଇ ଗତି କରୁଛି, ତାର ସମାଧାନ ପ୍ରକୃତି ଏବଂ ଭାରତୀୟ ଜ୍ଞାନ ପରମ୍ପରାରେ ନିହିତ। ଯୋଗ ଏବଂ ଆୟୁର୍ବେଦ ବିଶ୍ୱକୁ କେବଳ ରୋଗମୁକ୍ତ ନୁହେଁ, ବରଂ ଚିନ୍ତାମୁକ୍ତ ଏବଂ ସଂଘର୍ଷମୁକ୍ତ ଜୀବନର ଦିଗ ମଧ୍ୟ ପ୍ରଦାନ କରୁଛି। ସେ ଆହୁରି କହିଛନ୍ତି, ଏହି ସମ୍ମାନ ବ୍ୟକ୍ତିଗତ ନୁହେଁ, ବରଂ ଭାରତୀୟ ସଂସ୍କୃତି, ଆୟୁର୍ବେଦ ଏବଂ ପ୍ରାକୃତିକ ଜୀବନଶୈଳୀ ଆପଣାଇ ସୁସ୍ଥ ଶରୀର, ସୁସ୍ଥ ବ୍ୟକ୍ତିତ୍ୱ, ସୁସ୍ଥ ସମାଗର ଭିତ୍ତିଭୂମି ସ୍ଥାପନ ସହିତ ମାନବତାର ବାର୍ତ୍ତାକୁ ଆଗେଇ ନେଇଥିବା କୋଟି କୋଟି ଲୋକଙ୍କ ସମ୍ମାନ।

ଆଚାର୍ଯ୍ୟ ବାଳକୃଷ୍ଣ ବୈଶ୍ୱିକ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା, ପ୍ରାକୃତିକ ଚିକିତ୍ସା ଏବଂ ମାନବ

କଲ୍ୟାଣ କ୍ଷେତ୍ରରେ ଅସାଧାରଣ ଯୋଗଦାନ ଦେଇଛନ୍ତି। ତାଙ୍କ ପ୍ରୟାସ ଭାରତୀୟ ଆୟୁର୍ବେଦକୁ ବିଶ୍ୱ ମଞ୍ଚରେ ନୂଆ ପ୍ରତିଷ୍ଠା ପ୍ରଦାନ କରିବା ସହିତ କୋଟି କୋଟି ଲୋକଙ୍କୁ ସୁସ୍ଥ ଜୀବନଶୈଳୀ ପାଇଁ ପ୍ରେରିତ କରିଛି।

'ଆଇ ଏମ୍ ପିସ୍‌କିପର୍' ଅଭିଯାନର ଉଦ୍ଦେଶ୍ୟ ସାରା ବିଶ୍ୱରେ ଶାନ୍ତି, ନ୍ୟାୟ, ସଦ୍‌ଭାବ ଏବଂ ମାନବତାର ମୂଲ୍ୟକୁ ପ୍ରୋତ୍ସାହିତ କରିବା। ଏହି ବୈଶ୍ୱିକ ଅଭିଯାନରେ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା, ଶିଳ୍ପପତି, ନୀତି ନିର୍ମାତା, ସାମାଜିକ ଚିନ୍ତକ ଏବଂ ବିଭିନ୍ନ ଦେଶର ଆଧ୍ୟାତ୍ମିକ ନେତା ଜଡ଼ିତ। ସମ୍ମିଳନୀରେ ବିଶ୍ୱ ଶାନ୍ତି ଏବଂ ମାନବ କଲ୍ୟାଣକୁ ନେଇ ମହତ୍ତ୍ୱପୂର୍ଣ୍ଣ ବିଚାର ବିମର୍ଶ ହୋଇଥିବା ବେଳେ ଅନ୍ତର୍ଜାତୀୟ ହସ୍ତୀ ଏଥିରେ ଭାଗ ନେଇଛନ୍ତି।

ଆଚାର୍ଯ୍ୟ ବାଳକୃଷ୍ଣଙ୍କୁ ମିଳିଥିବା ଏହି ସମ୍ମାନ କେବଳ ପତଞ୍ଜଳି ପରିବାର ପାଇଁ ଗୌରବର ବିଷୟ ନୁହେଁ, ବରଂ ଏହା ଭାରତର ପ୍ରାଚୀନ ଆୟୁର୍ବେଦିକ୍ ପରମ୍ପରା ଏବଂ ବୈଶ୍ୱିକ ସ୍ତରରେ ଆୟୁର୍ବେଦର ବୃଦ୍ଧି ପାଉଥିବା ପ୍ରଭାବର ପରିଚାୟକ। ବୈଶ୍ୱିକ ମଞ୍ଚରେ ଭାରତୀୟ ସଂସ୍କୃତି, ଯୋଗ ଏବଂ ଆୟୁର୍ବେଦର ବୃଦ୍ଧି ପାଉଥିବା ପ୍ରତିଷ୍ଠା ଆଗାମୀ ସମୟ ପ୍ରାକୃତିକ ଚିକିତ୍ସା, ସମଗ୍ର ସ୍ୱାସ୍ଥ୍ୟ ଏବଂ ମାନବୀୟ ମୂଲ୍ୟବୋଧର ବୋଲି ପ୍ରଦର୍ଶିତ କରୁଛି।

କେନ୍ଦୁପତ୍ର ସଂଗ୍ରହ ବେଳେ ବାଘ ଆକ୍ରମଣରେ ୪ ମହିଳା ମୃତ

ଚନ୍ଦ୍ରପୁର,୨୨।୫/ଏଜେନ୍ସି: ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାରେ ସିନ୍ଦେୱାହି ତାଲୁକାର ଏକ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ସକାଳେ କେନ୍ଦୁପତ୍ର ସଂଗ୍ରହ କରୁଥିବା ବେଳେ ବାଘ ଆକ୍ରମଣରେ ୪ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାଟି ଗୁଞ୍ଜେୱାହି-ପୱନପର ଜଙ୍ଗଲ ଅଞ୍ଚଳରେ ଘଟିଛି। ଗାଁର ୧୩ ଜଣ କେନ୍ଦୁପତ୍ର ସଂଗ୍ରହ କରିବାକୁ ସକାଳୁ ଏକାଠି ଏହି ଜଙ୍ଗଲକୁ ଯାଇଥିଲେ। ତେବେ ଫେରିବା ବେଳକୁ ମାତ୍ର ନଅ ଜଣ ମହିଳା ଜୀବିତ ଫେରିଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ ମହିଳାମାନେ ଜଙ୍ଗଲ ଭିତରେ ପତ୍ର ସଂଗ୍ରହରେ ବ୍ୟସ୍ତ ଥିବାବେଳେ ସକାଳ ପ୍ରାୟ ୮ଟା ସମୟରେ ଘଞ୍ଚ ବୁଦା ଭିତରେ ଅପେକ୍ଷା କରିଥିବା ଏକ ବାଘ ହଠାତ୍ ସେମାନଙ୍କ ଉପରେ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ଚାରିଜଣ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଚିତ୍କାର କରି ପଳାଇ ଯାଇଥିଲେ। ମୃତକମାନେ ହେଲେ କବିତା ଦାଦାଜୀ ମୋହୁର୍ଲେ (୪୫), ଅନୀତା ଦାଦାଜୀ ମୋହୁର୍ଲେ (୪୬), ସଙ୍ଗୀତା ସନ୍ତୋଷ ଚୌଧୁରୀ (୪୦) ଓ ସୁନୀତା କୌଶିକ ମୋହୁର୍ଲେ (୩୩)। ଏହି ଖବର ପାଇବା ପରେ ଜଙ୍ଗଲ ବିଭାଗ ଅଧିକାରୀମାନେ ପୁଲିସ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra